- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 43 ◆ISSUE-81 ◆SUNDAY ◆14 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୮୧ ◆ରବିବାର ◆୧୪ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ବିଶ୍ୱର ପ୍ରଥମ ଏଆଇ ମନ୍ତ୍ରୀ 'ଡାଏଲା'



**ଦୁର୍ନୀତି ରୋକିବାକୁ ନିଯୁକ୍ତ କଲା ଆଲ୍‌ବେନିଆ**

■ **ଟିରାନ,୧୩।୯(ଏଜେନ୍ସି):** ବିଶ୍ୱର ପ୍ରଥମ ଦେଶ ଭାବେ ଆଲ୍‌ବେନିଆ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମନ୍ତ୍ରୀକୁ ନିଯୁକ୍ତି ଦେଇଛି। ୟୁରୋପୀୟ ଦେଶ ଆଲ୍‌ବେନିଆର ଏହି ଏଆଇ ମନ୍ତ୍ରୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କୌଣସି ବ୍ୟକ୍ତି ଏହି ମନ୍ତ୍ରୀପଦରେ ନାହାନ୍ତି। ବରଂ ଏହା ପିକ୍ସଲ ଓ କୋଡ୍ ଦ୍ୱାରା ତିଆରି ହୋଇଥିବା ଏକ ଆଭାସୀ ମନ୍ତ୍ରୀ। ଏହା ସମ୍ପୂର୍ଣ୍ଣ ଭାବେ ଏଆଇ ଦ୍ୱାରା କାମ କରିବ। ଏହାର ନାମ 'ଡାଏଲା' ରଖାଯାଇଛି। ଆଲ୍‌ବେନିଆ ଭାଷାରେ 'ଡାଏଲା' ଅର୍ଥ ଖରା ବା ସୂର୍ଯ୍ୟ। ଦୁର୍ନୀତି ରୋକିବାକୁ ଆଲ୍‌ବେନିଆ ଏହି ଅଭିନବ ଉପାୟ ଅବଲମ୍ବନ କରିଛି। ପ୍ରଧାନମନ୍ତ୍ରୀ ଏଡି ରାମା ଚତୁର୍ଥଥର ପାଇଁ ନିର୍ବାଚନ ଜିତିବା ପରେ କିଛିମାସ ପରେ ଡାଏଲାକୁ ନିଜ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ଡାଏଲାକୁ ସରକାରୀ ପାଣ୍ଠି ପ୍ରକଳ୍ପ ଓ ପବ୍ଲିକ ଟେଣ୍ଡରରେ ଦୁର୍ନୀତି ରୋକିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ଏହାକୁ ସମାଲୋଚନା କରିଛି ଓ ଏହାକୁ ପବ୍ଲିସିଟି ଷ୍ଟଣ୍ଟ ଅର୍ଥାତ ପ୍ରଚାର ସର୍ବସ୍ୱ ବୋଲି ଅଭିହିତ କରିଛି। ଏହାପୂର୍ବରୁ ଡାଏଲା ଆଲ୍‌ବେନିଆରେ କାର୍ଯ୍ୟ କରିଛି। ସେ ଏକ ଏଆଇ ଆଭାସୀ ଆସିଷ୍ଟାଣ୍ଟ ଭାବେ ନାଗରିକଙ୍କୁ ସରକାରୀ କାଗଜପତ୍ର ଦେବାରେ ସହାୟତା ପ୍ରଦାନ କରିଛି। ଏହି କ୍ରମରେ ସେ ୧୦ ଲକ୍ଷ ଲୋକଙ୍କୁ ସାହାଯ୍ୟ କରିଛି ଓ ଆଲ୍‌ବେନିଆ ନାଗରିକ ଡାଏଲା ସହ ପୂର୍ବରୁ ପରିଚିତ ଅଛନ୍ତି।

# ରାଜସ୍ଥାନରୁ ୧୫ରେ ମୌସୁମୀର ଲେଉଟାଣି

## ଏଥର ୭ ପ୍ରତିଶତ ଅଧିକ ବର୍ଷା ହେଲାଣି

## ହିମାଚଳରେ ପୁଣି ବାଦଲ୍‌ଫଟା ବର୍ଷା

■ **ନୂଆଦିଲ୍ଲୀ, ୧୩।୯(ଏଜେନ୍ସି):** ଏଥର ଦେଶରେ ରାଜସ୍ଥାନରୁ ହିଁ ମୌସୁମୀ ବିଦାୟ ନେବା ପ୍ରକ୍ରିୟା ଆରମ୍ଭ କରିବ। ସେପ୍ଟେମ୍ବର ୧୫ରୁ ମୌସୁମୀ ଭାରତର ଏହି ଉତ୍ତରପଶ୍ଚିମ ରାଜ୍ୟରୁ ମେଲାଣି ନେବା ଆରମ୍ଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସାଧରଣତଃ ମୌସୁମୀ ସେପ୍ଟେମ୍ବର ୧୭ରୁ ଫେରିବା ଆରମ୍ଭ କରିଥାଏ ଓ ଅକ୍ଟୋବର ୧୫ରେ ଦେଶରୁ ସମ୍ପୂର୍ଣ୍ଣ ଭାବେ ବିଦାୟ ନେଇଥାଏ। ସୂଚନାଯୋଗ୍ୟ ଯେ ଏଥର ମୌସୁମୀ ମେ ୨୪ରେ କେରଳରେ ପ୍ରଥମେ ପ୍ରବେଶ କରିଥିଲା। ୨୦୦୯ ପରେ ସବୁଠାରୁ ଶୀଘ୍ର ଅର୍ଥାତ ୮ ଦିନ ପୂର୍ବରୁ ଆସିଥିଲା। ଏହାପରେ ▶ପୃଷ୍ଠା-୧୦



## ଭାରତ, ଚୀନ ଉପରେ କଠୋର କଟକଣା ପାଇଁ ମସୁଧା

# ସହଯୋଗୀ ଖୋଜୁଛନ୍ତି ଟ୍ରମ୍ପ



■ **ୱାଶିଂଟନ, ୧୩।୯ (ଏଜେନ୍ସି):** ବ୍ୟସ୍ତ ବିବ୍ରତ ହୋଇପଡ଼ିଲେଣି ଆମେରିକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ। ଯେତେ ଯାହା କଲେ ମଧ ରୁଷ-ୟୁକ୍ରେନ ଯୁଦ୍ଧ ଅଟକାଇ ପାରୁ ନାହାନ୍ତି। ନୋବେଲ ଶାନ୍ତି ପୁରସ୍କାର ପାଇଁ ବ୍ୟାକୁଳ ଥିବା ଟ୍ରମ୍ପ ତାଙ୍କର ସମସ୍ତ ରାଗ ଭାରତ ଉପରେ ଶୁଝାଉଛନ୍ତି। ରୁଷ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ଭାରତୀୟ ସାମଗ୍ରୀ ଉପରେ ସେ ୫୦ ପ୍ରତିଶତ ଶୁଳ୍କ ମଧ ଲଗାଇଛନ୍ତି। ଏହାସତ୍ତ୍ୱେ ରୁଷରୁ ତେଲ କିଣିବା ଅବ୍ୟାହତ ରଖିବା ସହିତ ଚୀନ ଓ ରୁଷ ସହିତ ବନ୍ଧୁତା ବଢ଼ାଇ ଚାଲିଛି ଭାରତ। ଏହାକୁ ନେଇ ଅସହାୟ ହୋଇପଡ଼ିଛନ୍ତି ଟ୍ରମ୍ପ। ତେଣୁ ଆମେରିକା ଭଳି ଭାରତ ଓ ଚୀନ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରିବା ଲାଗି ସେ ଜି-୭ ରାଷ୍ଟ୍ର ଓ ୟୁରୋପୀୟ ୟୁନିଅନ୍ ଉପରେ ଚାପ ପକାଉଛନ୍ତି। ଦରକାର ପଡ଼ିଲେ ଏହି ଦେଶମାନଙ୍କ ଉପରେ ଶହେ ପ୍ରତିଶତ ଶୁଳ୍କ ବସାଇବାକୁ ସେ ଧମକ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଆମେରିକାର ଅର୍ଥ ମନ୍ତ୍ରୀ ସ୍କଟ୍ ବେସେଣ୍ଟ ଏବଂ ବାଣିଜ୍ୟ ପ୍ରତିନିଧି ଜେମିସନ୍ ଆଜି ଜି-୭ ଦେଶର ମନ୍ତ୍ରୀମାନଙ୍କୁ ଭେଟି ଟ୍ରମ୍ପଙ୍କ ବାର୍ତ୍ତା ଶୁଣାଇଛନ୍ତି। ସେମାନେ କହିଥିଲେ ଯେ ୟୁକ୍ରେନ ଉପରେ ରୁଷ ଯୁଦ୍ଧ ଶେଷ କରିବାକୁ ହେଲେ ରୁଷରୁ ତେଲ କିଣୁଥିବା ଦେଶମାନଙ୍କ ଉପରେ କଠୋର କଟକଣା ଜାରି କରାଯିବାର

## ଜି-୭, ନାଟୋର ସହାୟତା ଲୋଡ଼ିଲେ

ଆବଶ୍ୟକତା ରହିଛି। ସେମାନେ ଭାରତ ଓ ଚୀନକୁ ଟାର୍ଗେଟ କରି ଏହି ଅଭିଯାନ ଚଳାଇଛନ୍ତି। ଏହି ଜି-୭ ସଂଗଠନରେ ଆମେରିକା ସମେତ ବ୍ରିଟେନ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ବିକଶିତ ଓ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ଅଛନ୍ତି। ଆମେରିକା ସେମାନଙ୍କୁ ବୁଝାଇଛି ଯେ ଜି-୭ ସହଯୋଗ ନ କଲେ ଆମେରିକାର କଟକଣା କାମ ଦେବନାହିଁ।

ଗୋଟିଏ ପଟେ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରି ସମ୍ପର୍କ ସୁଧାରିବା ପାଇଁ ଟ୍ରମ୍ପ ପ୍ରୟାସ କରୁଥିବା ବେଳେ ଅନ୍ୟପଟେ ଜି-୭ ରାଷ୍ଟ୍ର ସହ ମିଶି ଭାରତ ବିରୋଧୀ ଷଡ଼ଯନ୍ତ୍ର କରୁଥିବା ଏଥିରୁ ସ୍ପଷ୍ଟ ହୋଇଯାଉଛି। ଶୁଳ୍କ ଲଗାଇ ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଥିବା ଆମେରିକା ରାଷ୍ଟ୍ରପତି ଜି-୭ ରାଷ୍ଟ୍ର ଗୋଷ୍ଠୀଙ୍କୁ ମଧ ଏପରି କରିବାକୁ ପ୍ରବର୍ତ୍ତାଉଛନ୍ତି। ଏହା ମଧ୍ୟରେ ରୁଷଠୁ ତେଲ କିଣିବାକୁ ନେଇ ଜି-୭ ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀ ଭାରତ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଜି-୭ ଆଲୋଚନା ପରେ ଆମେରିକା ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ସେମାନେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବାର୍ତ୍ତା ରଖିଥିଲେ। ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଥିଲେ, ରୁଷଠୁ ତେଲ କିଣୁଥିବା ରାଷ୍ଟ୍ର ଉପରେ ଶୁଳ୍କ ଲଗାଇବା ଜରୁରି ବୋଲି କହିଥିଲେ। ଏନେଇ ଆମେରିକାକୁ ସହଯୋଗ କରିବା ଆବଶ୍ୟକ। ତେବେ ବିବୃତିରେ କୌଣସି ଦେଶର ନାମ ନିଆଯାଇ ନ ଥିଲା। କିନ୍ତୁ ଭାରତ ଏବଂ ଚୀନ୍‌କୁ ଆମେରିକା ଦୋଷ ଦେଇ ଆସୁଛି। ରୁଷ ଠାରୁ ଚୀନ୍ ସର୍ବାଧିକ ତେଲ କିଣୁଥିବା ବେଳେ ଟ୍ରମ୍ପ କେବଳ ଭାରତ ଉପରେ ଶୁଳ୍କ ଲଗାଇଛନ୍ତି। ▶ପୃଷ୍ଠା-୧୦

### ରୁଷରୁ କିଏ, କେତେ କିଣୁଛି
(ତେଲ, କୋଇଲା, ଗ୍ୟାସ)

| | |
|---|---|
| ଚୀନ୍ | ୬୬୦ କୋଟି ଡଲାର |
| ଭାରତ | ୪୨୦ କୋଟି ଡଲାର |
| ତୁର୍କୀ | ୩୫୦ କୋଟି ଡଲାର |
| ୟୁରୋପ | ୧୩୦ କୋଟି ଡଲାର |

## ଏସିଆ କପ୍ କ୍ରିକେଟ

# ଭାରତ-ପାକ୍ ମୁକାବିଲା ଆଜି




## ମ୍ୟାଚ୍ ବର୍ଜନ ପାଇଁ ଭାରତରେ ଅଭିଯାନ

## ଦୁବାଇ ଯିବେନି ବିସିସିଆଇ କର୍ମକର୍ତ୍ତା

■ **ଦୁବାଇ, ୧୩।୯ (ଏଜେନ୍ସି):** ଏଠାରେ ଚାଲିଥିବା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲଟେଜ୍ ମୁକାବିଲା ହେବ। ଏହି ପ୍ରତିଯୋଗିତା ଲାଗି ଉଭୟ ଦଳର ଖେଳାଳି, ସମର୍ଥକ ଓ କର୍ମକର୍ତ୍ତା ପ୍ରସ୍ତୁତ ରହିଛନ୍ତି। ଆସନ୍ତାକାଲିର ମୁକାବିଲା ଭାରତୀୟ ସମୟ ରାତି ୮ଟାରୁ ଆରମ୍ଭ ହେବ। ଏହି ମ୍ୟାଚ୍‌ର ସିଧାପ୍ରସାରଣ ସୋନି ଟିଭି ନେଟ୍‌ୱର୍କରେ ପ୍ରସାରିତ ହେବ।

ଅନ୍ୟପକ୍ଷରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ଭାରତ-ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ବର୍ଜନ ଲାଗି ଦେଶ ଭିତରେ ବଡ଼ ଧରଣର ଅଭିଯାନ ଚାଲିଛି। ବିଶେଷ କରି ବିରୋଧୀ ଦଳ ଏହାର ନେତୃତ୍ୱ ନେଉଛନ୍ତି। ଏଥିରେ କ୍ରିକେଟ ପ୍ରଶଂସକ ମଧ ସାମିଲ ହୋଇଛନ୍ତି। ସେମାନେ ଯୁକ୍ତି କରିଛନ୍ତି ଯେ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ଅକ୍ରମଣର ଶିକାର ହୋଇଥିବା ପରିବାର ଆଖିରୁ ଲୁହ ଶୁଖି ନଥିବା ବେଳେ ପାକିସ୍ତାନ ସହ ମ୍ୟାଚ୍ ସେମାନଙ୍କର ଭାବନା ପ୍ରତି ଅସମ୍ମାନ। କେବଳ ଏତିକି ନୁହେଁ; ଏହା ସମଗ୍ର ଦେଶବାସୀଙ୍କ ପ୍ରତି ମଧ ଅପମାନ। ଏହାକୁ ବର୍ଜନ କରିବା ପାଇଁ ସେମାନେ ଆହ୍ୱାନ ଜଣାଇଛନ୍ତି। କଂଗ୍ରେସ, ଆପ୍ ଏବଂ ଶିବସେନା (ଉଦ୍ଧବ) ପକ୍ଷରୁ କୁହାଯାଇଛି ଯେ ସାମାଜିକ ଗଣମାଧ୍ୟମରେ ପାକିସ୍ତାନୀ ଖେଳାଳି ଭାରତୀୟଙ୍କ ପ୍ରତି ▶ପୃଷ୍ଠା-୧୦

## ୨୭ରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ

# ବ୍ରହ୍ମପୁର ସମାବେଶରେ ଯୋଗଦେବେ

■ **ଭୁବନେଶ୍ୱର, ୧୩।୯ (ସମିସ):** ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବ୍ରହ୍ମପୁରରେ ଏକ ଜନସମାବେଶରେ ଯୋଗଦେବେ। ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି ବିଜେପିର ଓଡ଼ିଶା ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଯେତେବେଳେ ଓଡ଼ିଶା ଗସ୍ତରେ ଆସନ୍ତି, ସେତେବେଳେ ଓଡ଼ିଶାକୁ କିଛି ନା କିଛି ଦେଇକରି ଯାଇଥା'ନ୍ତି। ପ୍ରଧାନମନ୍ତ୍ରୀଙ୍କ ଫୋକସ୍‌ରେ ଓଡ଼ିଶା ରହିଛି। ପ୍ରଧାନମନ୍ତ୍ରୀ ସବୁବେଳେ ଯୁବ ଓ ମହିଳା ବର୍ଗକୁ ପ୍ରାଥମିକତା ଦେଇଆସିଛନ୍ତି ବୋଲି ତୋମାର କହିଛନ୍ତି।

### ଚଳିତ ମାସରେ ବହୁତ କିଛି ହେବ: ତୋମାର

### ପୁଣି ବଢ଼ିଲା ମନ୍ତ୍ରିମଣ୍ଡଳ ପୁନର୍ଗଠନ ଚର୍ଚ୍ଚା



ଅପରପକ୍ଷେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ, ବୋର୍ଡରେ ନିଯୁକ୍ତି ନେଇ ଚର୍ଚ୍ଚା ଥମୁ ନଥିବା ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନ ଉପରେ ପ୍ରତିକ୍ରିୟା ରଖି ଶ୍ରୀ ତୋମାର କହିଛନ୍ତି, ଏହି ମାସରେ ରାଜ୍ୟରେ ବହୁତ କିଛି ହେବ। ଶ୍ରୀ ତୋମାରଙ୍କ ଏପରି ବୟାନ ପରେ ଚଳିତ ମାସ ଶେଷ ଆଡ଼କୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ କିଛି ନିଗମ ଓ ବୋର୍ଡରେ ନିଯୁକ୍ତି ହୋଇପାରେ ବୋଲି ଦଳୀୟ ମହଲରେ ଆଲୋଚନା ଜୋର୍ ଧରିଛି। ବିଜେପିର ଓଡ଼ିଶା ପ୍ରଭାରୀ ଶ୍ରୀ ତୋମାରଙ୍କ ବକ୍ତବ୍ୟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ରାଜନୈତିକ ବିଶ୍ଳେଷକମାନେ ମଧ ଭିନ୍ନ ଦୃଷ୍ଟିରେ ଆକଳନ କରୁଛନ୍ତି।

# ୧୭ ଯାଏଁ ବର୍ଷା

**ଭୁବନେଶ୍ୱର, ୧୩।୯(ସମିସ):** ଆସନ୍ତା ୧୭ ତାରିଖ ଯାଏଁ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ବର୍ଷା ହେବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। କେନ୍ଦ୍ର କହିଛି, ରବିବାର ରାଜ୍ୟବ୍ୟାପୀ ବର୍ଷା ସମ୍ଭାବନା ରହିଛି। ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ସହ ବିଜୁଳି, ଘଡ଼ଘଡ଼ି ହୋଇପାରେ। ଏହାବ୍ୟତୀତ ଅନ୍ୟ ଜିଲ୍ଲାଗୁଡ଼ିକରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ତେଣୁ ଏହି ସବୁ ଜିଲ୍ଲାଗୁଡ଼ିକ ପ୍ରତି ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି, ସୋମବାର ବର୍ଷାର ବିସ୍ତୃତି ବଢ଼ିବା ସହ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି ଓ ରାୟଗଡ଼ାରେ ପ୍ରବଳ ବର୍ଷା ହୋଇପାରେ। ଏହାବ୍ୟତୀତ ରାଜ୍ୟର ଅନ୍ୟ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ମଙ୍ଗଳବାର, ବୁଧବାର ବର୍ଷାର ପରିମାଣ କମିବାକୁ ଥିବା ବେଳେ ଗୁରୁବାରଠାରୁ ପାଗରେ ପରିବର୍ତ୍ତନ ଘଟିବ ବୋଲି କୁହାଯାଇଛି।

## ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ

# ନୂଆପଡ଼ାରେ ହେବ ଏସ୍‌ଏସ୍‌ଆର୍

■ **ଭୁବନେଶ୍ୱର, ୧୩।୯ (ସମିସ):** ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଉକ୍ତ ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ

### ଅକ୍ଟୋବର ୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା

ଏହି ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ (ଏସଏସଆର) ପାଇଁ କାର୍ଯ୍ୟସୂଚୀ ଜାରି କରାଯାଇଛି। ୨୦୨୫ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ବିବେଚନା କରି ଲୋକପ୍ରତିନିଧି ଆଇନ, ୧୯୫୦ର ଧାରା ୨୧ ଅନୁଯାୟୀ ଏହି ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି। କାର୍ଯ୍ୟସୂଚୀ ▶ପୃଷ୍ଠା-୧୦









## ରାଜଧାନୀରେ ଲଜ୍ଜା

# ମେଲୋଡି ଗାର୍ଲଙ୍କୁ ଗଣଦୁଷ୍କର୍ମ

■ **ଭୁବନେଶ୍ୱର, ୧୩।୯(ସମିସ):** ରାଜଧାନୀରେ ପୁଣି ଲଜ୍ଜା। ଗୀତ ଶିଖାଇବା ନାଁରେ ଓୟୋରେ ଯୁବତୀଙ୍କୁ ଗଣଦୁଷ୍କର୍ମ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଗତ ବୁଧବାର ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଚାଷୀଖଣ୍ଡା ଗାଁର ଚନ୍ଦନ କୁମାର ହାତୀ (୨୫) ଓରଫ୍ ଚନ୍ଦୁ, ପ୍ରସନ୍ନ କୁମାର ଆଚାର୍ଯ୍ୟ (୩୭) ଓ ଶ୍ରୀମାର୍ଗ ଗେଷ୍ଟହାଉସ୍ କେୟାରଟେକର୍ ରାଜେଶ କୁମାର ଦାସ (୩୨)। ଚନ୍ଦନ ଓ ପ୍ରସନ୍ନ ହେଉଛନ୍ତି ଦୁଇ ସାଙ୍ଗ।

### ଥଣ୍ଡା ପାନୀୟରେ ନିଶା ଦେଇଥିଲେ

### ଗୀତ ଶିଖାଇବା ଆଳରେ ଗେଷ୍ଟହାଉସ୍‌କୁ ଡକାଇଥିଲେ

### ୩ ଅଭିଯୁକ୍ତ ଗିରଫ



ପୁଲିସ ସୂଚନା ଅନୁସାରେ, ବଡ଼ ଭଉଣୀ ସହ ଭୁବନେଶ୍ୱରରେ ରହୁଥିବା ଯୁବତୀଜଣଙ୍କ ମେଲୋଡି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଭାବେ କାମ କରନ୍ତି। କିଛି ଦିନ ତଳେ ସାମାଜିକ ଗଣମାଧ୍ୟମ ଜରିଆରେ ସେ ଚନ୍ଦନ ସହ ପରିଚିତ ହୋଇଥିଲେ। ଚନ୍ଦନ ଏକ ପ୍ରତିଷ୍ଠିତ ଚ୍ୟାନେଲର ଷ୍ଟୁଡିଓରେ ସଙ୍ଗୀତ ସମ୍ବନ୍ଧୀୟ କାମ କରୁଛି ବୋଲି କହିଥିଲା। ଚନ୍ଦନ କିଛି ଦିନ କଥା ହେବା ପରେ ସଙ୍ଗୀତ ରେକର୍ଡିଂ ଓ ଫଟୋ ସୁଟ୍ କରିବା ବାହାନାରେ ଯୁବତୀଙ୍କୁ ଚନ୍ଦ୍ରଶେଖରପୁର ▶ପୃଷ୍ଠା-୧୦

# ଦେଶ ବିଦେଶ



## ଆତ୍ମସମର୍ପଣ କଲେ ମାଓ ନେତା କିଶେନ୍‌ଜୀଙ୍କ ପତ୍ନୀ

ହାଇଦରାବାଦ୍, ୧୩।୯(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ଦିବଂଗତ ମାଓନେତା ତଥା କମାଣ୍ଡର କିଶେନଜୀଙ୍କ ପତ୍ନୀ ପଥୁଲା ପଦ୍ମାବତୀ ଓରଫ୍ କଳ୍ପନା ଶନିବାର ତେଲଙ୍ଗାନା ପୁଲିସ ଡିଜି ଜିତେନ୍ଦରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୧୯୮୨ରୁ ପଦ୍ମାବତୀ ଅଣ୍ଡରଗ୍ରାଉଣ୍ଡ ହୋଇ ରହିଥିଲେ। ୬୨ ବର୍ଷୀୟ ପଦ୍ମାବତୀଙ୍କ ଉପରେ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ମାଓ ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଦାୟିତ୍ୱ ସମ୍ପାଦନ କରୁଥିଲେ। ସେ ସଂଗଠନର ସାଉଥ ସବ୍- ଜୋନାଲ ବ୍ୟୁରୋ ସେକ୍ରେଟାରୀ ଥିଲେ। ସେ ମଧ୍ୟ ଦଣ୍ଡକାରଣ୍ୟ ସ୍ପେଶିଆଲ ଜୋନାଲ କମିଟିରେ ଜନତା ସରକାରର କାର୍ଯ୍ୟବାହୀ ମୁଖ୍ୟ ଥିଲେ। ସେ ମଧ୍ୟ ସିପିଆଇ (ମାଓଷ୍ଟ) କେନ୍ଦ୍ରୀୟ କମିଟିର ସଦସ୍ୟ ଥିଲେ। ତେଲେଙ୍ଗାନାର ଜୋଗୁଲାମ୍ବା ଗଡ୍‌ୱାଲ ଜିଲ୍ଲାରେ ସେ ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ବରିଷ୍ଠ ମାଓନେତା ମାଲୋଜୁଲା କୋଟେଶ୍ୱର ରାଓ ଓରଫ୍ କିଶେନଜୀଙ୍କୁ ବିବାହ କରିଥିଲେ। ନିଜର ସମ୍ପର୍କୀୟ ଭାଇଙ୍କଠାରୁ ପ୍ରେରଣା ପାଇ ମାଓ ଆନ୍ଦୋଳନରେ ଯୋଗ ଦେଇଥିଲେ। ଛତିଶଗଡ଼, ମହାରାଷ୍ଟ୍ର, ତେଲଙ୍ଗାନା ଓ ଓଡ଼ିଶା ପୁଲିସ ତାଙ୍କୁ ଖୋଜୁଥିଲା।

## ୧୧୪ ରାଫେଲ ପାଇଁ ବାୟୁସେନାର ବରାଦ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ଭାରତୀୟ ବାୟୁସେନାକୁ ଏବେ ୧୧୪ଟି ମେଡ୍ ଇନ୍ ଇଣ୍ଡିଆ ତଥା ସ୍ୱଦେଶୀ ଲଢୁଆ ରାଫେଲ ବିମାନ ଆବଶ୍ୟକ। ଏଥିପାଇଁ ବାୟୁସେନା ତରଫରୁ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଛି। ଏହି ବିମାନଗୁଡିକୁ ଫ୍ରାନ୍ସର ଡାସଲ୍ଟ ଅଭିଏସନ କମ୍ପାନୀ ଓ ଭାରତୀୟ ଏରୋସ୍ପେଶ କମ୍ପାନୀ ମିଶିକରି ପ୍ରସ୍ତୁତ କରିବେ। ପାକିସ୍ତାନ ବିପକ୍ଷରେ ଅପରେସନ ସିନ୍ଦୂରରେ ରାଫେଲର ଦମ୍‌ଦାର ପ୍ରଦର୍ଶନ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ପ୍ରସ୍ତାବ ଅନୁସାରେ ୧୧୪ଟି ରାଫେଲ ବିମାନ ନିର୍ମାଣ କରିବାକୁ ପାଖାପାଖି ୨ ଲକ୍ଷ କୋଟି ଟଙ୍କା ବ୍ୟୟ ହେବ। ବାୟୁସେନା ତରଫରୁ ଦିଆଯାଇଥିବା ଏହି ପ୍ରସ୍ତାବ ମନ୍ତ୍ରଣାଳୟ ନିକଟରେ ପହଞ୍ଚିଛି। ଏ ନେଇ ବିଚାର କରାଯାଉଛି ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଭାରତୀୟ ବାୟୁସେନା ପାଖରେ ଏବେ ୩୬ଟି ରାଫେଲ ବିମାନ ରହିଛି। ଭାରତୀୟ ନୌସେନା ମଧ୍ୟ ୨୬ଟି ରାଫେଲ ମେରିନର ଅର୍ଡର ଦେଇଛି। ୧୧୪ଟି ବିମାନ ମିଳିବା ପରେ ଭାରତ ପାଖରେ ମୋଟ୍ ୧୭୬ଟି ରାଫଲେ ବିମାନ ଉପଲବ୍ଧ ହେବ। ଗତ ଜୁନ୍ ମାସରେ ଭାରତ ୨୬ଟି ରାଫେଲ ମେରିନ୍ ନେଇ ଫ୍ରାନ୍ସ ସହ ୬୩, ୦୦୦ କୋଟି ଟଙ୍କାର ଡିଲ୍ କରିଥିଲା।

## ଏଡିଆର୍ ପ୍ରତିଷ୍ଠାତା ଜଗଦୀପଙ୍କ ପରଲୋକ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଆସୋସିଏସନ ଫର ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର) ର ସହ ପ୍ରତିଷ୍ଠାତା ଜଗଦୀପ ଏସ୍ ଛୋକର ଶୁକ୍ରବାର ଦିଲ୍ଲୀରେ ହୃଦ୍‌ଘାତ୍‌ରେ ୮୦ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣିବାରେ ଏହି ସଂଗଠନ ଏଡିଆର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି। ଇଚ୍ଛା ଅନୁସାରେ ତାଙ୍କ ମରଶରୀରକୁ ରିସର୍ଚ୍ଚ ପାଇଁ ଲେଡି ହାର୍ଡିଙ୍ଗେ ମେଡିକାଲ କଲେଜକୁ ପ୍ରଦାନ କରାଯାଇଛି। ଆଇଆଇଏମ୍ ଅହମଦାବାଦ୍‌ରେ ପ୍ରଫେସର ଭାବେ ଶିକ୍ଷାଦାନ କରିଥିବା ଛୋକର ୧୯୯୯ରେ ଏଡିଆର ସ୍ଥାପନ କରିଥିଲେ। ଏହି ସଂଗଠନ ଜରିଆରେ ନିର୍ବାଚନ ପ୍ରକ୍ରିୟାକୁ ସୁଧାରିବାରେ ସେ ଆଇନଗତ ଲଢ଼େଇ ଲଢିଥିଲେ। ନିର୍ବାଚନରେ ପ୍ରାର୍ଥୀଙ୍କ ପୃଷ୍ଠଭୂମି ଓ ଇଲେକଟୋରାଲ ବଣ୍ଡ ସ୍କିମକୁ ରଦ୍ଦ କରିବାକୁ ସେ ପ୍ରୟାସ କରିଥିଲେ। ୧୯୪୪ ନଭେମ୍ବର ୨୫ରେ ଜନ୍ମଗ୍ରହଣ କରିଥିବା ଛୋକର ଭାରତୀୟ ରେଳବାଇରେ ନିଜର କ୍ୟାରିଅର ଆରମ୍ଭ କରିଥିଲେ। ଏହାପରେ ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜରେ ଏମ୍‌ବିଏ, ଆମେରିକାର ଲୋଇସିଆନା ଷ୍ଟେଟ ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି କରିବାର ପରେ ଆଇଆଇଏମ୍ ଅହମଦାବାଦ୍‌ରେ ୧୯୮୫ରେ ପ୍ରଫେସର ଭାବେ ଯୋଗ ଦେଇଥିଲେ।


## ୧୨ ମହଲାରୁ ଖସି ମା’-ପୁଅ ମୃତ

ନୋଏଡା, ୧୩।୯(ଏଜେନ୍ସି): ନୋଏଡାର ଗୌତମ ବୁଦ୍ଧ ନଗରରେ ଶନିବାର ସକାଳେ ଏକ ବିଲ୍ଡିଂର ଦ୍ୱାଦଶ ମହଲାରୁ ଖସିପଡ଼ି ଜଣେ ୧୨ ବର୍ଷୀୟ ପୁଅ ଓ ତା’ର ମା ମୃତ୍ୟୁବରଣ କରିଛନ୍ତି। ଦର୍ପନ ଚାୱଲା ନାମକ ଜଣେ ମାନସିକ ଅଗ୍ରସର ବାଳକ ରହୁଥିଲା। ସେ ଦ୍ରୁତଗତି ଦୌଡି ଆସି ବାଲକୋନୀ ଉପରୁ ତଳକୁ ଖସିପଡ଼ିଥିଲା। ତାକୁ ବଞ୍ଚାଇବାକୁ ଯାଇ ତା’ର ମା ୩୮ ବର୍ଷୀୟା ସାକ୍ଷୀ ଚାୱଲା ମଧ୍ୟ ତଳକୁ ଖସିପଡ଼ିଥିଲେ ବୋଲି ବିସରାଖ ଭାରପ୍ରାପ୍ତ ଥାନା ଅଧିକାରୀ ମନୋଜ କୁମାର ସିଂ କହିଛନ୍ତି। ପୁଲିସ ଦୁଇଜଣଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଘଟଣା ବେଳେ ଦର୍ପନ ଅଲଗା ପ୍ରକୋଷ୍ଠରେ ଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକ ଖେଳାଇ ଦେଇଛି।

## ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରଲୋକ

ନୂଆଦିଲ୍ଲୀ, ୧୩।୯(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ମେଘାଳୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଡିଡି ଲାପାଙ୍ଗ ଶୁକ୍ରବାର ରାତିରେ ୯୨ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ୧୯୩୪ ଏପ୍ରିଲ ୧୦ରେ ଜନ୍ମିତ ଲାପାଙ୍ଗ ୧୯୯୨ରୁ ୨୦୦୮ ମଧ୍ୟରେ ୪ ଥର ମୁଖ୍ୟମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଥିଲେ। ରାଜଧାନୀ ଶିଲଂର ଏକ ହସ୍ପିଟାଲରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୭୨ରେ ତାଙ୍କର ରାଜନୈତିକ ଯାତ୍ରା ଆରମ୍ଭ ହୋଇଥିଲା। ସେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରଥମେ ନୋଙ୍ଗପୋ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପୂର୍ବରୁ ସେ ଏକାଧିକବାର ବିଭିନ୍ନ ବିଭାଗରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏକ ସାଧରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସେ ୪ ଥର ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ।

## ନେପାଳର ବିତାଡିତ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏତଲା



କଠମାଣ୍ଡୁ, ୧୩।୯(ଏଜେନ୍ସି): ନେପାଳର ବିତାଡିତ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବିରୋଧରେ ଶନିବାର ରାଜଧାନୀ କାଠମାଣ୍ଡୁରେ ଏଫ୍ଆଇଆର ବା ଏତଲା ଦିଆଯାଇଛି। ସେପ୍ଟେମ୍ବର ୮ରେ ଯେତେବେଳେ ଆନ୍ଦୋଳନ ଆରମ୍ଭ ହେଲା ସେ ପ୍ରଦର୍ଶନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଆକ୍ରମଣ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଥିବାର ଅଭିଯୋଗ ହୋଇଛି। ସେ ୯ ତାରିଖରେ ଚାପର ସମ୍ମୁଖୀନ ହୋଇ ନପାରି ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ସେବେଠାରୁ ସେ ସେନା ସୁରକ୍ଷା ବଳୟ ମଧ୍ୟରେ ଶରଣ ନେଇଛନ୍ତି। ସେପଟେ ନେପାଳର ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ ସୁଶୀଲା କାର୍କି ଆହତ ହୋଇଥିବା ଆନ୍ଦୋଳନାକାରୀଙ୍କୁ ଭେଟିବା ପାଇଁ କାଠମାଣ୍ଡୁର ହସ୍ପିଟାଲରେ ପହଞ୍ଚିଛନ୍ତି। ସେ ଶୁକ୍ରବାର କାମଚଳା ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ୨୦୨୬ ମାର୍ଚ୍ଚ ୫ ପର୍ଯ୍ୟନ୍ତ ସେ ସଂସଦୀୟ ନିର୍ବାଚନ କରାଇବେ ଦାୟିତ୍ୱ ନେଇଛନ୍ତି। ଇତିମଧ୍ୟରେ ୬ ଦିନର ହିଂସା ପରେ କାଠମାଣ୍ଡୁ କେତକ ଅଞ୍ଚଳରେ କର୍ଫ୍ୟୁକୁ ହଟାଇ ଦିଆଯାଇଛି। କିନ୍ତୁ ୬ଟି ସ୍ଥାନରେ ଏବେବି କର୍ଫ୍ୟୁ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସୁଶୀଳାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବ୍ରିଟେନରେ ଶିଖ୍ ଯୁବତୀଙ୍କୁ ଗଣଦୁଷ୍କର୍ମ



ଜଲନ୍ଧର, ୧୩।୯ (ଏଜେନ୍ସି): ବ୍ରିଟେନର ଓଲ୍ଡବୁରୀ ଟାଉନ୍‌ରେ ଜଣେ ୨୦ ବର୍ଷୀୟା ଭାରତୀୟ ଶିଖ ଯୁବତୀ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଦୁଇଜଣ ବ୍ୟକ୍ତି ତାଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିବା ସହ ଏକ ପାର୍କରେ ଏହି କାଣ୍ଡ ଘଟାଇଛନ୍ତି। ପୁଣି ସେମାନେ ଯୁବତୀଙ୍କୁ ସ୍ୱଦେଶ ଫେରିଯିବାକୁ ଚେତାବନୀ ଦେଇଛନ୍ତି। ଏଠାରେ ତମେ ରହିବାର କୌଣସି ଆବଶ୍ୟକତା ନାହିଁ ବୋଲି ଦୁହେଁ କହିଥିଲେ। ଗତ ମଙ୍ଗଳବାର ସକାଳ ୮.୩୦ରେ ଓଲ୍ଡବୁରୀର ଟେମ୍ ରୋଡ୍‌ରେ ଏହି ଯୁବତୀ ଜଣକ ଦୁଷ୍କର୍ମର ଶିକାର ହୋଇଥିଲେ। ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଖୋଜିବା ଆରମ୍ଭ କରିଛି। ତେବେ ଏହି ଦୁଇ ଅଭିଯୁକ୍ତ ଇଂରେଜ ନଥିଲେ ବୋଲି ପୁଲିସ ସ୍ପଷ୍ଟ କରିଛି। କିନ୍ତୁ ଏହି ଦୁଇ ଜଣ ଡେଙ୍ଗା ଚଉଡା ବ୍ରିଟେନର ଯୁବକ ଥିଲେ ବୋଲି ଯୁବତୀ ଜଣକ କହିଛନ୍ତି। ୟୁନାଇଟେଡ କିଙ୍ଗଡ଼ମ୍‌ର ଶିଖ ଫେଡେରେସନ ଏହି ଘଟଣାକୁ କଡ଼ା ଭାଷାରେ ନିନ୍ଦା କରିଛି। ଫରେନ୍‌ସିକ ଟିମ୍ ଏହାର ଯାଞ୍ଚ କରୁଛି। ଏହି ଘଟଣା ପରେ ସ୍ଥାନୀୟ ସମୁଦାୟ ମଧ୍ୟରେ ଆକ୍ରୋଶ ଦେଖିବାକୁ ମିଳିଛି। ବ୍ରିଟେନର ଶିଖ ସାଂସଦ ପ୍ରୀତ କୌର ଏହି ଘଟଣାକୁ ନିନ୍ଦା କରିଛନ୍ତି। ସେହିପରି ଲେବର ପାର୍ଟିର ସାଂସଦ ଗୁରିନ୍ଦର ସିଂ ଜୋସାନ ମଧ୍ୟ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏହି ଘଟଣା ନିହାତି ଭୟାଭୟ ବୋଲି କହିଛନ୍ତି।

## ରୁଷରେ ପୁଣି ୭.୪ ତୀବ୍ରତାର ଭୂକମ୍ପ

### ଜାରି ହେଲା ସୁନାମୀ ସତର୍କତା
### ୩ ମାସରେ ୭ ତୀବ୍ରତାର ଆସିଲା ୩ ଭୂକମ୍ପ
### ଗତ ୬ ମାସରେ ବିଶ୍ୱରେ ୧ ଲକ୍ଷରୁ ଅଧିକ ଭୂକମ୍ପ



ମସ୍କୋ, ୧୩।୯(ଏଜେନ୍ସି): ରୁଷିଆର ସୁଦୂର ପୂର୍ବ ଉପକୂଳରେ ଥିବା କାମ୍‌ଚଟକାରେ ଶନିବାର ଏକ ବଡ଼ ଧରଣର ଭୂକମ୍ପ ଆସିଥିଲା। ଏହାର ତୀବ୍ରତା ୭.୪ ଥିଲା। ଭୂକମ୍ପ ପରେ ଏହି ଅଞ୍ଚଳରେ ସୁନାମୀ ସତର୍କତା ଜାରି କରାଯାଇଛି। ଏହି ଭୂକମ୍ପ ଭୂପୃଷ୍ଠର ୩୯.୫ କିମି ଗଭୀରରେ ହୋଇଥିଲା। ୟୁନାଇଟେଡ ଷ୍ଟେଟ୍ସ ଜିଓଲୋଜିକାଲ ସର୍ଭେ (ୟୁଏସ୍‌ଜିଏସ୍) ପ୍ରଥମେ ଭୂକମ୍ପର ତୀବ୍ରତା ୭.୫ ବୋଲି କହିଥିଲା। କିନ୍ତୁ ପରେ ଏହାକୁ ସଂଶୋଧନ କରି ୭.୪ ବୋଲି ସୂଚନା ଦେଇଥିଲା। ଏହି ଭୂକମ୍ପ ଫଳରେ ରୁଷିଆର ପୂର୍ବ ଉପକୂଳରେ ୩୦୦ କିମି ଅଞ୍ଚଳରେ ସମୁଦ୍ରରୁ ବିପଜ୍ଜନକ ଲହରି ତଥା ସୁନାମୀ ଆସିବ ବୋଲି ପ୍ୟାସିଫିକ ସୁନାମୀ ଚେତାବନୀ କେନ୍ଦ୍ର ସତର୍କତା ଜାରି କରିଛି। ଏପର୍ଯ୍ୟନ୍ତ କେହି ମୃତାହତ ହୋଇଥିବାର ଖବର ଆସିନାହିଁ। ଏହାପୂର୍ବରୁ ଜୁଲାଇ ୩୦ରେ ରୁଷିଆରେ ୮.୯ ତୀବ୍ରତାର ଭୂକମ୍ପ ଆସିଥିଲା ଓ ଏହାକୁ ବିଶ୍ୱର ଷଷ୍ଠ ସର୍ବବୃହତ ଭୂକମ୍ପ ବୋଲି କୁହାଯାଇଥିଲା। କାମଚଟକାରେ ଗତ ୩ ମାସ ମଧ୍ୟରେ ୭ରୁ ଅଧିକ ତୀବ୍ରତାରେ ୩ଟି ଭୂକମ୍ପ ଆସିଛି। ଚଳିତ ବର୍ଷ ଏହି ଅଞ୍ଚଳରେ ମୋଟ୍ ୧, ୨୦୦ରୁ ଅଧିକ ଭୂକମ୍ପ ଆସିବା ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ଏଥିମଧ୍ୟରୁ ଅଧିକାଂଶ ଛୋଟଛୋଟ ଭୂକମ୍ପ ସାମିଲ ରହିଛି। କିନ୍ତୁ ୪ରୁ ଅଧିକ ତୀବ୍ରତାର ଭୂକମ୍ପର ସଂଖ୍ୟା ୧୫୦ରୁ ଅଧିକ ଥିଲା। କାମଚଟକା ଦକ୍ଷିଣରେ ଜାପାନ, ପୂର୍ବରେ ଆମେରିକା ଓ ଦକ୍ଷିଣ ପଶ୍ଚିମରେ ଚୀନ୍ ରହିଛି। ତେବେ ଜାପାନ ଏହି ଭୂକମ୍ପ ପାଇଁ କୌଣସି ସୁନାମୀ ସତର୍କତା ଜାରି କରିନାହିଁ।

ଗତ ୬ ମାସ ମଧ୍ୟରେ ବିଶ୍ୱରେ ବହୁ ସଂଖ୍ୟାରେ ଭୂକମ୍ପ ଆସିଛି। ମାର୍ଚ୍ଚରୁ ସେପ୍ଟେମ୍ବର ୧୩ ମଧ୍ୟରେ ବିଶ୍ୱରେ ଭୂକମ୍ପର ପ୍ରକ୍ରିୟା ଜାରି ରହିଛି। ଏହି ସମୟ ଅବଧିରେ ପାଖାପାଖି ୧ ଲକ୍ଷ ୧୦ ହଜାର ଭୂକମ୍ପ ଆସିଛି ବୋଲି ୟୁଏସ୍‌ଜିଏସ୍ ତରଫରୁ କୁହାଯାଇଛି। ଗତ ଅଗଷ୍ଟ ୩୧ରେ ଆଫଗାନିସ୍ତାନର ପୂର୍ବାଞ୍ଚଳରେ ୬.୦ ତୀବ୍ରତାର ଭୂକମ୍ପ ଆସିଥିଲା ଓ ଏଥିରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି ଗତ ମାର୍ଚ୍ଚ ୨୮ରେ ମିଆଁମାରରେ ୭.୭ରୁ ୭.୯ ତ୍ରୀବ୍ରତାର ଭୂକମ୍ପ ଆସିଥିଲା ଓ ଏଥିରେ ୨ ହଜାର ଲୋକ ପ୍ରାଣ ହରାଇଥିଲେ। ଅଗଷ୍ଟ ୩୦ରେ ଆଣ୍ଟାର୍ଟିକା ନିକଟସ୍ଥ ଦକ୍ଷିଣ ଆଣ୍ଟାଲଟିକ ମହାସାଗରରେ ଥିବା ସାଉଥ ସେଟଲାଣ୍ଡ ଦୀପରେ ୭.୫ ତୀବ୍ରତାର ଭୂକମ୍ପ ଆସିଥିଲା।

## ଟ୍ରକ୍ ଚକ ତଳେ ଫସି ୯ ମୃତ, ୨୨ ଆହତ

ବେଙ୍ଗାଲୁରୁ, ୧୩।୯(ଏଜେନ୍ସି): କର୍ଣ୍ଣାଟକର ହାସନ ଜିଲ୍ଲାରେ ଶୁକ୍ରବାର ରାତିରେ ଏକ ଗଣେଶ ବିସର୍ଜନ ଶୋଭାଯାତ୍ରା ଅବସରରେ ବଡ଼ଧରଣ ଦୁର୍ଘଟଣା ଘଟିଛି। ନିୟନ୍ତ୍ରଣ ହରାଇ ଏକ ଟ୍ରକ ଏହି ଶୋଭାଯାତ୍ରା ଭିତରକୁ ପଶିଯାଇଥିଲା। ଫଳରେ ଟ୍ରକ୍ ଚକ ତଳେ ଆସି ୯ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ହୋସାହଲ୍ଲୀ ଗାଁରେ ରାତି ପାଖପାଖି ୮.୪୫ରେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ମଧ୍ୟରେ ଅଧିକ ଯୁବକ ରହିଛନ୍ତି। ଆହତଙ୍କୁ ହାସନ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ଭର୍ତ୍ତି କରାଯାଇଛି। ଆହତ ହୋଇଥିବା ଟ୍ରକ୍ ଚାଳକଙ୍କୁ ଗିରଫ କରାଯାଇଛି। ଟ୍ରକ୍‌ଟି ଅରକଲାଗୁଡୁ ଆଡୁ ଆସୁଥିଲା। ଲୋକେ ଡିଜେ ବଜାଇ ନୃତ୍ୟ କରୁଥିଲେ। ଶୋଭାଯାତ୍ରାର ନିକଟତର ହେବା ମାତ୍ରେ ଟ୍ରକ୍ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଲୋକ ଚକ ତଳକୁ ଆସିଥିଲେ। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିଜନଙ୍କୁ ୨ ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦, ୦୦୦ ଟଙ୍କା ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି।

## ମ୍ୟାନ୍‌ମାର ସ୍କୁଲ ଉପରେ ଆକ୍ରମଣ; ୧୯ ଛାତ୍ର ମୃତ

ନେପିଡ, ୧୩।୯(ଏଜେନ୍ସି): ମ୍ୟାନମାରର ଦୁଇଟି ସ୍କୁଲ ଉପରେ ଏୟାର ଷ୍ଟ୍ରାଇକ କରାଯାଇଛି। ଏଥିରେ ୧୯ ଜଣ ଛାତ୍ର ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି। ପଶ୍ଚିମ ମ୍ୟାନମାରର ରାଖାଇନ ରାଜ୍ୟରେ ଏହି ଆକ୍ରମଣ କରାଯାଇଛି ବୋଲି ଏଥ୍‌ନିକ ଆରାକାନ ଆର୍ମି ତରଫରୁ କୁହାଯାଇଛି। ଶୁକ୍ରବାର ଅଧରାତିରେ ଛାତ୍ରମାନେ ନିଦରେ ଶୋଇଥିବା ବେଳେ ଏହି ଆକ୍ରମଣ କରାଯାଇଥିଲା। ଏଥ୍‌ନିକ ଆରାକାନ ଆର୍ମି ଓ ମ୍ୟାନମାର ମିଲିଟାରୀ ଜୁନ୍ତା ମଧ୍ୟରେ ସଂଘର୍ଷ ଚାଲିଥିବା ବେଳେ ଏହି ଘଟଣା ଘଟିଛି। ମ୍ୟାନମାର ସେନା ହିଁ ଏହି ଆକ୍ରମଣ କରି ୫୦୦ ପାଉଣ୍ଡ ଅର୍ଥାତ ୨୨୬.୭୯ କେଜିର ବୋମା ପକାଇଥିଲା ବୋଲି କୁହାଯାଇଛି। ତେବେ ଏହି ଘଟଣା ନେଇ ମ୍ୟାନମାର ସେନା ତରଫରୁ କିଛି କୁହାଯାଇ ନାହିଁ। ଏହି ଆକ୍ରମଣକୁ ଜାତିସଂଘ ନିନ୍ଦା କରିଛି। ୨୦୨୧ରେ ସରକାରଙ୍କୁ ଗାଦିଚ୍ୟୁତ କରିବା ପରେ ମ୍ୟାନମାନରରେ ଅରାଜକତା ଓ ହିଂସା ଜାରି ରହିଛି। ସେନା ତଥା ମିଲିଟାରୀ ଜୁନ୍ତା ଆଙ୍ଗ ସାନ ସୁ କିଙ୍କ ସରକାରଙ୍କୁ ଗାଦିଚ୍ୟୁତ କରି ଶାସନ ହାତକୁ ନେଇଥିଲା।

## ମଣିପୁରରେ ମୋଦୀ, କ୍ଷତିଗ୍ରସ୍ତଙ୍କୁ ଭେଟିଲେ



### ଶାନ୍ତିର ରାସ୍ତା ଆପଣାଇବାକୁ ଜନତାଙ୍କୁ ନିବେଦନ
### ହେଲିକପ୍ଟର ବଦଳରେ ଗାଡ଼ିରେ ଗଲେ ଚୁରାଚାନ୍ଦପୁର

ଇମ୍ଫାଲ, ୧୩।୯ (ଏଜେନ୍ସି): ସଂରକ୍ଷଣକୁ ନେଇ ୨୦୨୩ ମେ’ ୩ରୁ ମଣିପୁରରେ କୁକି ଏବଂ ମେଇତି ସମ୍ପ୍ରଦାୟ ମଧ୍ୟରେ ହିଂସା ଲାଗି ରହିଛି। ଏହି ହିଂସାରେ ଏ ପର୍ଯ୍ୟନ୍ତ ୨୬୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ୭୦ ହଜାରରୁ ଊର୍ଦ୍ଧ୍ୱ ବିସ୍ଥାପିତ ହେଲେଣି। ହିଂସାର ଦୁଇ ବର୍ଷ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମଣିପୁର ଗସ୍ତ କରିଛନ୍ତି। ସେ ଚୁରାଚାନ୍ଦପୁର ଏବଂ ଇମ୍ଫାଲରେ ପହଞ୍ଚିଛନ୍ତି। ଚୁରାଚାନ୍ଦପୁରରେ ୭,୩୦୦ କୋଟି ଏବଂ ଇମ୍ଫାଲରେ ୧୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିକାଶ ପ୍ରକଳ୍ପଗୁଡିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ସେ ଇମ୍ଫାଲରେ ଜନସାଧାରଣଙ୍କୁ ସମ୍ବୋଧନ କରି ହିଂସାକୁ ଦୁର୍ଭାଗ୍ୟଜନକ କହିଛନ୍ତି। ଇମ୍ଫାଲ ହେଉଛି ସମ୍ଭାବନାର ସହର। ଏକବିଂଶ ଶତାବ୍ଦୀ ଉତ୍ତର-ପୂର୍ବ ରାଜ୍ୟଗୁଡିକର ହେବ। ଆମକୁ ରାଜ୍ୟକୁ ଶାନ୍ତି ଏବଂ ବିକାଶର ମାର୍ଗରେ ନେବାକୁ ହେବ। ମୋଦୀ ସବୁ ସଂଗଠନଗୁଡିକୁ ଶାନ୍ତିର ମାର୍ଗରେ ଯିବା ପାଇଁ ନିବେଦନ କରିଛନ୍ତି। ସମସ୍ତଙ୍କ ସହ ରହିବି ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ମୋଦୀ ଇମ୍ଫାଲ ବିମାନବନ୍ଦରରେ ଅବତରଣ କରିଥିଲେ। ସେ ପ୍ରଥମେ ଚୁରାଚାନ୍ଦପୁର ଯିବାର ଥିଲା। ମାତ୍ର ଇମ୍ଫାଲରେ ପ୍ରବଳ ବର୍ଷା ହେଉଥିଲା। ହେଲିକପ୍ଟର ଉଡ଼ାଣ ପାଇଁ ପାଗ ଅନୁକୂଳ ନ ଥିଲା। ତେଣୁ ପ୍ରଧାନମନ୍ତ୍ରୀ ସଡ଼କ ମାର୍ଗରେ ୬୪ କିମି ଯାତ୍ରା କରି ଦେଢ଼ ଘଣ୍ଟାରେ ଚୁରାଚାନ୍ଦପୁରରେ ପହଞ୍ଚି ଥିଲେ। ପ୍ରଥମେ ଚୁରାଚାନ୍ଦପୁରରେ କାର୍ଯ୍ୟକ୍ରମ ସାରି ଇମ୍ଫାଲ ଆସିଥିଲେ। ମୋଦୀ ଚୁରାଚାନ୍ଦପୁରର ରିଲିଫ କ୍ୟାମ୍ପରେ ପୀଡ଼ିତଙ୍କୁ ଭେଟି ଥିଲେ। ସେ କାର୍ଯ୍ୟକ୍ରମ ସ୍ଥଳରେ ହିଂସା ପୀଡ଼ିତଙ୍କ ସହ ଆଲୋଚନା କରିଥିଲେ। ଚୁରାଚାନ୍ଦପୁର କୁକି ଏବଂ ଇମ୍ଫାଲ ମେଇତି ବହୁଳ ପାହାଡି ଅଞ୍ଚଳ। ଗତ ଦୁଇ ବର୍ଷ ହେଲା ଉଭୟ ସମ୍ପ୍ରଦାୟ ପରସ୍ପର ଅଞ୍ଚଳକୁ ଯାଉନାହାନ୍ତି।

ମୋଦୀ କହିଥିଲେ ଯେ ମଣିପୁରରେ ଶାନ୍ତି ଏବଂ ସ୍ଥିରତା ପ୍ରତିଷ୍ଠା ହେଉ। ଲୋକଙ୍କ ସ୍ୱାର୍ଥ ସୁରକ୍ଷା ହେଉ। କ୍ୟାମ୍ପରେ ରହୁଥିବା ଲୋକେ ପୁଣିଥରେ ମୁଖ୍ୟସ୍ରୋତକୁ ଫେରନ୍ତୁ। ଏଥିପାଇଁ ସରକାର କ୍ରମାଗତ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ମାଆ ଭାରତୀଙ୍କ ମୁକୁଟରେ ସଜ୍ଜିତ ରତ୍ନ ହେଉଛି ମଣିପୁର। ମଣିପୁରର ବିକାଶବାଦୀ ଛବିକୁ କ୍ରମାଗତ ଭାବେ ମଜବୁତ କରିବାକୁ ହେବ। ରାଜ୍ୟରେ କୌଣସି ପ୍ରକାରର ହିଂସା ଦୁର୍ଭାଗ୍ୟଜନକ। ଏହି ହିଂସା ପୂର୍ବଜ ଏବଂ ପରବର୍ତ୍ତୀ ପିଢି ପାଇଁ ବହୁତ ବଡ଼ ଅନ୍ୟାୟ। ମଣିପୁରରେ ସାମର୍ଥ୍ୟର ଅଭାବ ନାହିଁ। କିନ୍ତୁ ଆମକୁ ସମ୍ବାଦର ପଥକୁ ମଜବୁତ କରିବାକୁ ହେବ। ପାହାଡି ଏବଂ ଘାଟୀର ଲୋକଙ୍କ ମଧ୍ୟରେ ବିଶ୍ୱାସର ସେତୁକୁ ମଜବୁତ କରିବାକୁ ହେବ। ମଣିପୁର ଯୁବଗୋଷ୍ଠୀଙ୍କ ପରିଚୟକୁ ହିଂସାର କରାଳ ଛାୟାରେ ବୁଡ଼ିବାକୁ ଦିଆଯିବ ନାହିଁ। ମଣିପୁର ଆଶା ଏବଂ ଆକାଂକ୍ଷାର ଭୂମି। ଦୁର୍ଭାଗ୍ୟ ଯେ ହିଂସା ଏହି ସୁନ୍ଦର ଅଞ୍ଚଳକୁ ନିଜ ସଂସ୍ପର୍ଶକୁ ନେଇଯାଇଛି। ଆଶା ଏବଂ ବିଶ୍ୱାସର ନୂଆ ସକାଳ ମଣିପୁରରେ ପ୍ରବେଶ କରୁଛି। କୌଣସି କ୍ଷେତ୍ରର ବିକାଶ ପାଇଁ ଶାନ୍ତି ଜରୁରୀ। ଗତ ୧୧ ବର୍ଷରେ ପୂର୍ବୋତ୍ତରର ଅନେକ ସଂଘର୍ଷ ସମାପ୍ତ ହୋଇଛି। ମଣିପୁରରେ ମଧ୍ୟ ଶାନ୍ତିର ବାର୍ତ୍ତା ଆରମ୍ଭ ହୋଇସାରିଛି। ମୋଦୀ ଏହି ଅବସରରେ ନେପାଳର କାମଚଳା ପ୍ରଧାନମନ୍ତ୍ରୀ ସୁଶୀଳା କାର୍କିଙ୍କୁ ଭାରତବାସୀଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ସେ ନେପାଳରେ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିର ମାର୍ଗ ପ୍ରଶସ୍ତ କରିବେ ବୋଲି ଆଶା ବ୍ୟକ୍ତି କରିଛନ୍ତି।

## ମିଜୋରାମର ପ୍ରଥମ ରେଳ ଲାଇନ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଆଇଜୋଲ, ୧୩।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ମିଜୋରାମର ପ୍ରଥମ ରେଳ ଲାଇନ ‘ବୈରାବୀ-ସାଇରଙ୍ଗ’କୁ ଉଦ୍‌ଘାଟନ କରିଛନ୍ତି। ୫୧ କିମିର ଏହି ରେଳ ଲାଇନ ମାଧ୍ୟମରେ ମିଜୋରାମରୁ ଦିଲ୍ଲୀ, ଗୌହାଟୀ ଏବଂ କୋଲକାତାକୁ ସିଧାସଳଖ ଟ୍ରେନ ଯୋଗାଯୋଗ ହୋଇଯାଇଛି। ଏହି ରେଳ ମାର୍ଗରେ ୪୫ ସୁଡ଼ଙ୍ଗ, ୮୮ ଛୋଟ ଏବଂ ୫୫ଟି ବଡ଼ ବ୍ରିଜ୍ ରହିଛି। ଏହା ବ୍ୟତୀତ ୧୧୪ ମିଟର ଉଚ୍ଚା ଦେଶର ଦ୍ୱିତୀୟ ବୃହତ୍ତମ ପିୟର ବ୍ରିଜ ରହିଛି। ଏହା କୁତୁବମିନାର (୭୨ମିଟର)ଠୁ ମଧ୍ୟ ବଡ଼। ଏହି ବ୍ରିଜ୍ ଉଦ୍‌ଘାଟନ କରି ମୋଦୀ କହିଥିଲେ ଯେ ଦୀର୍ଘ ଦିନ ହେଲା ଦେଶର କିଛି ରାଜନୈତିକ ଦଳ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି। ସେମାନେ ମିଜୋରାମକୁ ଅଣଦେଖା କରିଥିଲେ। କିନ୍ତୁ ଆଜି ଏହି ରାଜ୍ୟ ଆଗରେ ରହିଛି। ମୋଦୀ ଏହି ଅବସରରେ ଲେଙ୍ଗପୁଇ ବିମାନବନ୍ଦରରୁ ୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହା ପରେ ସେ ମଣିପୁର ଯାଇଥିଲେ।

## ଗାଜା- ହମାସ୍ ମାମଲାରେ ଫ୍ରାନ୍ସ, ବ୍ରିଟେନକୁ ଇସ୍ରାଏଲର ସମାଲୋଚନା



ତେଲଅଭିଭ୍, ୧୩।୯(ଏଜେନ୍ସି): ଗାଜା- ହମାସ ମାମଲାରେ ଇସ୍ରାଏଲ ଏବେ ଫ୍ରାନ୍ସ ଓ ବ୍ରିଟେନ ଭଳି ୟୁରୋପୀୟ ଦେଶକୁ ସମାଲୋଚନା କରିଛି। ଜାତିସଂଘ ମହାସଭାରେ ଇସ୍ରାଏଲ୍ ରାଷ୍ଟ୍ରଦୂତ ଡ୍ୟାନି ଡାନନ କାତାରରେ ହମାସ ଆତଙ୍କବାଦୀଙ୍କୁ ଟାର୍ଗେଟ କରି କରାଯାଇଥିବା ଆକ୍ରମଣକୁ ଯଥାର୍ଥ ବୋଲି କହିଛନ୍ତି। ଇସ୍ରାଏଲର ଏହି ଆକ୍ରମଣକୁ ଫ୍ରାନ୍ସ ଓ ବ୍ରିଟେନ ନିନ୍ଦା କରିଥିଲେ। ଡାନନ କିନ୍ତୁ ଏହାକୁ ଠିକ୍ ବୋଲି କହିଛନ୍ତି। ୨୦୧୪ରୁ ୨୦୨୨ ପର୍ଯ୍ୟନ୍ତ ଫ୍ରାନ୍ସ ମାଲି, ଚାଦ, ବୁର୍କିନା ଫାସୋ ଓ ମାରିଟାନିଆରେ ଆତଙ୍କବାଦୀଙ୍କ ଉପରେ ଆକ୍ରମଣ କରିଥିଲା। ସେହିପରି ବ୍ରିଟେନ ଇରାକ ଓ ସିରିଆ ଉପରେ ଆଇଏସ୍ଆଇଏସ୍ ବିରୋଧରେ ଏୟାର ଷ୍ଟ୍ରାଇକ୍ କରିଥିଲା। ତେଣୁ ଯଦି ସେତେବେଳେ ଏଭଳି ଆକ୍ରମଣ ଯଥାର୍ଥ ଥିଲା ଏବେ କାହିଁକି ନୁହଁ ବୋଲି ସେ ପ୍ରଶ୍ନ କରିଛନ୍ତି। କାତାର ଉପରେ ଇସ୍ରାଏଲର ଆକ୍ରମଣ ଠିକ୍ ବୋଲି ଡାନନ କହିଛନ୍ତି। ଉଲ୍ଲେଖଥାଉ କି, ଇସ୍ରାଏଲ ସେନା ଗତ ୯ ତାରିଖରେ କାତାର ରାଜଧାନୀ ଦୋହା ଉପରେ ହମାସ ମୁଖ୍ୟ ଖଲିଲ ଅଲ- ହାୟାଙ୍କୁ ଲକ୍ଷ୍ୟ କରି ଏୟାର ଷ୍ଟ୍ରାଇକ୍ କରିଥିଲା। ଏହାପରେ ଫ୍ରାନ୍ସ, ବ୍ରିଟେନ ସମେତ କେତୋଟି ଦେଶ ଇସ୍ରାଏଲକୁ ସମାଲୋଚନା କରିଥିଲେ। ଏହି ଲୋକମାନେ ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲରେ ନରସଂହାର କରିଥିଲେ ବୋଲି ଡାନନ କହିଛନ୍ତି।

## ସାହାର ଇଣ୍ଡିଆର ନିବେଶକଙ୍କୁ ଶୀଘ୍ର ମିଳିବ ଟଙ୍କା | ୫ ହଜାର କୋଟି ପ୍ରଦାନ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ‘ସାହାର ଇଣ୍ଡିଆ’ରେ ଟଙ୍କା ନିବେଶ କରିଥିବା ଲୋକଙ୍କ ପାଇଁ ଭଲ ଖବର ଆସିଛି। ସାହାରା ଗ୍ରୁପର ସହକାରୀ ସମିତି (କୋଅପରେଟିଭ ସୋସାଇଟି)ରେ ଟଙ୍କା ଜମା କରିଥିବା ଲୋକଙ୍କୁ ଫେରାଇବା ପାଇଁ ଜମା ଅର୍ଥରୁ ୫ ହଜାର କୋଟି ଟଙ୍କା ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ସେବିକୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଆବେଦନ ଉପରେ ବିଚାର କରି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଶୁକ୍ରବାର ଏହି ନିର୍ଦ୍ଦେଶ ଦେଇଥିଲେ। ସାହାରାର ରିଫଣ୍ଡ ଖାତାରେ ଥିବା ରାଶିରୁ ଜମାକାରୀଙ୍କୁ ପୈଠ କରିବା ପାଇଁ ଟଙ୍କା ପ୍ରଦାନ ଲାଗି ଅନୁରୋଧ କରାଯାଇଥିଲା। ଏହା ବ୍ୟତୀତ ୨୦୨୩ରେ ପ୍ରଦାନ କରାଯାଇଥିବା ୫ ହଜାର କୋଟି ଟଙ୍କାକୁ ଆବଣ୍ଟନ କରିବାର ସମୟସୀମାକୁ ୨୦୨୫ ଡିସେମ୍ବର ୩୧ରୁ ୨୦୨୬ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ସୁପ୍ରିମକୋର୍ଟ କହିଥିଲେ ଯେ ୨୦୨୩ ମାର୍ଚ୍ଚ ୨୯ରେ ପାରିତ ନିର୍ଦ୍ଦେଶ ଆଧାରରେ କେନ୍ଦ୍ରର ଏହି ଅନୁରୋଧକୁ ସ୍ୱୀକାର କରାଯାଇଛି। ୫ ହଜାର କୋଟିର ରାଶିକୁ ସେବି-ସାହାରା ରିଫଣ୍ଡ ଖାତାରୁ କୋ-ଅପରେଟିଭ ସୋସାଇଟିର ସେଣ୍ଟ୍ରାଲ ରେଜିଷ୍ଟ୍ରାରଙ୍କ ଖାତାକୁ ସ୍ଥାନାନ୍ତର କରାଯାଉ। ଯାଞ୍ଚ ପ୍ରକୃତ ଜମାକାରୀଙ୍କୁ ଏହି ଟଙ୍କା ଆବଣ୍ଟନ କରାଯିବ। ଖଣ୍ଡପୀଠ କହିଥିଲେ ଯେ ପୂର୍ବତନ ବିଚାରପତି ଆର ସୁଭାଷ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ସପ୍ତାହେ ଭିତରେ ଏହି ରାଶି ସ୍ଥାନାନ୍ତର କରାଯାଉ। ୨୦୨୩ ମାର୍ଚ୍ଚରେ ଦିଆଯାଇଥିବା ନିର୍ଦ୍ଦେଶ ପାଳନ ହେଉ। ପିନାକ ପି ମହାନ୍ତିଙ୍କ ଜନସ୍ୱାର୍ଥ ମାମଲାକୁ ନେଇ କେନ୍ଦ୍ର ପକ୍ଷରୁ ଏହି ଆବେଦନ ଦାଏର କରାଯାଇଥିଲା। ଏହି ଆବେଦନରେ ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନୀ ଏବଂ ସାହାରା କ୍ରେଡିଟ ଫାର୍ମରେ ନିବେଶ କରିଥିବା ନିବେଶକଙ୍କୁ ଟଙ୍କା ଫେରାଇବା ନେଇ ନିବେଦନ କରାଯାଇଥିଲା।

ଏ ପର୍ଯ୍ୟନ୍ତ ପ୍ରାୟ ୫.୪୩ କୋଟି ନିବେଶକ ୧, ୧୩, ୫୦୪.୧୨୪ କୋଟି ଟଙ୍କାର ଦାବି କଲେଣି। ଏଥିରୁ ୨୬, ୨୫, ୦୯୦ ପ୍ରକୃତ ଜମାକାରୀଙ୍କୁ ୫, ୦୫୩.୦୧ ଟଙ୍କା ଫେରାଗଲାଣି। ଏହା ବ୍ୟତୀତ ୧୩, ୩୪, ୯୯୪ ନିବେଶକ ନିର୍ଦ୍ଧାରିତ ୱେବ ପୋର୍ଟାଲରେ ନିଜ ଦାବି ପଞ୍ଜିକରଣ କରିଛନ୍ତି। ଏହାର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହି ସବୁ ଦାବିରେ ପ୍ରାୟ ୨୭,୮୪୯.୯୫ କୋଟି ଟଙ୍କା ଦାବି କରାଯାଇଛି।

■ ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ

# ମହିଳାଙ୍କ ସମେତ ୩ ଜଣଙ୍କୁ ଖୁଣ୍ଟରେ ବାନ୍ଧି ଛେଚିଲେ

କରଞ୍ଜିଆ, ୧୩।୯ (ସମିସ): ପରକୀୟା ପ୍ରୀତି ସନ୍ଦେହରେ କଙ୍ଗାରୁକୋର୍ଟ। ଦୁଇ ଯୁବକ ଓ ଜଣେ ମହିଳାଙ୍କୁ ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ଛେଚିଲେ ଗ୍ରାମବାସୀ। ମୟୂରଭଞ୍ଜ ଜିଲ୍ଲା ଯଶିପୁର ଥାନା ବେଗୁନିଆ ଗାଁରେ ଏଭଳି ଏକ ଘଟଣା ଘଟିଛି। ଏନେଇ



ଅଭିଯୋଗ ହେବା ପରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନାନୁସାରେ, ଶୁକ୍ରବାର ମହିଳାଜଣଙ୍କ ହାଟକୁ ସଉଦା ପାଇଁ ଯଶିପୁର ଯାଇଥିଲେ। କିଣାକିଣିରେ ସାହାଯ୍ୟ କରିବା ପାଇଁ ନିକଟସ୍ଥ କାଶୀପାଳ ଗାଁର ତାଙ୍କ ସମ୍ପର୍କୀୟ ଦୁଇ ଦିଅରଙ୍କୁ ସାଙ୍ଗରେ ନେଇଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ସମସ୍ତେ ଏକ ବାଇକ୍‌ରେ ଘରକୁ ଫେରିଥିଲେ। ତେବେ ମହିଳାଙ୍କ ପରିବାରଲୋକ ତାଙ୍କୁ ଦୁଇ ଯୁବକଙ୍କ ସହ ଦେଖି ହଠାତ୍ ଉତ୍ତ୍ୟକ୍ତ ହୋଇଉଠିଥିଲେ।

**୨ ଅଟକ**

ଯୁବକଦ୍ୱୟଙ୍କ ସହ ମହିଳାଙ୍କ ଅନୈତିକ ସଂପର୍କ ଥିବା ନେଇ ପରିବାରଲୋକ ଅଭିଯୋଗ କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗାଁ ଲୋକ ରୁଣ୍ଡ ହୋଇ ୩ ଜଣଙ୍କୁ ମାରଧର କରିଥିଲେ। ପରେ ସେମାନଙ୍କୁ ନିକଟସ୍ଥ ଏକ ପଡ଼ିଆରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିଲେ। ଖବର ପାଇ ଯଶିପୁର ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଯଶିପୁର ମେଡିକାଲରେ ଭର୍ତ୍ତି କରାଇଥିଲା। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ଦୁଇଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

**ରାଜ୍ୟରେ ବିଚିତ୍ର ସ୍ୱାସ୍ଥ୍ୟସେବା**

# ଘରୋଇ ହସ୍ପିଟାଲ୍‌ରେ ମୃତ; ଏମ୍ସରେ ଜୀବିତ

■ ଏମ୍‌ସ ଭେଣ୍ଟିଲେଟର୍‌ରେ ଗୁରୁତର ମହିଳା ଚିକିତ୍ସିତ
■ ତିନି ତିନିଟି ଘରୋଇ ହସ୍ପିଟାଲ ଫେରାଇଦେଲେ

ଭୁବନେଶ୍ୱର, ୧୩।୯ (ସମିସ): ଏମ୍ସ ହସ୍ପିଟାଲ୍ ନିକଟରେ ଘରୋଇ ସହାୟିକା ଭାବେ କାମ କରୁଥିବା ଜଣେ ମହିଳା ଦୈନନ୍ଦିନ କାମ ସାରି ଘରକୁ ଫେରୁଥିଲେ। ଏମ୍ସ ରାସ୍ତାରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଲା। ଦୁର୍ଘଟଣାରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଲା। ସେଠାରେ ଥିବା ଲୋକମାନେ ତାଙ୍କୁ ଏମ୍ସ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କଲେ। ମାତ୍ର ବେଳକୁ ବେଳ ତାଙ୍କ ଅବସ୍ଥା ସଂକଟାପନ୍ନ ହୋଇଗଲା। ଆଇସିୟୁ ଭେଣ୍ଟିଲେଟରର୍ ଆବଶ୍ୟକତା ପଡ଼ିଲା। ତେଣୁ ପରିବାରଲୋକ ତାଙ୍କୁ ଗୋଟିଏ ପରେ ଗୋଟିଏ ତିନୋଟି ଘରୋଇ ହସ୍ପିଟାଲ୍‌କୁ ନେଲେ। କିନ୍ତୁ କୋଉଠି ବି ତାଙ୍କୁ ଭେଣ୍ଟିଲେଟର୍ ମିଳିଲାନି। ଶେଷରେ ଗୋଟିଏ ଘରୋଇ ହସ୍ପିଟାଲ୍ ତାଙ୍କୁ ମୃତ ଘୋଷଣା କରି ଶବ ବ୍ୟବଚ୍ଛେଦ ପାଇଁ ସରକାରୀ ଡାକ୍ତରଖାନାକୁ ପଠାଇଦେଲା। ପରିବାରଲୋକ ତାଙ୍କୁ ଆଣି ଏମ୍ସ ଶବାଗାରରେ ଭର୍ତ୍ତି କରିବା ବେଳକୁ ମହିଳାଙ୍କ ନିଶ୍ୱାସ ପ୍ରଶ୍ୱାସ ଚଳପ୍ରଚଳ ହେଉଥିବା ଦେଖିବାକୁ ପାଇଲେ। ତେଣୁ ତାଙ୍କୁ ପୁଣି ଏମ୍ସରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଏବେ ବି ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ଏମ୍ସ ହସ୍ପିଟାଲ୍ ସୂତ୍ରରୁ ଜଣାପଡ଼ିଛି। ମାତ୍ର ମହିଳାଜଣଙ୍କ ଜୀବିତ ଥିବା ଡାକ୍ତର ସ୍ପଷ୍ଟ କରିଛନ୍ତି।

ସୂଚନାନୁସାରେ, ଡୁମୁଡୁମା ସୁବାସ ନଗରର ଅମ୍ରିତା ସାହୁ(୩୮) ଏମ୍ସ ନିକଟ ଭିପୁଲ୍ ଗାର୍ଡେନ୍ ଆପାର୍ଟମେଣ୍ଟ୍‌ରେ ଜଣେ ଡାକ୍ତରଙ୍କ ଘରେ ରୋଷେୟା ଭାବେ କାମ କରନ୍ତି। ଗତକାଲି ସନ୍ଧ୍ୟାରେ କାମ ସାରି ସେ ଚାଲି ଚାଲି ଘରକୁ ଫେରୁଥିଲେ। ତେବେ ଲୋଚନବିହାର ମନ୍ଦିର ସମ୍ମୁଖରେ ତାଙ୍କୁ ପଛପଟୁ ଏକ ସ୍କୁଟି ଧକ୍କା ଦେଇଥିଲା। ତଳେ ପଡ଼ି ତାଙ୍କ ମୁଣ୍ଡ ଓ କାନ୍ଧରେ ଗଭୀର ଆଘାତ ଲାଗିଥିଲା। କାନ୍ଧ ହାଡ଼ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡର ପଛପାର୍ଶ୍ୱ ମାଡ଼ ହୋଇଯାଇଛି। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ତାଙ୍କୁ ଏମ୍‌ସ ଜରୁରୀକାଳୀନ ୱାର୍ଡରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଭେଣ୍ଟିଲେଟର୍ ଥିବା ଏକ ହସ୍ପିଟାଲ୍‌କୁ ରେଫର୍ କରିଥିଲେ। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କୋଳଥିଆସ୍ଥିତ ଏକ ଘରୋଇ ହସ୍ପିଟାଲ୍‌କୁ ନେଇଥିଲେ। ସେଠାରେ ଭେଣ୍ଟିଲେଟର୍ ନଥିବାରୁ ଡାକ୍ତର ଫେରାଇ ଦେଇଥିଲେ। ପରିବାରଲୋକ ପରେ ତାଙ୍କୁ ପଟିଆସ୍ଥିତ ଏକ ଘରୋଇ ହସ୍ପିଟାଲ୍‌କୁ ନେଇଥିଲେ। ସେଠି ମଧ ସମାନ ସ୍ଥିତି। ଶେଷରେ ସହର ଶେଷମୁଣ୍ଡରେ ଥିବା ଏକ ଘରୋଇ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କର ଇସିଜି କରିବା ପରେ ସେ ମୃତ ବୋଲି ଘୋଷଣା କରିଥିଲେ। ତାଙ୍କୁ ସରକାରୀ ଡାକ୍ତରଖାନାକୁ ନେଇ ତାଙ୍କର ଶବ ବ୍ୟବଚ୍ଛେଦ କରିବା ପାଇଁ ପରିବାରଲୋକଙ୍କୁ କହିଥିଲେ। ପରିବାରଲୋକ ତାଙ୍କୁ ଏମ୍ସ ଆଣିଥିଲେ। ମାତ୍ର ଏମ୍ସରେ ସେ ଜୀବିତ ଥିବା ଡାକ୍ତରମାନେ ଦେଖିଥିଲେ। ଏବେ ସେ ଏମ୍ସର ଜରୁରୀକାଳୀନ ୱାର୍ଡରେ ଭେଣ୍ଟିଲେଟର୍ ସପୋର୍ଟରେ ଅଛନ୍ତି। ତାଙ୍କ ଦେହରେ ଜୀବନ ଥିଲେ ସୁଦ୍ଧା ଘରୋଇ ହସ୍ପିଟାଲ୍ ତାଙ୍କୁ ମୃତ ଘୋଷଣା କରିବା ସଚେତନ ନାଗରିକଙ୍କ ମହଲରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି।

ଏ ସମ୍ପର୍କରେ ଗୁରୁତର ମହିଳାଙ୍କ ପୁଅ ତ୍ରିଲୋଚନ ସାହୁ କହିଛନ୍ତି, ତିନୋଟିଯାକ ଘରୋଇ ହସ୍ପିଟାଲ୍ ତାଙ୍କୁ ଆମ୍ବୁଲାନ୍ସରୁ ଦେଖି ଫେରାଇ ଦେଲା। ଶେଷରେ ଆଉ ଏକ ଘରୋଇ ହସ୍ପିଟାଲ୍‌ରେ ଡାକ୍ତର ସେହି ଆମ୍ବୁଲାନ୍ସରେ ହିଁ ତାଙ୍କର ଇସିଜି କରିଥିଲେ। ବାରମ୍ବାର ଭିତରେ ଯାଇ ଆଲୋଚନା କଲେ। ଶେଷରେ ମୋର ଜୀବିତ ମା'ଙ୍କୁ ମୃତ ବୋଲି ଘୋଷଣା କଲେ। ଏହା ମାନସିକ ଭାବେ ଆମକୁ ଗଭୀର ଆଘାତ ଦେଇଛି। ଘରୋଇ ହସ୍ପିଟାଲ୍ ଅର୍ଥ ଲୋଭରେ ଆମ ଭଳି ସାଧାରଣ ଲୋକମାନଙ୍କ ପ୍ରତି ଅବିଚାର କରୁଛି ବୋଲି ସେ କ୍ଷୋଭର ସହ କହିଛନ୍ତି।

**କେନ୍ଦ୍ରକୁ ଯିବେ ଆଉ ଜଣେ ଆଇଏଏସ୍**

## ଶାଳିନୀ ପଣ୍ଡିତ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ନିଯୁକ୍ତ

ଭୁବନେଶ୍ୱର, ୧୩।୯ (ସମିସ): କେନ୍ଦ୍ରକୁ ଯିବେ ଆଉ ଜଣେ ଆଇଏଏସ୍। ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥ ସେବା ଯୁଗ୍ମ ସଚିବ ଭାବେ ନିଯୁକ୍ତି ମିଳିଛି। ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟିର ଅନୁମୋଦନ ପରେ ଶନିବାର ଏନେଇ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ସୂଚନାନୁସାରେ, ଶ୍ରୀମତୀ ପଣ୍ଡିତଙ୍କୁ କେନ୍ଦ୍ର ଅର୍ଥସେବା ଯୁଗ୍ମ ସଚିବ ଭାବେ ୫ବର୍ଷ ଅବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଯୁକ୍ତି ମିଳିଛି। ଶ୍ରୀମତୀ ପଣ୍ଡିତ ଏବେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସଚିବ ଭାବେ କାର୍ଯ୍ୟରତ ଅଛନ୍ତି।

## କ୍ୟାମ୍ପରୁ ଦେଶୀ ବନ୍ଧୁକ ସହ ଗୁଳି ଜବତ, ୨ ଗିରଫ

ଅନୁଗୋଳ,୧୩।୯ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବନଖଣ୍ଡ ଧଣ୍ଡାତୋପା ବନାଞ୍ଚଳ ଧଣ୍ଡାତୋପା ଓଭରବ୍ରିଜ୍ ନିକଟ ଏକ କ୍ୟାମ୍ପରୁ ଶୁକ୍ରବାର ଦେଶୀ ବନ୍ଧୁକ ସହ କିଛି ଅଫୁଟା ଗୁଳି ଜବତ ହୋଇଛି। ଧଣ୍ଡାତୋପା ବନ ବିଭାଗ ଓ ଠାକୁରଗଡ଼ ଥାନା ପୁଲିସ ମିଳିତ ଚଢ଼ଉ କରି ବନ୍ଧୁକ ଓ ଗୁଳି ଜବତ କରିଛନ୍ତି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, କିଶୋରନଗର ଥାନା ବ୍ରାହ୍ମଣୀପାଲି ଗ୍ରାମର ସୁଶାନ୍ତ ପ୍ରଧାନ ଓ କଦଳୀମୁଣ୍ଡା ଗ୍ରାମର ଧୋବେଇ ପ୍ରଧାନ। ଏନେଇ ଧଣ୍ଡାତୋପା ରେଞ୍ଜର ବଢ଼ୁବାହାନ ସାହୁଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଶନିବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ପୁଲିସ ସୂଚନାନୁଯାୟୀ, ସୁଶାନ୍ତ ଓ ଧୋବେଇ ଧଣ୍ଡାତୋପା ନିକଟରେ ଏକ କ୍ୟାମ୍ପ କରି କିଛି ଦିନ ହେବ ରହି ଆସୁଥିଲେ। ଦେଶୀ ବନ୍ଧୁକ ସାହାଯ୍ୟରେ ସେମାନେ ନିକଟସ୍ଥ ଜଙ୍ଗଲରୁ ଜନ୍ତୁ ଶିକାର କରୁଥିଲେ। ଏନେଇ ସୂଚନା ମିଳିବା ଚଢ଼ଉ କରାଯାଇଥିଲା। ସେଠାରୁ ବନ୍ଧୁକ ଓ ଗୁଳି ସହ ବାରୁଦ, ଛୁରୀ, ୨ଟି ମୋବାଇଲ, ଟାଙ୍ଗିଆ, ତାର ଆଦି ଜବତ କରାଯାଇଛି।

## ବାର୍‌ହା ଆକ୍ରମଣରେ ମହିଳା ଚାଷୀ ମୃତ

ପୋଲସରା, ୧୩।୯ (ସମିସ): ବାର୍‌ହା ଆକ୍ରମଣରେ ମହିଳା ଚାଷୀଙ୍କ ମୃତ୍ୟୁ। ପୋଲସରା ବ୍ଲକ୍ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଡୁଙ୍ଗୁରି ଗ୍ରାମରେ ଶୁକ୍ରବାର ସଂଧ୍ୟାରେ ଏଭଳି ଏକ ଅଘଟଣ ଘଟିଛି। ମୃତକ ହେଲେ, ସେହି ଗ୍ରାମର ପଦ୍ମାବତୀ ପୋଲାଇ। ପଦ୍ମାବତୀ ଗତକାଲି ସଂଧ୍ୟାରେ ନିଜ ଜମିକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଖୋଜାଖୋଜି କରିବାରୁ ଚାଷଜମିରେ ସେ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ପରିବାରଲୋକ ତାଙ୍କୁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପଦ୍ମାବତୀଙ୍କୁ ବାର୍‌ହା ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିବ ବୋଲି ପୋଲସରା ରେଞ୍ଜର ଅନିଲ କୁମାର ପଣ୍ଡା କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ନିକଟସ୍ଥ ପାହାଡ଼ିଆ ଅଞ୍ଚଳରେ ବାର୍‌ହା ଉପଦ୍ରବ ଯୋଗୁଁ ବ୍ୟାପକ ଫସଲ ହାନି ହେଉଥିବା ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି।

# ବଟି ଆଦାୟ କରି ଆଇଆଇସି ମଧୁସ୍ମିତା ନିଲମ୍ବିତ

ଯାଜପୁର/ବଡ଼ଚଣା,୧୩।୯ (ସମିସ): ବଡ଼ଚଣା ଥାନାର ପୂର୍ବତନ ଅଧିକାରୀ ମଧୁସ୍ମିତା ବେହେରାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗର ପ୍ରମାଣ ମିଳିବା ପରେ ଆଜି ପୁଲିସ ମହାନିର୍ଦ୍ଦେଶକ ତାଙ୍କୁ ନିଲମ୍ବିତ କରିଛନ୍ତି। ଏହା ପୂର୍ବରୁ ତାଙ୍କୁ ଗତ ୭ ତାରିଖରେ ବଡ଼ଚଣା ଥାନାରୁ ଯାଜପୁର ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। ମଧୁସ୍ମିତାଙ୍କୁ ବଦଳିକୁ ନେଇ ନାନା ଗୁଜବ କରାଯାଉଥିଲେ ମଧ ତାଙ୍କ ବିରୋଧରେ ଆସିଥିବା ବଟି ଆଦାୟ ଅଭିଯୋଗ ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଥିବା ଆଜି ସ୍ପଷ୍ଟ ହୋଇଛି।

ସୂଚନା ମୁତାବକ, ମଧୁସ୍ମିତାଙ୍କ ବିରୋଧରେ ଗୁରୁତର ଅଭିଯୋଗ ହୋଇଥିଲା। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରର ଜଣେ ଔଷଧ ବ୍ୟବସାୟୀ ପ୍ରଫୁଲ୍ଲ ସାହୁଙ୍କୁ ବେଆଇନ ଭାବେ ଉଠାଇ ଆଣି ସେ ବଡ଼ଚଣା ଥାନାରେ ୩ଦିନ ଅଟକ ରଖିଥିଲେ। ତାଙ୍କୁ ମୁକୁଳାଇବା ପାଇଁ ମାହାଙ୍ଗା/ନିଶ୍ଚିନ୍ତକୋଇଲି ଅଞ୍ଚଳର ଦୁଇ ସାମ୍ବାଦିକଙ୍କ ଜରିଆରେ ଅଢ଼େଇ ଲକ୍ଷ ଟଙ୍କା ବଟି ଆଦାୟ କରିଥିଲେ। ସେଥିମଧ୍ୟରୁ ୯୦ ହଜାର ଟଙ୍କା ଫୋନ୍-ପେ'ରେ ଆଦାୟ

**ବଡ଼ଚଣା ଥାନାରୁ ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଥିଲେ**

କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ପ୍ରଫୁଲ୍ଲଙ୍କ ପରିବାର ବିଭିନ୍ନ ଫୋରମ୍‌ରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ପୁଲିସ ମହାନିର୍ଦ୍ଦେଶକ, ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ମଧ ଅଭିଯୋଗ କରିଥିଲେ। ଏହି ଘଟଣା ଗତ ଜୁନ୍ ମାସରେ ହୋଇଥିଲେ ମଧ ଏହାକୁ ପୁଲିସ ବେଶ୍ ହାଲୁକା ଭାବେ ଗ୍ରହଣ କରିଥିଲା। ଏ ସଂକ୍ରାନ୍ତରେ ଗତ ଅଗଷ୍ଟ ୨୩ ତାରିଖରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ତଦନ୍ତରେ ତତ୍ପରତା ପ୍ରକାଶ ପାଇଥିଲା। ମଧୁସ୍ମିତାଙ୍କ ବିରୋଧରେ ଆସିଥିବା ବଟି




ଆଦାୟ ଅଭିଯୋଗରେ ସତ୍ୟତା ଥିବା ଜଣାପଡ଼ିବା ପରେ ପ୍ରଥମେ ତାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିଲା। କିନ୍ତୁ ଉକ୍ତ ବଦଳି ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ବଡ଼ଚଣା ଥାନା ଓ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ଓ ନାରାବାଜି କରାଯାଇଥିଲା।

# ଆଇଟିଆଇ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ବସ୍ତାବ୍ଲକ୍, ୧୩।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ସୁନ୍ଦରହୋତା ଗ୍ରାମ ନିକଟ ୬୦ ନମ୍ବର ଜାତୀୟ ରାଜପଥର ତାରିଣୀ ଛକ ନିକଟରେ ଅବସ୍ଥିତ ପପୁଲାର୍ ନାମକ ଏକ ଘରୋଇ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ)ରେ ପଢୁଥିବା ଜଣେ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଛାତ୍ରୀଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଅଞ୍ଚଳର ଶୁକୁରମଣି ମାଝି(୧୬)। ହଷ୍ଟେଲ ଛାତ ଉପରୁ ତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତେବେ ଏହାକୁ ଶୁକୁରମଣିଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରୁନାହାନ୍ତି। ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରାଯାଉଥିବା ଛାତ୍ରୀଙ୍କ ବାପା-ମା' ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।


**ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକେ**

ଶୁକୁରୁମଣି ଉକ୍ତ ତାଲିମ କେନ୍ଦ୍ରରେ ଇଲେକ୍ଟ୍ରିସିଆନ୍ ବିଭାଗର ପ୍ରଥମ ବର୍ଷ ଛାତ୍ରୀ। ଶୁକ୍ରବାର ରାତିରେ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କ ଶବ ଛାତ ଉପରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ବିଧିବଦ୍ଧ ଭାବେ ମୃତ ଘୋଷଣା କରିଥିଲେ। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ କର୍ତ୍ତୃପକ୍ଷଙ୍କୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ଦାବି କରିଛନ୍ତି ଛାତ୍ରୀଙ୍କ ପରିବାରଲୋକେ।

**ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ**

# 'ଯୁବ ଆଇନଜୀବୀମାନେ ଦେଶର ଆବଶ୍ୟକତା ପୂରଣ କରନ୍ତୁ'

କଟକ,୧୩।୯ (ସମିସ): ଆଇନ ବୃତ୍ତିର ପରିସର ବୃଦ୍ଧି ପାଇ ଚାଲିଛି। ଏଣୁ ଲକ୍ଷ୍ୟ ଏବଂ ନୀତିକୁ ସ୍ଥିର କରି ଏହି ପେସାରେ ଛାତ୍ରଛାତ୍ରୀମାନେ ଅଗ୍ରସର ହେବା ଉଚିତ। ଅଦାଲତ କାର୍ଯ୍ୟ ବାହାରେ ଆଇନଜୀବୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ସାମାଜିକ ଭୂମିକା ରହିଛି। ସେଗୁଡ଼ିକୁ ନିଷ୍ଠା ଓ ଶୃଙ୍ଖଳାର ସହ ତୁଲାଇବା ଆବଶ୍ୟକ ବୋଲି କହିଛନ୍ତି ସୁପ୍ରିମକୋର୍ଟର ପ୍ରାକ୍ତନ ବିଚାରପତି ତଥା ଜାତୀୟ ଜୁଡିସିଆଲ ଏକାଡେମିର ନିର୍ଦ୍ଦେଶକ ଜଷ୍ଟିସ ଅନିରୁଦ୍ଧ ବୋଷ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଦୀକ୍ଷାନ୍ତ ଅଭିଭାଷଣ ଦେଇ ଜଷ୍ଟିସ ବୋଷ ଏହା କହିଛନ୍ତି। ବିଶେଷକରି ପ୍ରତ୍ୟେକ ଆଇନଜୀବୀମାନେ ଲଢୁଥିବା ମାମଲାଗୁଡ଼ିକର ୨୫ ପ୍ରତିଶତ ବିନା ଦେୟରେ ପରିଚାଳନା କରିବା ଦରକାର। ପରିବର୍ତ୍ତିତ ପରିସ୍ଥିତିରେ ଦେଶ ସେମାନଙ୍କଠାରୁ ଯାହା ଆବଶ୍ୟକ କରୁଛି, ଯୁବ ଆଇନଜୀବୀମାନେ ତାହା ପୂରଣ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।




ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ସମାବର୍ତ୍ତନ ଉତ୍ସବରେ ଅଧ୍ୟକ୍ଷତା କରି କହିଲେ, କଠିନ ପରିଶ୍ରମ ସାମାଜିକ ଦାୟିତ୍ୱ ଆଇନ ପେସାରେ ନିତାନ୍ତ ଦରକାର।

ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମାବର୍ତ୍ତନ ଉତ୍ସବରେ ୨୦୨୪-୨୫ବର୍ଷ ପାଇଁ ୨୧୮ ଜଣ ଛାତ୍ରଛାତ୍ରୀମାନଙ୍କୁ ୟୁଜି, ପିଜି ଏବଂ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୬୮ ଛାତ୍ରଛାତ୍ରୀଙ୍କୁ ପାଞ୍ଚବର୍ଷିଆ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମର ସ୍ନାତକ ଡିଗ୍ରୀ ୪୭ଜଣଙ୍କୁ ସ୍ନାତକୋତ୍ତର ଏବଂ ୩ଜଣ ଛାତ୍ରଛାତ୍ରୀଙ୍କୁ ପିଏଚଡି ଡିଗ୍ରୀ ପ୍ରଦାନ କରାଯାଇଛି। ଏଥିସହ ୧୪ମେଧାବୀ ଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବେଦ କୁମାରୀ ସ୍ୱାଗତ ଭାଷଣ ଦେଇ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏଲୟୁର ରେଜିଷ୍ଟ୍ରାର ପ୍ରଫେସର୍ ରଙ୍ଗୀନ ପଲ୍ଲଭ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ହାଇକୋର୍ଟର ବହୁ ବିଚାରପତି, ଆଡଭୋକେଟ ଜେନରାଲଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଦାଦା-ପୁତୁରାଙ୍କୁ ଛୁରାମାଡ଼

ପୁରୀ,୧୩।୯ (ସମିସ): ପୁରୀ ସହରକୁ ଅପରାଧମୁକ୍ତ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ 'ଅପରେସନ୍ ଚକ୍ର' ଚାଲିଛି। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ନାକାବନ୍ଦୀ କରାଯାଉଛି। ଗାଡ଼ିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ସପ୍ତାହକ ମଧ୍ୟରେ ବିଭିନ୍ନ ମାମଲାରେ ଅନେକ ଅଭିଯୁକ୍ତ ମଧ ବନ୍ଧା ହେଲେଣି। ଏହା ସତ୍ତ୍ୱେ କିଛି ଅପରାଧୀ ଏବେ ବି ପୁଲିସର କାର୍ଯ୍ୟାନୁଷ୍ଠାନକୁ ଭୟ କରୁନାହାନ୍ତି। 'ଅପରେସନ୍ ଚକ୍ର'କୁ ଖୋଲା ଚ୍ୟାଲେଞ୍ଜ ଦେବା ଭଳି ଘଟଣା ଘଟିଛି ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ। ଶ୍ରୀମନ୍ଦିର ଉତ୍ତରଦ୍ୱାର ନିକଟରେ ଜଣେ ଦୁର୍ବୃତ୍ତ ଦାଦା-ପୁତୁରାଙ୍କୁ ଛୁରାମାଡ଼ କରି ଆତଙ୍କ ସୃଷ୍ଟି କରିଛି। ଆକ୍ରମଣର ଶିକାର ଦାଦା-ପୁତୁରା ହେଉଛନ୍ତି, ମାର୍କଣ୍ଡେଶ୍ୱର ସାହିର ଗୌରାଙ୍ଗ ସାହୁ ଓ ସନ୍ତୋଷ କୁମାର ସାହୁ। ଉଭୟଙ୍କ ଦେହର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ବେଳେ ଆକ୍ରମଣକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଆହତ ଦାଦା-ପୁତୁରାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ସିଂହଦ୍ୱାର ପୁଲିସ ପହଞ୍ଚି ତଦନ୍ତ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଅନୁମାନ କରାଯାଉଛି। ବିଶେଷକରି ବ୍ୟବସାୟକୁ ନେଇ ଏହି ଘଟଣା ଘଟିଥାଇପାରେ ବୋଲି ପୁଲିସ ଅନୁମାନ କରୁଛି। ପୁଲିସ ଅଭିଯୁକ୍ତଙ୍କୁ ଧରିବା ଲାଗି ଚଢ଼ଉ ଜାରି ରଖିଛି।

**ବ୍ୟକ୍ତିଗତ କାମରେ ଲଗାଉଛନ୍ତି ଏଏନ୍‌ଏମ୍**

# ଘାସବଛା, ବଗିଚା କାମ କରୁଛନ୍ତି ଆଶାକର୍ମୀ

■ କାମ ନ କଲେ ଚାକିରିରୁ ବିଦା ଧମକ
■ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ସିଡିଏମ୍‌ଓ

ମୋହନା, ୧୩।୯ (ସମିସ): ସୁରକ୍ଷିତ ମାତୃତ୍ୱ ଲାଭ କରିବାରେ ସହଯୋଗ ସହ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ସରକାର ବିଭିନ୍ନ ସ୍ଥାନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୋଲିଛନ୍ତି। ପ୍ରତ୍ୟେକ ଆରୋଗ୍ୟ କେନ୍ଦ୍ରରେ ଜଣେ ଲେଖାଏଁ ଏଏନ୍‌ଏମ୍ ନିଯୁକ୍ତ କରିବା ସହ ତାଙ୍କ ଅଧୀନରେ ଆଶାକର୍ମୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି। କିନ୍ତୁ ଉପାନ୍ତ ଅଞ୍ଚଳରେ ଆଶାକର୍ମୀଙ୍କୁ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟ ସହ ଏଏନ୍‌ଏମ୍ ନିଜ ସରକାରୀ ଗୃହର ବିଭିନ୍ନକାର୍ଯ୍ୟରେ ନିୟୋଜିତ କରିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିଛି ଗଜପତି ଜିଲ୍ଲା ମୋହନା ବ୍ଲକର ବୁଡୁଲିସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରରୁ। ଏଠାରେ ଦାୟିତ୍ୱରେ ଥିବା ଏଏନ୍‌ଏମ୍ ବିଶ୍ୱରଞ୍ଜନୀ ପାଣି ସେକ୍ଟର୍‌ର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଆଶାକର୍ମୀଙ୍କୁ ଉପକେନ୍ଦ୍ରର ସଫେଇ, ବଗିଚା କାମ, ଘାସ ବଛା ଆଦି କାର୍ଯ୍ୟରେ ଲଗାଉଥିବା ଆଶାକର୍ମୀମାନେ ଅଭିଯୋଗ କରିଛନ୍ତି। ଯିଏ କାମ କରିବାକୁ ଅମଙ୍ଗ ହେଉଛି, ଉପର ଅଧିକାରୀଙ୍କୁ କହି ତା' ଚାକିରି



ନେଇଯିବେ ବୋଲି ଧମକାଉଛନ୍ତି। ଏନେଇ ଗ୍ରାମବାସୀ, ଜନପ୍ରତିନିଧି ଅବଗତ ହେବା ପରେ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏଏନ୍‌ଏମ୍‌ଙ୍କ ମନମୁଖୀ କାର୍ଯ୍ୟ ସମ୍ପର୍କରେ ଲିଖିତ ଭାବେ ଏକ ଅଭିଯୋଗ ଦେଇଛନ୍ତି। ସଂପୃକ୍ତ ଏଏନ୍‌ଏମ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂପର୍କରେ ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ୍.ଏମ୍ ଅଲ୍ଲୀଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ, ଅଭିଯୋଗ ପାଇବା ପରେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟ ପଣ୍ଡାଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ସମ୍ପୃକ୍ତ ଏଏନ୍‌ଏମ୍‌ଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

**ପାଦ ଛୁଇଁ ଜୁହାର ନ ହେବାରୁ ଦଣ୍ଡ !**

# ୩୧ ପିଲାଙ୍କୁ ମାଡ଼ମାରି ଶିକ୍ଷୟିତ୍ରୀ ନିଲମ୍ବିତ

ବୈଶିଙ୍ଗା, ୧୩।୯ (ସମିସ): ପାଦ ଛୁଇଁ ଜୁହାର ନ କରିବାରୁ ବାଉଁଶ ବାଡ଼ିରେ ୩୧ ଛାତ୍ରଛାତ୍ରୀଙ୍କୁ ନିର୍ଘୁମ୍ ପିଟିଲେ ଶିକ୍ଷୟିତ୍ରୀ। ବେତନଟୀ ବ୍ଲକ୍ ପ୍ରତିମାଦେଇପୁର କ୍ଲଷ୍ଟର୍ ଅନ୍ତର୍ଗତ ଖଣ୍ଡଦେଉଳା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲରେ ଶୁକ୍ରବାର ଏଭଳି ଏକ ଅମାନବୀୟ ଘଟଣା ଘଟିଛି। ଏହି ଘଟଣାରେ ଆଜି ସଂପୃକ୍ତ ସହକାରୀ ଶିକ୍ଷୟିତ୍ରୀ ସୁକାନ୍ତୀ କରଙ୍କୁ ବେତନଟୀ ବିଇଓ ଚାକିରିରୁ ନିଲମ୍ବିତ କରିଛନ୍ତି। ସ୍କୁଲ ପରିଚାଳନା କମିଟି ଏବଂ ଅଭିଭାବକଙ୍କ ଅଭିଯୋଗ ଆଧାରରେ ତଦନ୍ତ କରି ବିଇଓ ଆଜି ଏପରି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

ସୂଚନାନୁସାରେ, ଖଣ୍ଡଦେଉଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ଭାବେ ସୁକାନ୍ତୀ କର କାର୍ଯ୍ୟରତ। ଶୁକ୍ରବାର ସେ ଧାର୍ଯ୍ୟ ସମୟରେ ସ୍କୁଲରେ ପହଞ୍ଚିଥିଲେ। ସମସ୍ତ ଛାତ୍ରଛାତ୍ରୀ ସମବେତ ପ୍ରାର୍ଥନା ପରେ ନିଜ ନିଜ ଶ୍ରେଣୀକୁ ଚାଲିଯାଇଥିଲେ। ତେବେ ଷଷ୍ଠ ଶ୍ରେଣୀ, ୭ମ ଶ୍ରେଣୀ ଏବଂ ୮ମ ଶ୍ରେଣୀ ଗୃହକୁ ପର୍ଯ୍ୟାୟକ୍ରମେ ପାଠ ପଢ଼ାଇବାକୁ ସହକାରୀ ଶିକ୍ଷୟିତ୍ରୀ ସୁକାନ୍ତୀ ଯାଇଥିବା ବେଳେ କେଉଁ କେଉଁ ଛାତ୍ରଛାତ୍ରୀମାନେ ପ୍ରାର୍ଥନା ପରେ ତାଙ୍କୁ ପାଦ ଛୁଇଁ ପ୍ରଣାମ କରିନାହାନ୍ତି ବୋଲି ପଚାରିଥିଲେ। ଯେଉଁ ଛାତ୍ରଛାତ୍ରୀମାନେ ହାତ ଟେକିଥିଲେ, ସେମାନଙ୍କୁ ସେ ବାଉଁଶବାଡ଼ିରେ ନିସ୍ତୁକ ପିଟିଥିଲେ। ଶିକ୍ଷୟିତ୍ରୀଙ୍କ ଆଖୁବୁଜା ମାଡ଼ରେ ଏକାଧିକ ଛାତ୍ରଛାତ୍ରୀ କ୍ଷତାକ୍ତ ହୋଇଥିଲେ। ଅଭିଭାବକଙ୍କ ପାଖରେ ଏ ଖବର ପହଞ୍ଚିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏ ନେଇ ସ୍କୁଲ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ/ ସଦସ୍ୟାଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଘଟଣା ବାବଦରେ ପ୍ରଧାନଶିକ୍ଷକ ସଙ୍ଗେସଙ୍ଗେ ବେତନଟୀ ବ୍ଲକ୍ ଶିକ୍ଷା ଅଧିକାରୀ ବିପ୍ଳବ କର ଏବଂ ପ୍ରତିମାଦେଇପୁର କ୍ଲଷ୍ଟର୍ ସିଆରସିସି ଦେବାଶିଷ ସାହୁଙ୍କୁ ଅବଗତ କରାଇଥିଲେ। ଘଟଣାର ଗୁରୁତ୍ୱର ସହ ନେଇ ବ୍ଲକ୍ ଶିକ୍ଷା ଅଧିକାରୀ ବିପ୍ଳବ କର ଏବଂ ସିଆରସିସି ଶ୍ରୀ ସାହୁ ସ୍କୁଲରେ ପହଞ୍ଚି ତଦନ୍ତ କରିଥିଲେ। ସେମାନେ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା, ଅଭିଭାବକ ଏବଂ ପ୍ରଧାନଶିକ୍ଷକ ସମେତ ଆହତ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ।



## ସିଟି କଟକ

# ପାର୍ବଣରେ କଡ଼ାକଡ଼ି ହେବ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସର୍ ଯାଞ୍ଚ

### ପୁଲିସ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଅଭିଯାନ

କଟକ,୧୩।୯(ସମିସ)



ଫାଇଲ୍ ଫଟୋ

ପାର୍ବଣ ଋତୁରେ କଡ଼ାକଡ଼ି ହେବ ମଲ୍ଟିହର୍ଣ୍ଣ ଓ ସାଇଲେନ୍ସର୍ ଯାଞ୍ଚ ଅଭିଯାନ। ସହରରେ ଦିନକୁ ଦିନ ସହରରେ ଶବ୍ଦ ପ୍ରଦୂଷଣ ବଢ଼ିବାରେ ଲାଗିଛି। ବିଶେଷଃ କରି ଗାଡି ଗୁଡ଼ିକରେ ବ୍ୟବହୃତ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସରରୁ ବାହାରୁଥିବା ଶବ୍ଦ ଗୁଡ଼ିକ ସହରବାସୀଙ୍କୁ ଅତିଷ୍ଠ କରି ପକାଇଲାଣି। ପୁଲିସ କଟକଣା ଅନୁଯାୟୀ, ବାଇକରୁ ଆରମ୍ଭ କରି ବସ, ଟ୍ରକ ଯାଏ, କୌଣସି ଗାଡିରେ ମଲ୍ଟି ହର୍ଣ୍ଣ କିମ୍ବା ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ଆଦୌ ଲାଗିପାରିବନାହିଁ। ଏହାକୁ ନମାନିଲେ ଜରିମାନା ସହ ଦରକାର ପଡିଲେ ଗାଡି ଅଟକ ରଖାଯିବ। ଏଭଳି କଠୋର ନିୟମ ଥାଇ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏବେ ରାସ୍ତାରେ ମାଳମାଳ ଉଚ୍ଚଶବ୍ଦ ସୃଷ୍ଟିକାରୀ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସର ଲାଗିଥିବା ଗାଡି ଗଡୁଛି। ଏହିସବୁ ଗାଡିର ପ୍ରଚଣ୍ଡ ଶବ୍ଦରେ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୁଲିସ କିମ୍ବା ପରିବହନ ବିଭାଗ ଏ ଦିଗରେ ତତ୍ପରତା ଦେଖାଇଛି। ପାର୍ବଣରେ ସ୍ୱତନ୍ତ୍ର ଡ୍ରାଇଭ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି।

ଏମ୍‌ଭିଆଇ ଆକ୍ଟ ଅନୁଯାୟୀ ନିର୍ମାତା କମ୍ପାନୀ ଦ୍ୱାରା ଗାଡିରେ ଲାଗିଥିବା ଉପକରଣ ଗୁଡିକକୁ ଗ୍ରାହକ ତଥା ମାଲିକ ଅଦଳବଦଳ କରିପାରିବେ ନାହିଁ। ମୁଖ୍ୟତଃ ଗାଡିର ହର୍ଣ୍ଣ, ଲାଇଟ୍, ସାଇଲେନ୍ସର, ମିରର ଓ ନମ୍ବର ପ୍ଲେଟ ଅଦଳବଦଳ କରିବା ଦଣ୍ଡନୀୟ ଅପରାଧ। ଯଦି କୌଣସି କ୍ଷେତ୍ରରେ କେବଳ ହର୍ଣ୍ଣ ଓ ଲାଇଟ୍ ବଦଳାଯାଏ ତେବେ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ ଠାରୁ ସ୍ୱତନ୍ତ୍ର ଭାବେ ଅନୁମତି ନେବାକୁ ପଡିବ। କେବଳ ଆଖି ସମସ୍ୟା ଥିବା ଚାଳକଙ୍କ କ୍ଷେତ୍ରରେ ଗାଡିର ଲାଇଟ୍ ଅଦଳବଦଳ କରିବାକୁ ଅନୁମତି ମିଳିଥାଏ। କିନ୍ତୁ ଅଧିକାଂଶ ଗାଡି ମାଲିକ ଓ ଚାଳକ ଏହି ନିୟମକୁ ଉଲ୍ଲଙ୍ଘନ କରୁଛନ୍ତି। ବିଶେଷକରି ଯୁବପିଢି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଗାଡିର ମୂଳ ସାଇଲେନ୍ସର, ହର୍ଣ୍ଣ ଓ ହେଡଲାଇଟ କାଢିଦେଇ ଉଚ୍ଚ ଶବ୍ଦଯୁକ୍ତ ଉପକରଣ ଲଗାଉଛନ୍ତି। ଅଧିକାଂଶ ବୁଲେଟ ପରେ ପଲସର୍ ଭଳି ପିକଅପ ବାଇକ ଗୁଡିକୁ ସ୍ପୋର୍ଟ୍ସ ମଡେଲ ପାଇଁ ଏଭଳି କାରସାଦି କରାଯାଉଛି। ଏହିଭଳି କାର, ଟ୍ରାଭେଲ୍ସ ଗାଡି ସମେତ ବସ, ଟ୍ରାକ୍ଟର ଓ ଟ୍ରକରେ ବି କରାଯାଉଛି। ଉଚ୍ଚଶବ୍ଦ ବୟସ୍କ ଏବଂ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ନକରାତ୍ମକ ପ୍ରଭାବ ପଡୁଛି। ଏମିତିକି ରାସ୍ତାରେ ଯାଉଥିବା ହୃଦରୋଗୀଙ୍କ ପାଇଁ ଏହା ବଡ ବିପଦ ସୃଷ୍ଟି କରୁଛି। ସେହିପରି ରାତି ସମୟରେ ବଡ ଗାଡିର ଅତ୍ୟାଧୁନିକ ଲାଇଟ ରାସ୍ତାର ବିପରୀତରେ ଆସୁଥିବା ଚାଳକଙ୍କୁ କ୍ଷତି ପହଞ୍ଚାଇଥାଏ। ବିଗତ ଦିନରେ ଏହାକୁ ରୋକିବା ପାଇଁ ଆରଟିଓ ଓ ଟ୍ରାଫିକ ପୁଲିସ ପକ୍ଷରୁ ଜୋରଦାର ଧରପଗଡ ହୋଇଥିଲା। ଯାଞ୍ଚ ସମୟରେ ଗାଡିରୁ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର, ହର୍ଣ୍ଣ ଓ ଲାଇଟ ଆଦି କାଢି ନିଆଯାଉଥିଲା। ଏହାସହ ଅମାନିଆଙ୍କ ଠାରୁ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ହେଉଥିଲା। ମଝିରେ ଏହି ଡ୍ରାଇଭ୍ ବନ୍ଦ ହୋଇଯାଇଥିବା ବେଳେ ଏବେ ପାର୍ବଣରେ ଏହି ଅଭିଯାନ ସ୍ୱତନ୍ତ୍ର ଭାବେ କରଯିବାକୁ ନିଷ୍ପତ୍ତି ନିଆଯାଇଛି।

ପ୍ରକାଶ ଥାଉ କି, ଗତ ୩ବର୍ଷ ହେବ ବନ୍ଦ ଥିବା ଧରପଗଡ ଗତ ବର୍ଷ ଫେବ୍ରୁଆରୀରୁ ପୁଣି ଚାଲୁ ହୋଇଥିଲା। ପ୍ରଥମେ ୨୪ଟି ବାଇକରୁ ସାଇଲେନ୍ସର, ୫୦ଟି ବସ/ଟ୍ରକରୁ ମଲ୍ଟି ହର୍ଣ୍ଣ ଓ ଲାଇଟ କଢା ଯାଇଥିଲା। ଏହିଭଳି ଭାବେ ଜୁନ ମାସ ଯାଏ ଦୁଇ ତିନି ଥର ଧରପଗଡ ପରେ ଯାଞ୍ଚ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏହି ସୁଯୋଗରେ ଅମାନିଆମାନେ ପୁଣି ନିଜ ଗାଡିକୁ ରିମଡେଲିଂ କରିଛନ୍ତି। ଏଥର ପାର୍ବଣରେ ଏହି ଅଭିଯାନକୁ କଡାକଡ଼ି କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

# ୩ ବଞ୍ଜାରା ମହିଳା ଲୁଟେରା ଗିରଫ

କଟକ,୧୩।୯(ସମିସ): ବାଦାମବାଡ଼ି ଥାନା ପୁଲିସ କଟକରେ ଚଳନ୍ତା ଅଟୋରେ ମହାରାଷ୍ଟ୍ରରୁ ଆସିଥିବା ଏକ ବଞ୍ଜାରା ଗ୍ୟାଙ୍ଗକୁ କାବୁ କରିଛି। ଜଣେ ମହିଳାଙ୍କୁ ଅଟୋରେ ଛୁରୀ ଦେଖାଇ ଟଙ୍କା ଲୁଟ୍ ଭଳି ଅଭିଯୋଗ ବାଦାମବାଡ଼ି ଥାନାରେ ହୋଇଥିଲା। ଏହି ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହାରାଷ୍ଟ୍ର ତିରୋଡ ଥାନା ଗୋଣ୍ଡିଆ ଅଞ୍ଚଳର ସଞ୍ଜନା ଉମେ(୩୫), ନିକିତା କମଡେ(୨୬) ଓ ସୁଜାତା ଓରନିଲ୍ ସେଣ୍ଡେ(୨୬)। ପୁଲିସ ଏହି ଅଭିଯୁକ୍ତଙ୍କ ନିକଟରୁ ୭ ହଜାର ୫୦୦ ଟଙ୍କା ଓ ଷ୍ଟିଲ୍ ଛୁରି ଜବତ କରିଛି।

ସୂଚନା ଅନୁଯାୟୀ, ଜଗତସିଂହପୁର ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କ ସହିତ ସିଡିଏ ଚକ୍ଷ୍ୟୁ ହସ୍ପିଟାଲକୁ ଚିକିତ୍ସା ହେବାକୁ ଗତ ୧୨ ତାରିଖ ଅପରାହ୍ନ ୩ଟା ବେଳେ ଆସିଥିଲେ। ସେ ଚିକିତ୍ସା ସାରି ଏକ ଅଟୋରେ ବାଦାମବବାଡ଼ି ଆଡ଼କୁ ଫେରୁଥିଲେ। ସେହି ଅଟୋରେ ଆଉ ୩ ଜଣ ଅଜଣା ମହିଳା ଚଢ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବଞ୍ଜାରା ମହିଳା ଛୁରୀ କାଢ଼ିଥିଲା। ଜଗତସିଂହପୁରୁ ଆସିଥିବା ମହିଳାଙ୍କୁ ଛୁରୀ ଦେଖାଇ ଭୟଭିତ କରିଥିଲା। ତାଙ୍କ ପାଖରେ ଥିବା ସମସ୍ତ ଟଙ୍କା ଦେବାକୁ ଧମକାଇଥିଲା। ଭୟରେ ମହିଳା ଜଣକ ନିଜ ପାଖରେ ରଖିଥିବା ୭ ହଜାର ୫୦୦ ଟଙ୍କା ଦେଇ ଦେଇଥିଲେ। ପରେ ବଞ୍ଜାରା ଗ୍ୟାଙ୍ଗ୍ ଫେରାର ହୋଇଯାଇଥିଲେ। ଏ ନେଇ ବାଦାମବାଡ଼ି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରି ଉକ୍ତ ଅଟୋରେ ଆସିଥିବା ୩ ଜଣ ବଞ୍ଜାରା ମହିଳାଙ୍କୁ ସିସି କ୍ୟାମେରା ମାଧ୍ୟମରେ ଠାବ କରିଥିଲା। ଏହା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ୍ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

# କାଠଯୋଡ଼ିରେ ମୃତ ଶିଶୁକନ୍ୟା ଚିହ୍ନଟ

କଟକ,୧୩।୯(ସମିସ): ପୁରୀଘାଟ ଥାନା ପୁଲିସ ଖାନନଗରସ୍ଥିତ କାଠଯୋଡ଼ି ନଦୀରୁ ଶୁକ୍ରବାର ମିଳିଥିବା ମୃତ ଶିଶୁକନ୍ୟାର ପରିବାରକୁ ଚିହ୍ନଟ କରିବାରେ ସକ୍ଷମ ହୋଇଛି। ମୃତ ଶିଶୁକନ୍ୟାର ଘର କାକଟପୁର ବାଙ୍ଗୁରୀ ଗ୍ରାମରେ ହୋଇଥିବା ବେଳେ ବାପାଙ୍କ ନାମ ଦୀପକ ଦାସ ବୋଲି ଜଣାପଡିଛି। ବଡ ଡାକ୍ତରଖାନାରେ ସଂରକ୍ଷଣ ଗୃହରେ ରଖାଯାଇଥିବା ଶିଶୁକନ୍ୟାର ଶବକୁ ତାଙ୍କ ପରିବାର ଜିମା ଦିଆଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଶୁକ୍ରବାର ଅପରାହ୍ନରେ କିଛିଲୋକ କାଠଯୋଡିରେ ଗାଧୋଇବାକୁ ଯାଇଥିବା ବେଳେ କିଛିହାତ ଦୂର ପାଣିରେ ଏକ ଶିଶୁର ମୃତଦେହ ଭାସୁଥିଲା। ପୁଲିସ୍ ଶିଶୁର ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଡ ଡାକ୍ତରଖାନାକୁ ପଠାଇଥିଲା। ଏପଟେ ମୃତ ଶିଶୁଟି ଏଠାକୁ କିପରି ଆସିଲା ବା କିଏ ଏଠାରେ ଆଣି ଫିଙ୍ଗିଛି ସେନେଇ ପୁଲିସ ରିଙ୍ଗବନ୍ଧ ରାସ୍ତାରେ ଲାଗିଥିବା କେତେକ ସିସିଟିଭି କ୍ୟାମେରାର ଫୁଟେଜ ଯାଞ୍ଚ କରି ଖୋଳତାଡ଼ ଜାରି ରଖିଥିଲା। ପାଖଆଖ ଅଞ୍ଚଳରେ ଥିବା ଘରୋଇ ଡାକ୍ତରଖାନାରୁ ସନ୍ଧାନ ନେବା ପରେ ମୃତ ଶିଶୁକନ୍ୟାର ପରିଚୟ ଖୋଜି ବାହାର କରିବାରେ ସକ୍ଷମ ହୋଇଥିଲା। ଖବର ପାଇ ଦୀପକ ଥାନାରେ ପହଞ୍ଚିଥିଲେ। ପଚରାଉଚରା ପରେ ୪ଦିନ ତାଙ୍କ ଝିଅର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡିଥିଲା। ସେ ତାକୁ ନେଇ କାଠଯୋଡ଼ି ରିଙ୍ଗବନ୍ଧର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଗୁରୁବାର ସନ୍ଧ୍ୟାରେ ତା'ର ମୃତ୍ୟୁ ଘଟିଥିଲା। ଏଣୁ ଶବକୁ ଘରକୁ ନ ନେଇ କାଠଯୋଡ଼ିର ନଦୀବାଲିରେ ପୋତି ଦେଇଥିଲେ। ତେବେ ପାଣି ଚାଲିଆସିବାରୁ ବାଲି ଧୋଇ ହୋଇଯାଇ ଶବଟି ଭାସିବାକୁ ଲାଗିଥିଲା ବୋଲି ଦୀପକ ପୁଲିସ ଆଗରେ ସ୍ୱିକାର କରିଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

# ଜିଲ୍ଲାରେ ନଭେମ୍ବର ୩ ପର୍ଯ୍ୟନ୍ତ ବଳବତ୍ତର ରହିବ ପୁଲିସ ଅଧିନିୟମ ଧାରା-୩୦

କଟକ,୧୩।୯(ସମିସ): ଜିଲ୍ଲାର ସର୍ବସାଧାରଣ ସ୍ଥାନରେ ସଂଗଠିତ ହେଉଥିବା ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଶୋଭାଯାତ୍ରା ଓ ସାଧାରଣସଭାଗୁଡିକୁ ନିୟନ୍ତ୍ରଣ କରିବା ନିମନ୍ତେ ପୁଲିସ ଅଧିନିୟମ ୩୦ ଜାରି କରାଯାଇଛି। ଜିଲ୍ଲାର ସମସ୍ତ ୨୧ଟି ପୁଲିସ ଥାନା ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର, କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର, ଟାଙ୍ଗୀ, ଗୁରୁଡିଝାଟିଆ, ଖୁଣ୍ଟୁଣୀ, ଆଠଗଡ, ତିଗିରିଆ, ବଡମ୍ବା, ମାଣିଆବନ୍ଧ, ନରସିଂହପୁର, ଯୋବ୍ରମ, କାନପୁର, ବାଙ୍କୀ ଓ ଭଦ୍ରେଶ୍ୱର ପୁଲିସ ସୀମା ମଧ୍ୟରେ ଆଦେଶନାମା ଜାରି କରାଯାଇଛି। ଗତ ଅଗଷ୍ଟ ୬ ତାରିଖ ଠାରୁ ଏହାକୁ ଲାଗୁ କରାଯାଇଥିବା ବେଳେ ଆସନ୍ତା ନଭେମ୍ବର ୩ ପର୍ଯ୍ୟନ୍ତ ବଳବତ୍ତର ରହିବ। ଶୋଭାଯାତ୍ରା ପାଇଁ ପୁଲିସ ଅଧିକାରୀଙ୍କ ଠାରୁ ୩୦ଧାରା ଅନୁଯାୟୀ ଅନୁମତି ପ୍ରାପ୍ତ କରିବାକୁ ହେବ ବୋଲି କଟକ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ଆଦେଶନାମାରେ ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ମୁତାବକ, ଅନୁଜ୍ଞାପତ୍ର ପ୍ରାପ୍ତ ନିମନ୍ତେ ପ୍ରତ୍ୟେକ ଦରଖାସ୍ତ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ କାର୍ଯ୍ୟକ୍ରମ ସଂଗଠିତ ହେବାର ସର୍ବନିମ୍ନ ୩ଦିନ ପୂର୍ବରୁ ପହଞ୍ଚିବା ଆବଶ୍ୟକ।

# ବାଦାମବାଡ଼ି ଓ ମଧୁପାଟଣା ଥାନା ପକ୍ଷରୁ ଦଶହରା ପ୍ରସ୍ତୁତି ବୈଠକ

କଟକ,୧୩।୯(ସମିସ): ଶୃଙ୍ଖଳାର ସହ ଶାରଦୀୟ ଦୁର୍ଗା ପୂଜା ଆୟୋଜନ ନିମନ୍ତେ ଥାନାୱାରୀ ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଛି। ଏହିକ୍ରମରେ ବାଦାମବାଡି ଓ ମଧୁପାଟଣା ଥାନା ଅଞ୍ଚଳରେ ଥିବା ପୂଜା କମିଟିକୁ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଜୋନ ଏସିପି ଅଶୋକ ଗିରି ଅଧ୍ୟକ୍ଷତା କରିଥିଲେ। ଦୁର୍ଗା ପୂଜା ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ବିଷୟରେ କମିଟି ସଦସ୍ୟଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଯେଉଁମାନେ ତୋରଣ ଓ ଅସ୍ଥାୟୀ ମଣ୍ଡପ କରୁଛନ୍ତି ସେମାନଙ୍କୁ ୨୨ ତାରିଖ ମଧ୍ୟରେ କାମ ଶେଷ କରିବା ପାଇଁ କୁହାଯାଇଛି। ଯଦି କାହାର କିଛି ସମସ୍ୟା ଦେଖାଦେଉଛି ତାହାଲେ ତୁରନ୍ତ ପୁଲିସ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଭସାଣିରେ ମଧ୍ୟ ଅନୁରୂପ ଗାଇଡଲାଇନକୁ କଡାକଡି ଭାବେ ପାଳନ କରିବାକୁ କୁହାଯାଇଛି। ଶବ୍ଦ ପ୍ରଦୂଷଣ ନେଇ କଟକଣା ଜାରି ହୋଇଛି। ତେଣୁ ବ୍ୟାଣ୍ଡପାର୍ଟି ବଦଳରେ ପାରମ୍ପାରିକ ବାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ଏଥିରେ ବାଦାମବାଡି ଥାନା ଅଞ୍ଚଳରେ ଥିବା ୨୨ଟି ଓ ମଧୁପାଟଣା ଥାନା ଅଞ୍ଚଳରେ ଥିବା ୧୪ଟି ପୂଜା କମିଟିର କର୍ମକର୍ତ୍ତା ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି ବିଜୟ ସାହୁ, ସଂପାଦକ ପ୍ରଫୁଲ୍ଲ ସାହୁ, ୯ ଜଣ କର୍ପୋରେଟର, ବାଦାମବାଡି ଥାନାଧିକାରୀ ଅଜୟ ରାଉଳ ଓ ମଧୁପାଟଣା ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଉପର ପଡ଼ିଆରେ ବାଲିଯାତ୍ରା ବନ୍ଦ ନିଷ୍ପତ୍ତିକୁ ବିରୋଧ

# ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଭଏସ୍ ଅଫ୍ କଟକ



କଟକ,୧୩।୯(ସମିସ): ସାମାଜିକ ସଂଗଠନ ଭଏସ ଅଫ କଟକ ପକ୍ଷରୁ କଟକ ଜିଲ୍ଲପାଳ କାର୍ଯ୍ୟାଳୟରେ ବାଲିଯାତ୍ରା ଉପର ପଡିଆରେ ବାଲିଯାତ୍ରା ବନ୍ଦ କରିବା ନିଷ୍ପତ୍ତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉପର ବାଲିଯାତ୍ରା ପଡ଼ିଆରେ ମେଳା ଆୟୋଜନ ବନ୍ଦ ନିଷ୍ପତିକୁ ପ୍ରତ୍ୟାହାର ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟରେ କଟକ ଜିଲ୍ଲାପାଳଙ୍କ ଅନୁପସ୍ଥିତି ଥିବାରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉପର ପଡିଆ ବାଲିଯାତ୍ରା କଟକର ସଂସ୍କୃତି, ପରମ୍ପରା ଓ କଟକିଆଙ୍କ ଭାବାବେଗ ସହ ଜଡିତ। କଟକ ସହରର ମୂଳବାସିନ୍ଦା ଯେଉଁମାନେ ଖୁଦ୍ର ବ୍ୟବସାୟୀ ସେମାନେ ଉପର ପଡିଆରେ ବର୍ଷ ବର୍ଷ ହେବ ନିଜ ବ୍ୟବସାୟ କରି ଆସନ୍ତି। ସେଥିପାଇଁ ଭଏସ ଅଫ କଟକ ପକ୍ଷରୁ ଆଗାମୀ ଦିନରେ କଟକିଆଙ୍କ ସ୍ୱାର୍ଥରେ ଜନଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ସୌମ୍ୟଦୀପ ଘୋଷ, ସିଦ୍ଧାର୍ଥନନ୍ଦ, ଜଗତଜ୍ୟୋତି ପଟ୍ଟନାୟକ, ଶ୍ରେୟା ସମ୍ବେଦନା, ପବିତ୍ର ଭୂୟାଁ, ସନ୍ତୋଷ ମହାପାତ୍ର, ପ୍ରଦୀପ୍ତ ବେହେରା, କୁନୀଆ ସେଠି, ଅମିତ ମହାନ୍ତି, ସାବୀର ଆନସାର, ଲିଟିଲ ମହାରଣା, ଅକ୍ଷୟ ବେହେରା, ରମେଶ ସେଠୀ ପ୍ରମୁଖ ଯୋଗଦେଇଥିଲେ।

### ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ

# ୧୧ ହଜାର ୯୩୯ଟି ମାମଲା ଫଇସଲା



କଟକ,୧୩।୯(ସମିସ): ଆଜି କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଓ ଦୌରାଜଜ୍ ଅଦାଲତ ପରିସରରେ ତାଲୁକସ୍ତରର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ ଯୋଗଦାନ କରି କୋର୍ଟ ପରିଦର୍ଶନ କରିବା ସହ ମକଦ୍ଦମା ଗୁଡିକ ଫଏସଲା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଉକ୍ତ ଲୋକ ଅଦାଲତରେ ବହୁ ସଂଖ୍ୟକ ଲୋକ ଯୋଗଦାନ କରି ଲୋକ ଅଦାଲତ ମାଧ୍ୟମରେ ସେମାନଙ୍କର ମକଦ୍ଦମାଗୁଡ଼ିକ ଫଏସଲା କରାଇଥିଲେ। କଟକ ଜିଲ୍ଲା ଓ ଦୌରାଜଜ୍ ତଥା କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷଙ୍କ ଦାୟିତ୍ୱରେ ଥିବା ରାଜ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲା କୋର୍ଟର ସମସ୍ତ ବିଚାରପତିମାନେ ନିଜ ନିଜ କୋର୍ଟରେ ଥିବା ମକଦ୍ଦମାର ଫଏସଲା କରିଥିଲେ। ଏହି ଲୋକ ଅଦାଲତରେ ମୋଟ ୩୦୩୮୦ ମକଦ୍ଦମାରୁ ସମୁଦାୟ ୧୧୯୩୯ଟି ମକଦ୍ଦମାର ଫଇସଲା କରାଯାଇଥିଲା ଏବଂ ୪୮୭୬୮୭୪୧୭.୨୦ଙ୍କା ଜରିମାନା ଓ ଅନୁକମ୍ପା ମୂଳକ ରାଶି ସ୍ଥିରିକୃତ କରାଯାଇଥିଲା। ଏହି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟର ଯାନ ଦୁର୍ଘଟଣା ଜନିତ ମକୋଦ୍ଦମା, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ବିଦ୍ୟୁତ ଅନିୟମିତତା ମକୋଦ୍ଦମା, ଚେକ ବାଉନ୍ସ, ରାଜସ୍ୱ, ଓ ବିବାଦୀୟ ମକଦ୍ଦମା ଇତ୍ୟାଦିର ଫଇସଲା କରାଯାଇଥିଲା। ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ପରିଚାଳନା କରିଥିଲେ।

# ଇଂ ଅଶୋକ ବାସା ପାଇବେ ବିଶ୍ୱେଶ୍ୱରାୟା ସମ୍ମାନ



କଟକ,୧୩।୯(ସମିସ): ଦି ଓଡ଼ିଶା ଇଂଜିନିୟର୍ସ ଫୋରମ ପକ୍ଷରୁ ଆସନ୍ତା ୧୫ ତାରିଖ ସନ୍ଧ୍ୟାରେ କଟକର ସାରଳା ଭବନଠାରେ ଇଂଜିନିୟର ଦିବସ ପାଳନ ଉତ୍ସବରେ ଇଂଜିନିୟର ଅଶୋକ ବାସାଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ବିଶ୍ୱେଶ୍ୱରାୟା ସମ୍ମାନ ପ୍ରଦାନ କରାଯିବ। ଏହି ସମ୍ମାନ ସ୍ୱରୂପ ତାଙ୍କୁ ବିଶ୍ୱେଶ୍ୱରାୟାଙ୍କ ରୌପ୍ୟ ପ୍ରତିମୂର୍ତ୍ତି ଉତ୍ତରୀୟ ଦିଆଯିବ। ଶ୍ରୀ ବାସା ଇନଷ୍ଟିଚ୍ୟୁସନ ଅଫ୍ ଇଂଜିନିୟର୍ସ ଇଣ୍ଡିଆ, ବିଶ୍ୱ ଇଂଜିନିୟରିଂ ସଂସ୍ଥାନ ଫେଡେରେସନ, ନିଟ୍ରା ଓ ବି. ଇଂଜିନିୟର୍ସ ସଂସ୍ଥାନ ଇତ୍ୟାଦିରେ ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ଭାବେ କାର୍ଯ୍ୟନିର୍ବାହ କରିଛନ୍ତି। ସେ ୧୯୮୦ ମସିହାରେ ଏନ୍‌ଆଇଟି, ରାଉରକେଲାରୁ ସିଭିଲ ଇଂଜିନିୟରିଂରେ କୃତିତ୍ୱର ସହ ଡିଗ୍ରୀ ହାସଲ କରିଥିଲେ। ଜଣେ ଷ୍ଟ୍ରକଚର ବିଶେଷଜ୍ଞ ଭାବରେ ତାଙ୍କ ଆନ୍ତର୍ଜାତୀୟ ଖ୍ୟାତି ରହିଛି। ଉତ୍ସବରେ ମଧ୍ୟ ପ୍ରବୀଣ ଇଂଜିନିୟର ବଟକୃଷ୍ଣ ଲେଙ୍କା, ଇଂଜିନିୟର ପୂର୍ଣ୍ଣଚନ୍ଦ୍ର ଦଳାଇ, ଇଞ୍ଜିନିୟର ଭାଗିରଥ ଦାସ ଏବଂ ଇଂଜିନିୟର ଦୁର୍ଗାପ୍ରସାଦ ରଥଙ୍କୁ ଇଂଜିନିୟରିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁଣବତ୍ତା ସମ୍ମାନ ପ୍ରଦାନ କରାଯିବ ବୋଲି ଫୋରମର ସଭାପତି ଡ. (ଇଂ) ପ୍ରଭାକର ସ୍ୱାଇଁ ଓ ସଂପାଦକ ଇଂ. ଶିଶିର ସାହୁ ଏକ ମିଳିତ ବିବୃତିରେ ଜଣାଇଛନ୍ତି।

# ଧାର୍ଯ୍ୟ ସମୟରେ ଆବେଦନକାରୀଙ୍କୁ ସାର୍ଟିଫିକେଟ୍ ଦେବାକୁ ନିର୍ଦ୍ଦେଶ

କଟକ,୧୩।୯(ସମିସ): ଜନସେବା କେନ୍ଦ୍ର କିମ୍ବା କମ୍ପ୍ୟୁଟର ଦ୍ୱାରା ଅପଲୋଡ୍ କରିଥିବା କିଶାନ୍ କାର୍ଡ, କୃଷି ବୀମା, ଆୟୁଷ୍ମାନ୍ କାର୍ଡ, ଗୋପବନ୍ଧୁ ଆରୋଗ୍ୟ ଯୋଜନା, ବରିଷ୍ଠ ନାଗରିକ କାର୍ଡ, ଶ୍ରମ କାର୍ଡ, ଆୟ, ଜାତିଗତ, ବାସଗୃହ, ଉତ୍ତରାଧିକାରୀ ପ୍ରମାଣପତ୍ର, ଆଧାର କାର୍ଡ, ଗ୍ରୀନ୍ କାର୍ଡ, ବାହାଘର, ଶୋଭାଯାତ୍ରା, ଘରଖଜଣା ଏବଂ ହୋଲ୍ଡିଂ ଟ୍ୟାକ୍ସ ଡିପୋଜିଟ୍, ମ୍ୟୁଟେସନ୍, ଦିବ୍ୟାଙ୍ଗ, ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏବଂ ରିନ୍ୟୁଆଲ୍ ସହ ନାଗରିକ ପ୍ରମାଣପତ୍ର ଇତ୍ୟାଦି ନିର୍ଦ୍ଧାରିତ ସମୟରେ ଡାଉନଲୋଡ୍ ହୋଇ ପାରୁନାହିଁ। ଉପୋରକ୍ତ କାରଣ ଦର୍ଶାଇ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ପ୍ରଦୀପ କୁମାର ପଟ୍ଟନାୟକ ୨୦୨୦ମସିହାରେ ସମସ୍ତ ନଥିପତ୍ର ସହିତ ଏକ ପିଟିସନ୍ ମାନବିକ ଅଧିକାର ଆୟୋଗଙ୍କ ନିକଟରେ ଦାଖଲ କରିଥିଲେ। ସାଧାରଣ ନାଗରିକଙ୍କ ସ୍ୱାର୍ଥ ଏବଂ ସୁରକ୍ଷା ଦୃଷ୍ଟିରୁ ଶ୍ରୀ ପଟ୍ଟନାୟକ ଯୁକ୍ତି ବାଢ଼ିଥିଲେ ଯେ ଆବେଦନକାରୀ ପ୍ରଥମେ ଅପଲୋଡ୍ ସମୟରେ ଆବଶ୍ୟକୀୟ ସମସ୍ତ ନଥିପତ୍ର ସହିତ ସରକାରୀ ଧାର୍ଯ୍ୟ ଫିସ୍ ଦାଖଲ କରି ଆସୁଥିବା ସତ୍ତ୍ୱେ ପୁନର୍ବାର ସମ୍ପୃକ୍ତ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବା ଏବଂ ପ୍ରତ୍ୟେକ ଟେବୁଲ୍‌ରେ ନିୟୋଜିତ ଅଧିକାରୀଙ୍କୁ ଦେଖା କରିବାର ଆବଶ୍ୟକତା କାହିଁକି? ଆବେଦନକାରୀ ଟଙ୍କା ଦେଇ ଧାର୍ଯ୍ୟ ସମୟରେ ନିଜର ସାର୍ଟିଫିକେଟ୍ ପାଉ ପାରୁନାହାନ୍ତି। ଏ ସମସ୍ତ ବିଷୟକୁ ତର୍ଜମା କରି ଆବେଦନକାରୀ ଅପଲୋଡ୍ କରିଥିବା ନିର୍ଦ୍ଦିଷ୍ଟ ସାର୍ଟିଫିକେଟ୍‌ର ଫାଇଲିଂର ୧ମାସ ଅବଧି ସମୟରେ ଡାଉନଲୋଡ୍ କରିବାର ସୁଯୋଗକୁ ବଞ୍ଚିତ ନକରିବା ନିମନ୍ତେ ରାଜ୍ୟ ସରକାରଙ୍କ ମୁଖ୍ୟ ପ୍ରିନ୍ସିପାଲ୍ ସେକ୍ରେଟେରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଜଣେ ପୂର୍ଣ୍ଣକାଳୀନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନକାରୀଙ୍କ ସ୍ୱାର୍ଥକୁ ସୁନିଶ୍ଚିତ କରିବା ନିମନ୍ତେ ମାନବିକ ଅଧିକାର ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।



# ନବମୀରେ ଲାଗି ହେବ ୧୫ କ୍ୱିଣ୍ଟାଲ ମାଛଭୋଗ

### ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି, ଚାନ୍ଦିନୀଚୌକ

ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପିଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....

କଟକ, ୧୩।୯(ସମିସ)




ଚାନ୍ଦିନୀଚୌକ ପୂଜା କମିଟି ପକ୍ଷରୁ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ଠାରୁ ପୂଜା ମଣ୍ଡପ ଚଳଚଞ୍ଚଳ ହୋଇ ଉଠିଛି। ଚଳିତବର୍ଷ ପୂଜା କମିଟି ପକ୍ଷରୁ ୩୦ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ଚାନ୍ଦିନୀଚୌକରେ ପୂଜା ୫ ଶହ ବର୍ଷର ପୁରୁଣା ହୋଇଥିବା ବେଳେ ଏଠାକାର ଐତିହ୍ୟ, ପରମ୍ପରା, ଇତିହାସ ଓ ପୂଜାବିଧି ଶ୍ରେଷ୍ଠ। କିମ୍ବଦନ୍ତୀ ଅନୁସାରେ, ପୂର୍ବରୁ କଟକରେ ୫ଟି ପୂଜା ମଣ୍ଡପରେ ମା' ଦୁର୍ଗା ପୂଜା ପାଉଥିଲେ। ସେଥିମଧ୍ୟରୁ ଚାନ୍ଦିନୀଚୌକ ମା'ଦୁର୍ଗାଙ୍କୁ ସାନଭଉଣୀ କୁହାଯାଏ। ଏହି ଅଞ୍ଚଳରେ ପ୍ରଥମେ ବଙ୍ଗୀୟ ପରିବାର ନିଜ ଘର ବାରଣ୍ଡାରେ ମା'ଦୁର୍ଗାଙ୍କ ପୂଜା କରୁଥିଲେ। ପରେ ଦର୍ପଣୀ ରାଜ ପରିବାର ପୂଜା ପରିଚାଳନା ଦାୟିତ୍ୱ ନେଇଥିଲେ। ରାଜ ପରିବାର ଏହି ପୂଜାରେ ସମ୍ପୃକ୍ତ ଥିବାରୁ ଚାନ୍ଦିନୀଚୌକ ମେଢ଼କୁ ରାଜାଘର ମେଢ଼ ବୋଲି ନାମିତ କରାଯାଏ। ରାଜତନ୍ତ୍ର ଲୋପ ପାଇଲା ପରେ ଚାନ୍ଦିନୀଚୌକ ଅଞ୍ଚଳବାସୀ ପୂଜା ହାତକୁ ନେଇଥିଲେ। କମିଟି ପକ୍ଷରୁ ୨୦୦୩ ମସିହାରେ ୪.୫ କୁଇଣ୍ଟାଲ ଓଜନର ଚାନ୍ଦି ମେଢ଼ ନିର୍ମାଣ କରାଯାଇଥିଲା। ଏହାସହ ଚଳିତବର୍ଷ ସାଢ଼େ ୩ କେଜି ଓଜନର ସୁନା ମୁକୁଟ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହା ଆଗାମୀ ବର୍ଷ ମା'ଙ୍କୁ ଲଗାଯିବ। ଏହା ସହ ୧ କେଜି ଓଜନର ଚାନ୍ଦିର ନୂଆ ଅଳଙ୍କାର ପାଶ୍ୱର୍ ଦେବାଦେବୀଙ୍କର କରାଯାଇଛି। ମା'ଦୁର୍ଗାଙ୍କ ସମେତ ପାଶ୍ୱର୍ ଦେବାଦେବତାଙ୍କ ଚାନ୍ଦିର ଅଳଙ୍କାର ୭୦କେଜି ଓଜନର ନିର୍ମାଣ କରାଯାଇଥିବାବେଳେ ମା'ଦୁର୍ଗାଙ୍କର ସୁନାର ଚିକ, ସିନ୍ଥି, କାନଫୁଲ ଆଦି ରହିଛି। କଟକ ସହରରେ ପ୍ରଥମକରି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲାଇଟ ଗେଟ୍ ଚାନ୍ଦିନୀଚୌକ ପୂଜା କମିଟି ପକ୍ଷରୁ ଆରମ୍ଭ କରାଯାଇଥିଲା। ଚଳିତବର୍ଷ ଲାଇଟ ଗେଟ୍ ବେଲଭ୍ୟୁ ଛକରେ କରାଯିବ। ଏହାବ୍ୟତୀତ ଆଉ ୫ଟି ଲାଇଟ ଗେଟ୍ କରାଯିବ। ୪ ରାତି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ସପ୍ତମୀରେ ୩୫ କୁଇଣ୍ଟାଲ ମିଠା ଭୋଗ କରାଯାଇ ବଣ୍ଟାଯିବ। ଅଷ୍ଟମୀରେ ମହିଳାମାନେ ବ୍ରତ ପୂଜା କରିବେ। ନବମୀରେ ୧୫ କୁଇଣ୍ଟାଲ ମାଛ ଭୋଗ ଲାଗି କରାଯିବ ଏବଂ ଶ୍ରଦ୍ଧାଳଙ୍କୁ ବଣ୍ଟାଯିବ। ଦ୍ୱାଦଶୀରେ ଭସାଣି ଯାତ୍ରା କରାଯିବ ଏବଂ ଏଥିରେ ବଲାଙ୍ଗୀର ସିଂହ ବାଜା, ମାଦଳ ବାଜା, ବ୍ୟାଣ୍ଡ ପାର୍ଟି ଓ କଲିକତାର ଢ଼ାକ ବାଜା ପରିବେଷଣ କରାଯିବ।



କୋଲକାତାର ଢ଼ାକ ବାଜା ଏଥର ସହରବାସୀଙ୍କୁ ଭସାଣୀରେ ଆକର୍ଷିତ କରିବ। ରାଜାଘର ମେଢ଼ ଭାବେ ଚାନ୍ଦିନୀଚୌକ ପୂଜା କମିଟି ରୌପ୍ୟନଗରୀରେ ପରିଚିତ ଲାଭ କରିଛି। ସମସ୍ତ ମେଢ ଚାନ୍ଦିନୀଚୌକ ମେଢ଼କୁ ଅତିକ୍ରମ କରି ମେଲାଣି ନେଇଥାନ୍ତି। ସାନଭଉଣୀ ଭାବେ କୁହାଯାଉଥିବା ଚାନ୍ଦିନୀଚୌକ ମା' ଦୁର୍ଗା ସମସ୍ତଙ୍କୁ ବିଦାୟ ଦେବା ପରେ ମେଲାଣି ନେବେ।

ରମେଶଚନ୍ଦ୍ର ବେହେରା, ସଭାପତି



ଏଠାରେ ନବମୀରେ ମାଛ ଭୋଗ ସ୍ୱତନ୍ତ୍ର। ମହାଷ୍ଟମୀରେ ମହିଳାମାନେ ମା' ଦୁର୍ଗାଙ୍କ ନିକଟରେ ବ୍ରତ ପୂଜା କରିବେ। ପ୍ରାୟ ୧ହଜାର ମହିଳାଙ୍କ ପାଇଁ ଖରା ଓ ବର୍ଷାକୁ ନଜରରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହା ସହ ନବମୀରେ ମା' ଦୁର୍ଗାଙ୍କ ନିକଟରେ ସ୍ୱତନ୍ତ୍ର ଭାବେ ମାଛ ଭୋଗ ଲାଗି କରାଯାଏ। କମିଟି ପକ୍ଷରୁ ୧୫ କୁଇଣ୍ଟାଲର ମାଛ ଭୋଗ କରାଯିବ।

- ସୁଶାନ୍ତ କୁମାର ପାଣି, ସମ୍ପାଦକ

## ଏବେ ବି ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ



ଭୁବନେଶ୍ୱର, ୧୩।୯ (ସମିସ): ପ୍ରଖ୍ୟାତ ସଙ୍ଗୀତକାର ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବେଳେ କୌଣସି ସୁଧାର ଆସିନାହିଁ। ଏବେ ବି ସେ ଭେଣ୍ଟିଲେଟର୍‌ରେ ଅଛନ୍ତି ଏବଂ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ବୋଲି ଭୁବନେଶ୍ୱର ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ଲିଭର୍‌ଜନିତ ରୋଗରେ ପୀଡ଼ିତ ହୋଇ ପ୍ରଥମେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ ଅଭିଜିତ। ପରେ ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭେଣ୍ଟିଲେଟର୍‌ରେ ରଖାଯାଇଛି। ଅଭିଜିତଙ୍କ ମସ୍ତିଷ୍କରେ ସୋଡିୟମ୍ କମିଥିବା ଏବଂ ନିଶ୍ୱାସ ନେବାରେ ସମସ୍ୟା ହେଉଥିବା କୁହାଯାଉଥିଲା। ଟ୍ରମା ସେଣ୍ଟର୍‌ରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯିବ ବୋଲି ସୂଚନା ମିଳିଛି।

## ନିବେଶ ଆଳରେ ୨୪ ଲକ୍ଷ ଠକେଇ

ସମ୍ବଲପୁର, ୧୩।୯ (ସମିସ): ଟ୍ରେଡିଂ ଆଳରେ ଯୁବକଙ୍କଠାରୁ ୨୪ଲକ୍ଷ ଲୁଟିନେଲେ ସାଇବର୍ ଠକ। ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳର ଜଣେ ଯୁବକ ଏଭଳି ଠକେଇର ଶିକାର ହୋଇଛନ୍ତି। ଏନେଇ ଯୁବକଜଣଙ୍କ ସାଇବର୍ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଓଟିସି ଟ୍ରେଡିଂ ଆଳରେ ସେ ଏକ ହ୍ୱାଟସଅପ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ। ତନିସ୍କ ନାମକ ଜଣେ ମହିଳା ଏହି ଗ୍ରୁପକୁ ଚଳାଉଥିଲେ। ବିଭିନ୍ନ ସମୟରେ ଟଙ୍କା ବିନିଯୋଗ କରି ମୋଟା ଅଙ୍କର ଅର୍ଥ ପାଇବା ଆଶା ଦେଖାଉଥିଲେ। ମହିଳାଜଣଙ୍କ ବଡ଼ ବଡ଼ କମ୍ପାନୀ ସହ ତାଙ୍କର ଟାଏ-ଅପ୍ ଥିବା ମଧ୍ୟ କହୁଥିଲେ। ମହିଳାଙ୍କ ଉକ୍ତ ଇନଭେଷ୍ଟ କମ୍ପାନୀ ସେବି ଦ୍ୱାର ମଧ୍ୟ ପଞ୍ଜିକୃତ ଥିବା କହିଥିଲେ। ତେଣୁ ଉକ୍ତ ବ୍ୟକ୍ତି ଭରସା କରି ଟଙ୍କା ବିନିଯୋଗ କରିଥିଲେ। ଗତ ଅଗଷ୍ଟ ୬ ତାରିଖରୁ ୨୦ ଯାଏଁ ସେ ମୋଟ ୨୪ଲକ୍ଷ ହରାଇଥିବା ଅଭିଯୋଗ କରିଛନ୍ତି।

ସୂଚନାନୁସାରେ, ସମ୍ବଲପୁରରେ ଏପରି ଅନଲାଇନ ଠକେଇ ନୂଆ ନୁହେଁ, ବାରମ୍ବାର ଏପରି ଘଟଣା ଘଟିବାରେ ଲାଗିଛି। ସାଇବର ଥାନାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳେ ନାହିଁ। ଉପଯୁକ୍ତ ଟେକ୍ନୋଲୋଜି ସହ କର୍ମଚାରୀ ଅଭାବରୁ ଏପରି ଅଭିଯୋଗ ସମାଧାନ ନହୋଇ ରହିଯାଉଛି। ପୁଲିସ ଗତ କିଛି ମାସ ତଳେ ୫ଜଣଙ୍କୁ ଗିରଫ କରିଥିଲା। ଚଳିତ ବର୍ଷ ଏବେ ଯାଏଁ ଥାନାରେ ୧୭ଟି ମାମଲା ପଞ୍ଜୀକରଣ ହୋଇଛି। ପୁଲିସ ଏବେ ଯାଏଁ ୧/୨ କେସ ସମାଧାନ କରିଥିବା ସୂଚନା ରହିଛି। ବାରମ୍ବାର ସଚେତନ ପରେ ମଧ୍ୟ ସାଧାରଣ ଜନତା ସେହି ସମାନ ଢଙ୍ଗରେ ଅନଲାଇନ ଠକେଇର ଶିକାର ହେଉଛନ୍ତି।

## ହାତୀ ଆକ୍ରମଣରେ ଜଣେ ମୃତ

କୁଚିଣ୍ଡା, ୧୩।୯ (ସମିସ): ସମ୍ବଲପୁର ଜିଲ୍ଲାର ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଗୋବିନ୍ଦପୁର ରେଞ୍ଜ ଗଡପୋଷ ବିଟ୍ ସୀମାଭୂମିରେ ଥିବା ବନ୍ଧାବାର ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ଗ୍ରାମବାସୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ, ମସନିକାନି ଗାଁର ହେରମାନ ଡାଙ୍ଗ (୫୫)। ଶୁକ୍ରବାର ଭୋର୍‌ରେ ସେ ଛତୁ ସଂଗ୍ରହ କରିବାକୁ ଉକ୍ତ ଜଙ୍ଗଲକୁ ଯାଇଥିଲେ। ସେହି ସମୟରେ ଗୋଟିଏ ହାତୀ ତାଙ୍କୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ, ଜଙ୍ଗଲରୁ ଘରକୁ ନଫେରିବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଶେଷରେ ଶନିବାର ସକାଳେ ବନବିଭାଗ କର୍ମଚାରୀମାନେ ତାଙ୍କ ମୃତଦେହକୁ ଜଙ୍ଗଲ ମଧ୍ୟରୁ ଉଦ୍ଧାର କରିଥିଲେ। ମୃତଦେହକୁ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କ ହସ୍ତାନ୍ତର କରାଯାଇଛି। ହେରମାନ ଡାଙ୍ଗ ଗରିବ ଶ୍ରେଣୀର ହୋଇଥିବାରୁ ପରିବାର ପାଇଁ ସରକାରୀ ସହାୟତା ଯୋଗାଇବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

### ଠିକ୍ ସମୟରେ ସ୍କୁଲରେ ପହଞ୍ଚୁନି ଚାଉଳ

### ବିନା ଟେଣ୍ଡର୍‌ରେ ଚାଉଳ ପରିବହନ

## ମଧ୍ୟାହ୍ନଭୋଜନରେ ଛୁଆ ଖାଉଛନ୍ତି ମୁଢ଼ି, ବିସ୍କୁଟ

ବାରିପଦା, ୧୩।୯ (ସମିସ): ସ୍କୁଲ ଛାତ୍ରଛାତ୍ରୀଙ୍କୁ ନିୟମିତ ସ୍କୁଲ ଆସିବାକୁ ଆକୃଷ୍ଟ କରିବା ସହ ଉତ୍ତମ ପୋଷଣ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାର ଦେଶରେ ପ୍ରଧାନମନ୍ତ୍ରୀ ପୋଷଣ ମଧ୍ୟାହ୍ନ ଭୋଜନ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ସମସ୍ତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି। ଜିଲ୍ଲାରେ ଏହି ଯୋଜନାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ବର୍ଷକୁ ୮୩ ହଜାର କୁଇଣ୍ଟାଲ ଚାଉଳ ମଧ୍ୟାହ୍ନ ଭୋଜନ ବାବଦରେ ସରକାର ପ୍ରଦାନ କରୁଛନ୍ତି। କିନ୍ତୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳିତ ହେଉନାହିଁ। ବିଭିନ୍ନ ସମୟରେ ଜିଲ୍ଲାର ଅଧିକାଂଶ ସ୍କୁଲରେ ଚାଉଳ ଯୋଗାଣ ହେଉ ନଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମୁଢ଼ି ବା ବିସ୍କୁଟ ପ୍ୟାକେଟ୍ କିଣି ପିଲାଙ୍କୁ ପ୍ରଦାନ କରୁଛନ୍ତି।

ମଧ୍ୟାହ୍ନଭୋଜନ ଯୋଜନା ରାଜ୍ୟ ସରକାରଙ୍କ ଦ୍ୱାରା ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଛି। ସ୍କୁଲଗୁଡ଼ିକୁ ଚାଉଳ ଯୋଗାଣ ତଥା ପରିବହନ ପାଇଁ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିବର୍ଷ ଖୋଲା ଟେଣ୍ଡର ଆହ୍ୱାନ କରି ଯୋଗ୍ୟ ସଂସ୍ଥା ବା ବ୍ୟକ୍ତିଙ୍କୁ ଏଫସିଆଇ ବା ପିଇଜି ଗୋଦାମରୁ ମଧ୍ୟାହ୍ନ ଭୋଜନ ଚାଉଳ ନେଇ ସ୍କୁଲରେ ଯୋଗାଇବା ନିମନ୍ତେ ସରକାରୀ ଗାଇଡଲାଇନ୍ ରହିଛି। ରାଜ୍ୟ ସରକାର ଏହି ଚାଉଳ



ପରିବହନ ପାଇଁ ଟେଣ୍ଡର୍‌ରେ କୁଇଣ୍ଟାଲ ପିଛା ସର୍ବାଧିକ ପରିବହନ ମୂଲ୍ୟ ୧୫୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ମାତ୍ର ମୟୂରଭଞ୍ଜ ଜିଲ୍ଲାରେ ଦୀର୍ଘ ବର୍ଷ ହେଲା ନିୟମିତ ଟେଣ୍ଡର୍ କରା ନ ଯାଇ ନିର୍ଦ୍ଦିଷ୍ଟ ଏକ ଏଜେନ୍ସି ବା ବ୍ୟକ୍ତିଙ୍କ ପରିଚାଳିତ ଗୋଷ୍ଠୀ ଦ୍ୱାରା ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ଠିକା ସର୍ବାଧିକ ମୂଲ୍ୟରେ ପ୍ରଦାନ କରାଯାଉଛି। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏ ବାବଦରେ ବିଭିନ୍ନ ମହଲରେ ଅଭିଯୋଗ ହେବା ପରେ ଜିଲ୍ଲା ଶିକ୍ଷାଧିକାରୀ ଗତ ଜୁନ୍ ୧୮ରେ ଚାଉଳ ପରିବହନ ପାଇଁ ଟେଣ୍ଡର ଆହ୍ୱାନ କରିଥିଲେ। କିନ୍ତୁ ସେଥିରେ ନିର୍ଦ୍ଦିଷ୍ଟ ଏଜେନ୍ସିକୁ ସୁହାଇବା ଭଳି ସର୍ତ୍ତ ରଖାଯାଇଥିଲା। ଏନେଇ କମିଟିର ଚେୟାରମ୍ୟାନ୍ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିବାରୁ ପରବର୍ତ୍ତୀ ମୁହୂର୍ତ୍ତରେ ଟେଣ୍ଡର୍‌ରେ ସର୍ତ୍ତ ପରିବର୍ତ୍ତନ କରାଯାଇଥିଲା। ଟେଣ୍ଡର୍ ଖୋଲିବା ସମୟସୀମା ବୃଦ୍ଧି କରାଯିବା ସହ କିଛି ସର୍ତ୍ତରେ ମଧ୍ୟ ପରିବର୍ତ୍ତନ କରାଯାଇଥିଲା। କିନ୍ତୁ ପୁଣିଥରେ ସେଥିରେ ତ୍ରୁଟିପୂର୍ଣ୍ଣ ସର୍ତ୍ତାବଳୀ ଥିବାରୁ ଜୁଲାଇ ୩୦ରେ ଟେଣ୍ଡର୍ ଖୋଲାଯିବା ପରେ ମଧ୍ୟ କେହି ଚୟନ ହୋଇନଥିଲେ। ଏହି ଘଟଣା ଏକ ମାସରୁ

**■ ସାନି ଟେଣ୍ଡର୍ ନ କରି ନିର୍ଦ୍ଦିଷ୍ଟ ଏଜେନ୍ସିକୁ ଅନୁଗ୍ରହ**

**■ ସୋମବାର କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବେ ଅନ୍ୟ ଆଶାୟୀ**

ଅଧିକ ସମୟ ବିତିଯାଇଥିଲେ ହେଁ ଆଜିଯାଏ ସାନି ଟେଣ୍ଡର୍ ଆହ୍ୱାନ କରାଯାଇନାହିଁ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଅଧୀନରେ ଅଙ୍ଗନବାଡ଼ି ସମୂହକୁ ଚାଉଳ, ଗହମ ଯୋଗାଉଥିବା ଏଜେନ୍ସି ଜରିଆରେ ମଧ୍ୟାହ୍ନ ଭୋଜନ ଚାଉଳ ପରିବହନ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଉଦ୍‌ବେଗର କଥା ହେଲା, ସମ୍ପୃକ୍ତ ଏଜେନ୍ସି ମଧ୍ୟାହ୍ନଭୋଜନ ଚାଉଳ ପରିବହନ ଟେଣ୍ଡର୍ ପ୍ରକ୍ରିୟାରେ ଭାଗ ନେଇ ଅଯୋଗ୍ୟ ସାବ୍ୟସ୍ତ ହୋଇଥିଲା। ପୁଣି ପ୍ରଶାସନ ତାକୁ ଦାୟିତ୍ୱ ପ୍ରଦାନ କରିବା ପଛରେ ଥିବି ଅଭିସନ୍ଧି ତଦନ୍ତସାପେକ୍ଷ ବୋଲି ସାଧାରଣରେ ଦାବି ହେଉଛି। ଧାର୍ଯ୍ୟ ସମୟ ମଧ୍ୟରେ ଟେଣ୍ଡର୍ ପ୍ରକ୍ରିୟା ସମ୍ପନ୍ନ ନ କରି ବାରମ୍ବାର ସମୟସୀମ ବୃଦ୍ଧି କରି ଅସ୍ଥାୟୀ ପରିବହନ ଦାୟିତ୍ୱ ଦେବା ପଛରେ ମୂଳ ଯୋଗାଣକାରୀ ସଂସ୍ଥା କାର୍ଯ୍ୟ ତୁଲାଉଥିବା ଅଭିଯୋଗ ହୋଇଛି।

ଏ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଏକକ ଅଂଶଗ୍ରହଣକାରୀ କାରଣରୁ ଟେଣ୍ଡର୍ ବାତିଲ ହୋଇଯାଇଥିଲା। ଖୁବ୍‌ଶୀଘ୍ର ସାନି ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ତେବେ ଟେଣ୍ଡର ସମୟରେ ଅନ୍ୟ ଜିଲ୍ଲାରେ ପ୍ରଣିତ ନିୟମାବଳୀ ପରି ମୟୂରଭଞ୍ଜ ଜିଲ୍ଲାରେ ନିୟମ କରାଯିବାକୁ ଆଶାୟୀମାନେ ସୋମବାର ମୟୂରଭଞ୍ଜ ଗସ୍ତରେ ଆସୁଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିବେଦନ କରିବେ ବୋଲି ସୂଚନା ମିଳିଛି।

## ୭ ଦିନ ମଧ୍ୟରେ ସରକାର ଚାଷୀଙ୍କୁ ସାର ଯୋଗାନ୍ତୁ: ଭକ୍ତ

### ଘରୋଇ ବିତରକ ଜରିଆରେ ସରକାର ସାର ବିକ୍ରି ବ୍ୟବସ୍ଥା ବନ୍ଦ କରନ୍ତୁ

ଭୁବନେଶ୍ୱର, ୧୩।୯ (ସମିସ): ଓଡ଼ିଶା ପାଇଁ ଆବଶ୍ୟକ ପରିମାଣର ସାର କେନ୍ଦ୍ର ଦେଇସାରିଛି ବୋଲି ରାଜ୍ୟ ସରକାର କହୁଛନ୍ତି। ଅଥଚ ଓଡ଼ିଶାରେ ଚାଷୀ ସାର ପାଉନାହିଁ। ମାର୍କଫେଡ୍ ଦ୍ୱାରା ବଣ୍ଟନ ହେବାକୁ ଥିବା ସାର ପ୍ରମୁଖତଃ ଘରୋଇ ବିତରକମାନଙ୍କ କବ୍‌ଜାକୁ ଚାଲିଯାଇଛି। ଅନ୍ୟ ରାଜ୍ୟରେ ମାର୍କଫେଡ୍ ପରି ସଂସ୍ଥା ଓ ସମବାୟ ସମିତି ଜରିଆରେ ଅଧିକାଂଶ ସାର ବଣ୍ଟନ ହେଉଥିବା ବେଳେ ଓଡ଼ିଶାରେ ସରକାରୀ ସଂସ୍ଥା ଦ୍ୱାରା ମାତ୍ର ୩୫ପ୍ରତିଶତ ସାର ବଣ୍ଟନ ହେଉଛି ବୋଲି ସରକାର ନିଜେ ସ୍ୱୀକାର କରିଛନ୍ତି। ଖୋଲା ବଜାରରେ ଘରୋଇ ବିତରକଙ୍କ ଉପରେ ସରକାର ଏତେ ନିର୍ଭର କାହିଁକି କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ। ରାଜ୍ୟ ସରକାର ଘରୋଇ ବିତରକ ଜରିଆରେ ସାର ବିକ୍ରି ବ୍ୟବସ୍ଥା ବନ୍ଦ କରନ୍ତୁ। କାଳବିଳମ୍ବ ନ କରି ସରକାର ଚାଷୀମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଆସନ୍ତା ୭ ଦିନ ମଧ୍ୟରେ ସାର ଯୋଗାଇ ଦେବାକୁ ଶ୍ରୀ ଦାସ ଦାବି ଜଣାଇଛନ୍ତି।

ଏକ ପ୍ରେସ ବାର୍ତ୍ତାରେ ଶ୍ରୀ ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସାରର କଳାବଜାର ଅଭିଯୋଗ ପାଇ ପ୍ୟାକ୍ସ ଓ ଲାମ୍ପସ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ତଦାରଖ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଦେଇଥିବା ନିର୍ଦ୍ଦେଶ ପାଣିର ଗାର ହୋଇଛି। କିଛି ବିତରକଙ୍କୁ ଗିରଫ କରି ଓ ଆଉ କିଛି ପ୍ୟାକ୍ସ ସମ୍ପାଦକଙ୍କୁ ନିଲମ୍ବିତ କରି ଜିଲ୍ଲା ପ୍ରଶାସନ କାମ ସାରିଦେଉଛି। ଏପଟେ ସରକାର ଦାବି କରୁଥିବା ଆବଣ୍ଟିତ ୯ ଲକ୍ଷ ୮୫ ହଜାର ଟନ୍ ସାର କାହା ମାଧ୍ୟମରେ ବିକ୍ରି ହେଲା ସରକାର କିନ୍ତୁ କହୁନାହାନ୍ତି। ଅଧିକାଂଶ ସମିତିରେ ୟୁରିଆ ବସ୍ତା ପିଛା ଧାର୍ଯ୍ୟ ମୂଲ୍ୟ ୨୬୬ ଟଙ୍କା ଥିବା ବେଳେ ତିନି ଚାରିଗୁଣା ଚଢ଼ା ମୂଲ୍ୟରେ ବିକ୍ରି ହେଉଛି। ଏହି କଳାବଜାରରେ ସରକାର ଓ ପ୍ରଶାସନର ଅଘୋଷିତ ମେଣ୍ଟ ଆଉ କାହାକୁ ବୁଝିବାକୁ ବାକି ନାହିଁ। ଅନ୍ୟପକ୍ଷରେ ସ୍ଥଳବିଶେଷରେ କିଛି ବିକ୍ରେତା କିଛି ନାନୋ ୟୁରିଆ ଓ ନାନୋ ଡିଏପି କିଣିଲେ ଯାଇ ଚାଷୀଙ୍କୁ ୟୁରିଆ ଦେଉଛନ୍ତି। ୟୁରିଆ ବ୍ୟାଗ ପିଛା ୫୦ ସ୍ଥାନରେ ୪୫ କିଲୋଗ୍ରାମ ମିଳୁଛି। ଆଉ ୫ କେଜି କୁଆଡ଼େ ଗଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

## ଟ୍ରେନ୍ ଆଗକୁ ଡେଇଁପଡ଼ିଲେ ଯୁବକ

ବାଲେଶ୍ୱର, ୧୩।୯ (ସମିସ): ଚଳନ୍ତା ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଜଣଙ୍କ ହେଲେ, ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ହରିପୁର ଗ୍ରାମର ରମାକାନ୍ତ ମଲ୍ଲିକଙ୍କ ପୁଅ ଧର୍ମରାଜ ମଲ୍ଲିକ (୨୫)। ବାଲେଶ୍ୱର ରେଳଷ୍ଟେସନ ନିକଟ ଆନନ୍ଦବଜାର ରେଲୱେ ଟ୍ରାକ୍‌ରେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ଦିବ୍ରୁଗଡ଼ ବିବେକ ସୁପରଫାଷ୍ଟ ଟ୍ରେନ୍ ଷ୍ଟେସନକୁ ପ୍ରବେଶ କରୁଥିବା ସମୟରେ ଧର୍ମରାଜ ହଠାତ ଟ୍ରେନ ସମ୍ମୁଖ ଦୌଡ଼ି ଯାଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନି। ରେଲୱେ ପୁଲିସ ଘଟଣା ସ୍ଥଳରେ ପହଁଚି ମୃତ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### କନ୍ୟା ସନ୍ତାନ ସୁରକ୍ଷା ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା

## ଗୋଷ୍ଠୀଆଧାରିତ ପ୍ରୟାସ ଉପରେ ଗୁରୁତ୍ୱ

କଟକ, ୧୩।୯ (ସମିସ): ସାମ୍ପ୍ରତିକ ସମାଜରେ କନ୍ୟାମାନଙ୍କୁ ଶୋଷଣ ତଥା ବାଲ୍ୟବିବାହରୁ ସୁରକ୍ଷା ଦେବା ପାଇଁ ଗୋଷ୍ଠୀ ଆଧାରିତ ପ୍ରୟାସ ଆବଶ୍ୟକ। ସମାଜରେ ଏନେଇ ସମସ୍ତଙ୍କର ଉତ୍ତରଦାୟିତ୍ୱ ରହିଛି। ଏଥିପାଇଁ ଦୃଢ଼ ସଂସ୍ଥାଗତ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ। ଓଡ଼ିଶା ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ୍ କମିଟି, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ ଜୁଡିସିଆଲ ଏକାଡେମୀଠାରେ 'କନ୍ୟା ଶିଶୁ ସୁରକ୍ଷା: ଭାରତରେ କନ୍ୟା ସନ୍ତାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସକ୍ଷମ ପରିବେଶ' ଶୀର୍ଷକ ଏକ ରାଜ୍ୟସ୍ତରୀୟ କିଶୋର ନ୍ୟାୟ ପରାମର୍ଶ କର୍ମଶାଳାକୁ ଉଦ୍‌ଘାଟନ କରି ଜଷ୍ଟିସ ଟଣ୍ଡନ୍ ଏହା କହିଛନ୍ତି। ସେ ତାଙ୍କର ବ୍ୟକ୍ତିଗତ ଅନୁଭୂତି ବର୍ଣ୍ଣନା କରିବା ସହ ବାଲ୍ୟବିବାହ ନିଷେଧ ଆଇନ, ୨୦୦୬ ଏବଂ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ, ୨୦୧୫ର ବିଭିନ୍ନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ବୈଷୟିକ ଅଧିବେଶନରେ ହେବାକୁ ଥିବା ଆଲୋଚନା କନ୍ୟାମାନଙ୍କୁ ଏକ ସୁରକ୍ଷିତ ଏବଂ ସକ୍ଷମ ପରିବେଶ ସୁନିଶ୍ଚିତ କରିବା ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ।

ଉଦ୍‌ଘାଟନୀ ଅଧିବେଶନରେ ଓଡ଼ିଶା




ହାଇକୋର୍ଟର କିଶୋର ନ୍ୟାୟ କମିଟିର ଅଧକ୍ଷା ଜଷ୍ଟିସ୍ ସାବିତ୍ରୀ ରଥ ସ୍ୱାଗତ ଭାଷଣ ଦେଇ ଜଣେ ଝିଅ ସୁରକ୍ଷିତ ଓ ସଶକ୍ତ ହେଲେ, ବିଶ୍ୱରେ ପ୍ରକୃତ ବିକାଶ ପରିଲକ୍ଷିତ ହୁଏ ବୋଲି କହିଥିଲେ। ନ୍ୟୁଜଲେଟର୍ ଶିଶୁ ସୁରକ୍ଷାର ମୁଖ୍ୟ ସମ୍ପାଦକ ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ୨୦୧୭ ମସିହାରେ ଆରମ୍ଭ ହୋଇଥିବା ନ୍ୟୁଜଲେଟର୍ ଶିଶୁ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି ଜୁଭେନାଇଲ୍ ଜଷ୍ଟିସ୍ କମିଟିର ନ୍ୟୁଜଲେଟର୍ ଶିଶୁ ସୁରକ୍ଷା ୨୦୨୫ ବର୍ଷ ପାଇଁ ପ୍ରକାଶିତ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ଏହି କର୍ମଶାଳାରେ ମହିଳା ଏବଂ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ମନୀଷା ବାନର୍ଜୀ, ୟୁନିସେଫ୍ ଓଡ଼ିଶାର କ୍ଷେତ୍ର କାର୍ଯ୍ୟାଳୟର ମୁଖ୍ୟ ୱିଲିୟମ୍ ହାନଲନ୍ ଜୁନିଅର ସାମୂହିକ ଆଭିମୁଖ୍ୟ ଗ୍ରହଣ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପରାମର୍ଶ କର୍ମଶାଳାରେ ଓଡ଼ିଶା ହାଇକୋର୍ଟର ବିଚାରପତି, ବରିଷ୍ଠ ସରକାରୀ ଅଧିକାରୀ, ନ୍ୟାୟିକ ଅଧିକାରୀମାନେ ଯୋଗ ଦେଇଥିଲେ। ଶେଷରେ ଜଷ୍ଟିସ ଏମ୍. ଏସ୍. ରମଣ ଧନ୍ୟବାଦ ଦେଇଥିଲେ।

**■ ସୂଚନାଅଧିକାରଆଇନରଅପବ୍ୟବହାର**

## ବର୍ଷେ ପାଇଁ ଆବେଦନକାରୀଙ୍କ ଉପରେ ଅଙ୍କୁଶ

ଭୁବନେଶ୍ୱର, ୧୩।୯ (ସମିସ): ରାଜ୍ୟ ସୂଚନା ଆୟୁକ୍ତ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର କରି ସୂଚନା ଆଇନର ଅପବ୍ୟବହାର କରୁଥିବା ଦର୍ଶାଇ ଆବେଦନକାରୀଙ୍କ ଉପରେ ଏକ ବର୍ଷ ପାଇଁ ଅଙ୍କୁଶ ଲାଗୁ କରିଛନ୍ତି। ଏଥିସହ ୬୧ଟି ମାମଲାକୁ ଖାରଜ କରିଛନ୍ତି।

ମାମଲାରୁ ପ୍ରକାଶ, ଆବେଦନକାରୀ ନିମାପଡ଼ା ବ୍ଲକର ମିତେଇପୁର ପଞ୍ଚାୟତର ଚିତ୍ତରଞ୍ଜନ ସେଠି ଏକାଧିକ ସମାନ ଆରଟିଆଇ ଆବେଦନ ମିତେଇପୁର ଗ୍ରାମ ପଞ୍ଚାୟତ ଓ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ସୂଚନା ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। କୌଣସି ତଥ୍ୟ ନ ପାଇବା ଅଭିଯୋଗ କରି ଆୟୁକ୍ତଙ୍କ ନିକଟରେ ଏକାଧିକ ଦ୍ୱିତୀୟ ଅପିଲ ଓ ଅଭିଯୋଗ ମାମଲା ଦାଖଲ କରି ସୂଚନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ତଥ୍ୟ ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ପାଇଁ ନିବେଦନ କରିଥିଲେ। ସୂଚନା ଅଧିକାର ଆଇନର ଦୁରୁପଯୋଗ ରୋକିବା ପାଇଁ କଠୋର ନିଷ୍ପତ୍ତିର ଆବଶ୍ୟକତା ଥିବା ଦର୍ଶାଇ ଆୟୁକ୍ତ ଶ୍ରୀ ମହାନ୍ତି ଆବେଦନକାରୀଙ୍କ ଏକ ବର୍ଷ ପର୍ଯ୍ୟନ୍ତ ଆରଟିଆଇ ଆବେଦନ ଉପରେ ଅଙ୍କୁଶ ଲାଗୁ କରିଛନ୍ତି। ଏଥିସହ ଆବେଦନକାରୀଙ୍କ ବିପିଏଲ୍ କାର୍ଡ ଯାଞ୍ଚ କରିବାକୁ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାୟର ନକଲ ସମସ୍ତ ସରକାରୀ ଅଫିସ୍‌କୁ ପଠାଇବାକୁ ସୂଚନା ଓ ଲୋକ ସମ୍ପର୍କ ବିଭାଗକୁ ଆଦେଶ ଦେଇଛନ୍ତି।

**■ ଏକ୍ ପେଡ୍ ମା' କେ ନାମ୍ ୨.୦**

## ସେପ୍ଟେମ୍ବର ୩୦ ସୁଦ୍ଧା ଲାଗିବ ୭.୫ କୋଟି ଗଛ

ଭୁବନେଶ୍ୱର, ୧୩।୯ (ସମିସ): ଏକ୍ ପେଡ୍ ମା' କେ ନାମ୍ ୨.୦ ଅର୍ଥାତ୍ ଦ୍ୱିତୀୟ ସଂସ୍କରଣରେ ଚଳିତ ବର୍ଷ ରାଜ୍ୟବ୍ୟାପୀ ମୋଟ ୭.୫କୋଟି ଗଛ ଲଗାଇବାକୁ ଆମେ ଲକ୍ଷ୍ୟ ରଖିଛୁ। ଜୁନ୍ ୫ରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ୩୦ ସେପ୍ଟେମ୍ବରରେ ସମାପ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏନେଇ ଏକ ବାର୍ତ୍ତା ଜାରି କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଧରିତ୍ରୀ ମା'ର ସୁରକ୍ଷା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଏକ୍ ପେଡ୍ ମା' କେ ନାମ୍', ବା 'ମା ପାଇଁ ଗଛଟିଏ' ଅଭିଯାନ ଆରମ୍ଭ କରିଛନ୍ତି। ଗତବର୍ଷଠାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପଡ଼ୁଛି। ଏକ ସଶକ୍ତ ଓ ବିକଶିତ ଭାରତ ଗଠନରେ ମୋଦୀଜୀଙ୍କ ନେତୃତ୍ୱ ଆଜି ସାରା ବିଶ୍ୱରେ ପ୍ରଶଂସା ଅର୍ଜନ କରିଛି। ଓଡ଼ିଶାର ବିକାଶ ପ୍ରତି ମୋଦୀଜୀଙ୍କର ସ୍ୱତନ୍ତ୍ର ଦୃଷ୍ଟି ରହିଛି। ଓଡ଼ିଶାର ବିକାଶ ପ୍ରତି ତାଙ୍କର ନିଷ୍ଠାକୁ ସମ୍ମାନ ଦେଇ ସେହି ଗୋଟିଏ ଦିନରେ ୭୫ ଲକ୍ଷ ଚାରାରୋପଣ କରାଯିବ। ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡ଼ିଶାବାସୀଙ୍କ ଏକ ସଶ୍ରଦ୍ଧ ଉପହାର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେଣୁ ବୃକ୍ଷରୋପଣ ଭଳି ମହତ୍ କାମରେ ସମସ୍ତ ଜନସାଧାରଣ, ଛାତ୍ରଛାତ୍ରୀ, ଯୁବପିଢ଼ି, ଏସ୍ଏଚ୍‌ଜି ସଦସ୍ୟା ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଡ଼ି ହୋଇ ଏହାକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

**■ ଏମ୍‌ସର ନିଆରା ପ୍ରୟାସ**

## ଆତ୍ମହତ୍ୟା ରୋକିବ 'ନେଭର୍ ଏଲୋନ୍' ଆପ୍

ଭୁବନେଶ୍ୱର, ୧୩।୯ (ସମିସ): ଆତ୍ମହତ୍ୟା ରୋକିବା ଓ ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଲାଗି ଏମ୍ସ ଭୁବନେଶ୍ୱର ନୂଆ ପଦକ୍ଷେପ ନେଇଛି। ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଅବସରରେ ଦିଲ୍ଲୀ ଏମ୍ସରେ ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଥିବା 'ନେଭର ଏଲୋନ୍' ଆପ୍‌କୁ ଏମ୍ସ ଭୁବନେଶ୍ୱରରେ କାର୍ଯ୍ୟକାରୀ କରାଯିବ। ଏହି ଆପ୍ କୃତ୍ରିମ ବୁଦ୍ଧିମତା (ଏଆଇ) ଭିତ୍ତିକ। ଏହି ଆପ୍ ୨୪ ଘଣ୍ଟିଆ ମାନସିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରିବ ବୋଲି ଏମ୍ସ ପକ୍ଷରୁ କୁହାଯାଇଛି।

**ମାନସିକ ସ୍ୱାସ୍ଥ୍ୟକୁ ବଳ ଯୋଗାଇବ**

ଏହି ଆପ୍‌କୁ ମନସ୍ତତ୍ତ୍ୱ ବିଭାଗ ଦ୍ୱାରା ପରିଚାଳିତ କରାଯିବ। ଆପ୍ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଭର୍ଚୁଆଲ ଓ ଅଫଲାଇନ୍, ଉଭୟ ପ୍ରକାରେ ମାନସିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଶେଷଜ୍ଞଙ୍କ ସହ ପରାମର୍ଶ ପାଇପାରିବେ ବୋଲି ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଅଶୁତୋଷ ବିଶ୍ୱାସ କହିଛନ୍ତି। ମାନସିକ ସ୍ୱାସ୍ଥ୍ୟ ଚିହ୍ନଟ ପ୍ରକ୍ରିୟା ବ୍ୟକ୍ତିଗତ ଓ ସୁରକ୍ଷିତ ରହିବ। ଛାତ୍ରଛାତ୍ରୀଙ୍କ ପ୍ରଶ୍ନ ପାଇବା ପରେ ଆପ୍‌ଟି ଏଆଇ ବ୍ୟବହାର କରି ଏକ ଡାଏଗ୍ନୋଷ୍ଟିକ ସାରାଂଶ ପ୍ରସ୍ତୁତ କରିବ ଓ ଏଆଇ ଚାଳିତ ଚିକିତ୍ସା ଲିଙ୍କ୍ ପ୍ରଦାନ କରିବ। ଛାତ୍ରଛାତ୍ରୀଙ୍କ ପସନ୍ଦ ଅନୁସାରେ ଏହି ଲିଙ୍କ୍ ସ୍ୱୟଂଚାଳିତ ଭାବେ ଏମ୍ସ ଭୁବନେଶ୍ୱର, ଏମ୍ସ ଦିଲ୍ଲୀ, କାଉନସିଲ ଫର ୱେଲନେସ୍ ଅଫ୍ ଷ୍ଟୁଡେଣ୍ଟସ୍ କିମ୍ବା ପ୍ରଶିକ୍ଷିତ ଛାତ୍ର ସ୍ୱେଚ୍ଛାସେବୀଙ୍କ ନିକଟକୁ ପଠାଯିବ। ଏମ୍ସ ଭୁବନେଶ୍ୱର ଏହି ନୂତନ ପ୍ରଯୁକ୍ତି ଓ ସହାନୁଭୂତିର ସମନ୍ୱୟ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ସୁଲଭ ମାନସିକ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତାକୁ ସମାଧାନ କରି ଜାତୀୟସ୍ତରରେ ଏକ ଉଦାହରଣ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି।

### ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

## ମାତୃଭାଷାରେ ଶିକ୍ଷା ସମୟର ଆବଶ୍ୟକତା: ଧର୍ମେନ୍ଦ୍ର

ସମ୍ବଲପୁର, ୧୩।୯ (ସମିସ): ଜାତୀୟ ଶିକ୍ଷାନୀତି-୨୦୨୦ ଏକ ପରିବର୍ତ୍ତନକାରୀ ଢାଞ୍ଚା ଭାବେ ଭାରତର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ ଶିକ୍ଷାର ସମକକ୍ଷ କରିବାର ମୂଳ ଲକ୍ଷ୍ୟ। ଏହା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶକୁ ସମୃଦ୍ଧ କରିବା ସହ ଶିକ୍ଷା କ୍ଷେତ୍ରରେ ମୂଳଦୁଆକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତର ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଆମର ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶନିବାର ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୫ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ତଥା କୁଳାଧିପତି ଡଃ ହରିବାବୁ କୁମ୍ଭମପାଟି ଏହା କହିଛନ୍ତି।

ଜ୍ୟୋତିବିହାରସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ଓଡ଼ିଶାକୁ ଭାଷାଭିତ୍ତିକ ରାଜ୍ୟ ଗଠନ କରିବାରେ ସମ୍ବଲପୁରର ଅତୁଳନୀୟ ଅବଦାନ ରହିଛି। ଜାତୀୟ ଶିକ୍ଷାନୀତିରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଞ୍ଚଳିକ ଓ ମାତୃଭାଷାରେ ପିଲାମାନଙ୍କୁ ପାଠ ପଢ଼ାଇବା ଉପରେ ପ୍ରାଥମିକତା ଦିଆଯାଉଛି। ମାତୃଭାଷାରେ ଶିକ୍ଷା ସମୟର ଆବଶ୍ୟକତା। ମାତୃଭାଷାରେ ଶିକ୍ଷାକୁ ପ୍ରୋତ୍ସାହନ ଦିଆଗଲେ ହିଁ 'ବିକଶିତ ସମ୍ବଲପୁର', 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ପରିକଳ୍ପନା ସାକାର ହୋଇପାରିବ।




**ଭବିଷ୍ୟତର ଆହ୍ୱାନ ମୁକାବିଲା କରିବାରେ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବ ଜାତୀୟ ଶିକ୍ଷାନୀତି: ରାଜ୍ୟପାଳ**

ଏହି ଅବସରରେ ଦୁଇଜଣଙ୍କୁ ଡି.ଲିଟ୍ ଉପାଧି ସହ ବିଜିନେସ ଷ୍ଟଡିଜ୍ ଆଣ୍ଡ ମ୍ୟାନେଜମେଣ୍ଟ, ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସେସ୍, ଲିଗାଲ ଷ୍ଟଡିଜ୍, ମେଡିକାଲ ସାଇନ୍ସେସ, ପେଡାଗୋଜିକାଲ ସାଇନ୍ସେସ ଓ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି କ୍ଷେତ୍ରରେ ୧୦୨ଜଣଙ୍କୁ ପିଏଚ୍‌ଡି ଉପାଧି, ବିଭିନ୍ନ ବିଭାଗରେ ୩୯ ଜଣ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୨୦ଜଣଙ୍କୁ ଡୋନେଟେଡ୍ ସ୍ୱର୍ଣ୍ଣ ପଦକ ପ୍ରଦାନ କରିବାସହ ଓସାନି ପୁରସ୍କାର, ଇଂରାଜୀ ଓ ଓଡ଼ିଆ ବକ୍ତୃତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଧୁଭୂଷଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

**■ ବାଣ ତିଆରି କାରଖାନାରେ ଚଢ଼ଉ**

## ବିପୁଳ ପରିମାଣର ବାଣ, ବାରୁଦ ଜବତ; ୨ ଗିରଫ

ବୈଶିଙ୍ଗା, ୧୩।୯ (ସମିସ): ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଅଞ୍ଚଳରେ ଚାଲିଥିବା ଏକ ବେଆଇନ ବାଣ ତିଆରି କାରଖାନାରେ ଆଜି ପୁଲିସ ଚଢ଼ଉ କରି ବିପୁଳ ବାଣ ଓ ବାରୁଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ବାଛୁରୀପଡ଼ା ଗ୍ରାମର ଶ୍ରୀନିବାସ ସାହୁ ଓ ସନ୍ତୋଷ କୁମାର ସାହୁ। ଚଢ଼ଉ ସମୟରେ ୪୨ ବସ୍ତା ଅଫୁଟା ବାଣ, ୫୦ କେଜି ବାରୁଦ ପାଉଡର୍ ଏବଂ ବାଣ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଛି। ଆଗକୁ ଦୁର୍ଗାପୂଜା ଓ ଦୀପାବଳି ଥିବାରୁ ବାଛୁରିପଡ଼ା ଅଞ୍ଚଳରେ ବେଆଇନ ବାଣ ତିଆରି ଚାଲିଥିବା ଏବଂ ବିଭିନ୍ନ ଫାର୍ମ ହାଉସ୍‌ରେ ବେଆଇନ ବାଣ ଗଚ୍ଛିତ ରଖି ବାହାରକୁ ପଠାଯାଉଥିବା ନେଇ ପୁଲିସ୍ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ବେତନଟୀ ଏସଡିପିଓ ମିନତି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ଏକ ସ୍ୱତନ୍ତ୍ର ଟିମ୍ ଓ ଏକ ପ୍ଲାଟୁନ୍ ପୁଲିସ ସହ ଆଜି ଅପରାହ୍ଣରେ ସେଠାରେ ଚଢ଼ଉ କରିଥିଲେ।

# ସୃଜନିକା

ସକାଳ
THE SAKALA
www.sakalaepaper.com



# ନୀଳମଣି



ମହାଶ୍ୱେତା ସାହୁ

ଏଇ ଆକାଶ ବି ତୁମର ନୁହେଁ! ଯେଉଁଠି ଜହ୍ନ, ତାରା, ଆକାଶରେ ଆସନ୍ତି ଓ ଯାଆନ୍ତି। ସୂର୍ଯ୍ୟ ମଧ୍ୟ ନୁହେଁ, ତୁମ ନୁହେଁ! କାରଣ ମୁଁ ସମୟର ଦାସ ନୁହେଁ, ମୁଁ ସମୟକୁ ଦାସ କରେ। ମୁଁ... ରାବଣ!! ମୋର ଦଶଟା ମୁଣ୍ଡ...ହା...ହା...ହା... ମୁଁ ରାବଣ!!

- "ମୋ ପାଇଁ କିନ୍ତୁ ତୁମେ ନୀଳମଣି!! ଅଜବ ମଣିଷ ତୁମେ। ଅସମାହିତ ପ୍ରଶ୍ନ ପରି ତୁମେ। ଅଡୁଆ ସୂତାଖିଅ ପରି ତୁମେ ଯେତେ ତୁମକୁ ଖୋଲିବ ସେତେ ଗୁଡ଼େଇ ହୋଇ ଯାଉଥିବ। ତୁମକୁ ବୁଝିବା ଭାରି କଷ୍ଟ" କହିଥିଲା ମାନିନୀ ବିମୂଢ଼ ହୋଇ।

କଥାକଥାକେ ତମକୁ କଷ୍ଟ ହୋଇଯାଏ। ଅଭିମାନର ଅସରନ୍ତି ଗନ୍ତାଘର ଯେପରି ତୁମେ। ପ୍ରତି କଥାରେ ଅଭିମାନ। ପ୍ରତିକଥାରେ ଅହଂକାର।

- "ଅହଂକାରୀ କେବଳ ଅହଂକାରୀ ହୁଏ। ପ୍ରେମ କରିପାରେନା। ପ୍ରେମିକ ତୁମେ ହୋଇ ପାରିବନି। ତୁମ ପାଖରେ କେହି ରହିପାରିବେନି। ପ୍ରକୃତ କଥା ତୁମ ପାଖରେ କେହି ରହିବେ ନାହିଁ।" କହିଲା ଅଭିମାନ କରି ମାନିନୀ।

- "କିନ୍ତୁ, ଏଇ ଅହଂକାରୀ ପ୍ରେମହୀନ ମଣିଷକୁ ତ' ତୁମେ ପ୍ରେମ କର !" କହିଥିଲା ଆକାଶ ଦାସ। ତା'ର ଦୁଇ ହାତକୁ ମେଲେଇ କହିଥିଲା- "ଜାଣିରଖ, ତଥାପି ଏଇ ଲୋକଟାର ଏଇ ଅହଂକାର ହିଁ ତା'ର ଗହଣା। ଅହଂକାର ବିନା ତା'ର ଅସ୍ତିତ୍ୱ ନାହିଁ। ଏଇ ଅହଂକାର ପାଇଁ ହିଁ ସେ ସଭିଙ୍କ ପ୍ରିୟ। କାରଣ ଯେବେ ଅଭାବଗ୍ରାସେ, ସେବେ ଏଇ ଅହଂକାରୀ କେବଳ ଏହି ଅହଂକାର ସହ; ଅଭାବ ସହ ଯୁଦ୍ଧ କରେ। ଆଉ ବିଜୟ ମଧ୍ୟ ପାଏ।"

ନିଜ କଥା କହି କହି ଥକି ପଡ଼େନା ଆକାଶ ଦାସ। ନିଜ ମୁହଁରେ ନିଜର ପାପପୁଣ୍ୟକୁ ବଖାଣେ। ବିନ୍ଦାସ ଭାବରେ ଜୀଇଁବାକୁ ସାଥୀ ଖୋଜେ।

କାହାର ଇଚ୍ଛାକୁ ଜାଣିବାର ପ୍ରୟାସ କରେନା, ପ୍ରଶ୍ନ ବିନା ସାଥୀ ବାଛେ। ଭାବେ କେବଳ ସମ୍ପର୍କ ପାଇଁ ନାରୀ ଓ ପୁରୁଷ ଲୋଡ଼ା। ବାକିସବୁ ଅଯୋଗ୍ୟ ବ୍ୟାପାର। ନିଜକୁ ସେ ଶ୍ରେଷ୍ଠ ଭାବେ। ଶ୍ରେଷ୍ଠ ମଧ୍ୟ କହେ। ତେଣୁ ସେ ଶ୍ରେଷ୍ଠା ଖୋଜେ।

କହେ ମୋଠୁ ଶ୍ରେଷ୍ଠ ପ୍ରେମିକ ଏ ଦୁନିଆରେ ପାଇବ ନାହିଁ। ଯେ ନିର୍ଭେଜାଲ ଭଲ ପାଇପାରେ। ସବୁ ଅତୀତର ଇତିହାସକୁ ପଛକରି ତୁମକୁ ସତୀ ପରି ପୂଜା କରିପାରେ। ଯେ ପ୍ରେମକୁ ଶ୍ରେଷ୍ଠ ତପସ୍ୟା ଭାବେ। ଯେ ପ୍ରେମିକାକୁ ପୂଜା କରିପାରେ। ଦେହରେ ନୁହେଁ ଆତ୍ମାରୁ ଖୋଜେ। ତାସହ ଖେଳିବ, ବୁଲିବ, ହସିବ, ଡେଇଁବ, ଖାଇବ.... । କିନ୍ତୁ ତାକୁ ନଷ୍ଟ କରିବ ନାହିଁ। ପ୍ରେମିକା ତା'ର ଦେବୀଟିଏ!

- ମୁଁ ବୁଝୁଛି ମୁଁ ପ୍ରେମ କରିବା ଶିଖି ନାହିଁ। ପ୍ରେମିକ ପାଖରେ ଯେଉଁ ଶବ୍ଦରେ ଯାଦୁଥିବା କଥା, ସେ ଯାଦୁ କରିପାରୁନି। ସତ କହିଦିଏ...ମତେ କ'ଣ ହୁଏ କେଜାଣି ମୁଁ ସତ କହିଦିଏ!! ସେପାଇଁ ମୋର ପ୍ରେମିକା କିଏ ରହେନି ବେଶୀଦିନ!! କଣ୍ଠରେ ହତାଶ ଥିଲା, ଦୁଃଖ ଥିଲା।

- ଏତେ ବି ସତ କୁହନା, ଯେକେହି ସତକୁ ସହ୍ୟ କରିପାରିବେ ନାହିଁ। - ବିବସ ହୋଇ କହିଥିଲା ମାନିନୀ।

ହଁ ଜାଣୁଛି ମୁଁ ଅସଭ୍ୟ, ମୋ ଶବ୍ଦରେ ବାଡ଼ବତା ନାହିଁ, କିନ୍ତୁ ମୁଁ ଏତେ ଖରାପ ମଧ୍ୟ ନୁହେଁ। ମୁଁ ପ୍ରେମ ଖୋଜୁଛି। ପ୍ରେମିକା ଖୋଜୁଛି, ଯେ ରହିବ ମୋ ସହ ଜୀବନର ଶେଷଯାଏ। ମୁଁ ବଦଳି ଯିବାକୁ ଚେଷ୍ଟା କରିବି। ତୁମେ ଜାଣି ରଖ।

କିନ୍ତୁ ସ୍ଥିର କିଛି ମଧ୍ୟ ନୁହେଁ। ଏ ଜୀବନ କିମ୍ବା ସମ୍ପର୍କ ମଧ୍ୟ ଚିରସ୍ଥାୟୀ ନୁହେଁ। ଖୁବ୍ ଅନ୍ତରଙ୍ଗ ଆପଣାର ବୋଧ ହଉଥିବା ସବୁଠାରୁ ପ୍ରିୟ ମଣିଷଟା ଦିନେ ସେତେ ପ୍ରିୟ ରହେ ନାହିଁ। ସମୟ ସହ ବଦଳିଯାଏ ସବୁ। ଏଇ ବଦଳିବା କିଛି ଭୁଲ୍ ନୁହେଁ – ଏହା ହିଁ ସତ୍ୟ!! ଏହାକୁ ଗ୍ରହଣ କରିବା ଉଚିତ।

- ହା...ହା...ହା... ଯାହା ବଦଳିଯାଏ ତା' କି ପ୍ରେମ। ଯାହା ଛାତିରେ ନ ରହେ ସେ କି ପ୍ରେମ, ଯାହା ତୁମକୁ ଚିରକାଳ ଆବଦ୍ଧ କରେ ବଦଳିଯିବାର ରାସ୍ତା ଦେଖାଏ ସେ କି ସମ୍ପର୍କ... ?? ଉଚ୍ଚ ହାସ୍ୟ କରି କହିଲା ଆକାଶ।

ମାନଚିତ୍ରର ଅନେକ କଥା ବଦଳିଯିବ, ମାତ୍ର ପ୍ରତ୍ୟେକ ଦିନ ନୂଆ ହୋଇ ସମ୍ପର୍କରେ ନୂତନତା ଆଣୁଥିବ।

ଜାଣୁ ଆକସ୍ମିକ ଦୁଃଘଟଣା ବା ଘଟଣାରୁ ତିଆରି ହୁଏ ସମ୍ପର୍କ। ଯେବେ ଅଡୁଆସୂତା ଖିଅ ହୋଇଯାଏ, ସେତେ ନିବିଡ଼ ହୋଇଯାଏ। ଆଉ ସେଥିରୁ ମୁକୁଳି ନ ପାରିବା ହିଁ ସମ୍ପର୍କର ମାଧୁର୍ଯ୍ୟ ଥାଏ!!

ଜୀବନ ଜୀଇଁ ପାରିଲେ ଖୁବ୍ ସୁନ୍ଦର। ନ ପାରିଲେ ଜୀବନ ଗୋଟେ ବୋଝ। ଦ୍ୱାପର ହେଉ କି ତ୍ରେତୟା ଅବା କଳି ସବୁକାଳେ ରାବଣର ମୃତ୍ୟୁ ସୁନିଶ୍ଚିତ!!- ଏତେ ସବୁ କଥା କହୁଥିବା ଲୋକ ଆଖିରେ ଲୁହ ଥିଲା। ସେ ଲୁହ କିନ୍ତୁ ଏକାନ୍ତ ନିଜସ୍ୱ, ଏକାନ୍ତ ଅନ୍ତରଙ୍ଗ।

ଦୁଃଖୀ ହୋଇ କହୁଥିଲା ଆକାଶ ଦାସ। ଲୁହ ଛଳ ଛଳ ଆଖିରେ କହିଲା – "ଜାଣ ତୁମେ ଏମିତି ପ୍ରେମାସ୍ପଦ, ତୁମକୁ ବୁଝାଇ ପାରୁନି କି ବୁଝି ମଧ୍ୟ ପାରୁନି। ଏମିତି ଜାଗାରେ ଅଛ ଯେଉଁଠି ମୁଁ ତୁମକୁ ପାର କରିପାରୁନି କି ପାଇ ମଧ୍ୟ ପାରୁନି। ତୁମକୁ ଅତିକ୍ରମ କରିଯିବାର କ୍ଷମତା ଯେମିତି ମୋ ପାଖରେ ନାହିଁ।"

ତୁମେ ଏମିତି ତର୍ପଣ ଯାହା ବିନା ପୂଜା ଅର୍ଘ୍ୟ। ତୁମେ ଏମିତି ଯେଉଁଠି ପ୍ରେମ ଓ ଘୃଣା ଏକାକାର। ଧର୍ମ ଓ ପ୍ରେମ ମଧ୍ୟରେ ଫରକ କିଛି ନାହିଁ। ଧର୍ମ ଓ ପ୍ରେମରେ ଶୁଦ୍ଧ ଭାବନା ଲୋଡ଼ା, ସୁଦ୍ଧ ମନୀଷା ଲୋଡ଼ା ଯାହା ତୋ ପାଖରେ ନାହିଁ। ତୁମେ ଗୋଟେ ପଥର।

ମାନିନୀ ନିରବ ହୋଇ ଯାଇଥିଲା – "ଅହଂକାରୀ ତୁମେ, କଦାପି ବଦଳିବ ନାହିଁ" ବୋଲି ବାହୁଡ଼ି ଗଲା।

ତୋ ପାଖରେ ମୁଣ୍ଡବାଡ଼େଇ ରକ୍ତାକ୍ତ ହେବା ଛଡ଼ା ଭିନ୍ନ କିଛି ପ୍ରାପ୍ତି ନାହିଁ। ସତକୁ ମୁଁ ରକ୍ତାକ୍ତ, କ୍ଷତାକ୍ତ, ଯନ୍ତ୍ରଣାରେ ଛଟପଟ ହଉଥିବା ରାବଣ ଯେ ଜାଣେ ସୀତାକୁ କଦାପି ପାଇବ ନାହିଁ। ସୀତା ହିଁ ତା'ର ମୃତ୍ୟୁର କାରଣ ସବୁ ସତ୍ତ୍ୱେ ସେ ସୀତାକୁ ପ୍ରେମ କରିବା ଛାଡ଼ିଲା ନାହିଁ!!

ଗୋଟେ ନିଷ୍ଫଳ ପ୍ରାର୍ଥନା ସହ ଆକାଶ ଦାସ ବସିଥିଲା ମନ୍ଦିର ବେଢ଼ାରେ। ଯେଉଁଠି ଚମ୍ପାଫୁଲର ମହକ, କୋଇଲିର କୁହୁତାନ ସତ୍ତ୍ୱେ ଗୋଟେ ନିର୍ଜନକୁଞ୍ଜର ହାହାକାର ଶୁଭୁଥିଲା ପବନରେ। ପବନର ବାସ୍ନାରେ ମଧ୍ୟ ଗୋଟେ ଅସହାୟ ଆବେଗ ବନେଇ ଦେଇଥିଲା ସ୍ରୋତର ଢେଉ ପରି ଆକାଶ ଦାସର ଛାତିରେ।


ପ୍ରିୟତମା ମାନିନୀ ଯେବେ ପ୍ରତିଶ୍ରୁତି ପରିହାର କରି ଅନ୍ୟ କାହାର ଜୀବନସାଥୀ ପାଲଟି ସାରିଥିଲା। ତଥାପି ଆକାଶ ଦାସ ଗୋଲାପି କାଗଜର ଡଙ୍ଗା କରି ତା' ଦେହରେ ନୀଳ ରଙ୍ଗର ସାହିରେ ମାନି... ଲେଖି ପାଣିରେ ଭସାଇ ଦେଉଥିଲା....!! ■

ଅଧ୍ୟାପିକା ଓଡ଼ିଆ ବିଭାଗ
ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟ
ସେକ୍ଟର -୦୨, ରାଉରକେଲା-୨
ସୁନ୍ଦରଗଡ଼-୭୬୯୦୦୬

## ପୁସ୍ତକ ପରିଚୟ

### ବହ୍ନିକା

ଶୁଭଶ୍ରୀ ଶୁଭସ୍ମିତା ମିଶ୍ର





ଶାନ୍ତିସେନା ପବ୍ଲିକେଶନ୍ସ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

"ଦେବୀ ତୁ ଦର୍ପଣରେ ମୋତେ ଦିଶୁଥାଉ ମୋର ଛାଇ ପରି/ ମୁଁ ତୋତେ ବାରମ୍ବାର ଆଉ ବାରମ୍ବାର ଗୋଟାଏ/ କେବେ ମୋ ଜେଜେମା'ର କବର ତଳୁ ତ/କେବେ ମୋ ବୋଉର ରକ୍ତଝରା ଜରାୟୁରୁ,/ ତୁ ପାହି ଆସୁଥାଉ ଦେବୀ/ ସୂର୍ଯ୍ୟାସ୍ତର ଲୋହିତ ଲାଲିମାରେ/ ତୋର ମୁହଁ ଦିଶେ ଧରିତ୍ରୀ ପରି,/ ତୋ ମୁହଁ ଦିଶେ ଧର୍ଷିତା ନାରୀ ପରି!" (ଦେବୀସୂକ୍ତ) ଏଭଳି ଦେବୀ ଓ ନାରୀର ନାନା ରୂପ ପ୍ରତିଫଳିତ ହୋଇଛି ଶୁଭଶ୍ରୀ ଶୁଭସ୍ମିତା ମିଶ୍ରଙ୍କ 'ବହ୍ନିକା' କବିତା ପୁସ୍ତକରେ। କେବେ ନାରୀର କୋମଳ ରୂପକୁ ପୁଣି କେବେ ନାରୀର ମହିଷାମର୍ଦ୍ଦିନୀ ରୂପକୁ ଆଙ୍କିବାରେ କବି ବେଶ୍ ସିଦ୍ଧହସ୍ତ। 'ଦେବୀମୁହଁ', 'ଅଗ୍ନି ଓ ଅସ୍ତ୍ର', 'ଦେବୀ ଓ ରକ୍ତବୀର୍ଯ୍ୟ', 'ଦେବୀ ଓ ପ୍ରେମିକ', 'ରୂପଜୀବୀ', 'ଈଶ୍ୱରବୋଧ', 'ଅଭାଗ୍ୟଲିପି', 'ନିଆଁରଙ୍ଗ', 'ଯୁଦ୍ଧୋତ୍ତର ଜଣେ ସ୍ତ୍ରୀଲୋକର ଡାକ', 'ଈଶ୍ୱରଙ୍କ ମୃତ୍ୟୁରେ', 'ଆସନ୍ତା ଦୁର୍ଗାପୂଜା', 'ଜାତିଭେଦ', 'ଲିଲିଥ୍' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ନାରୀ ଆଖିର ଲୁହ, ହୃଦୟର ବେଦନା ଏହି ପୁସ୍ତକର ଅନେକ କବିତାରେ ପ୍ରସ୍ଫୁଟିତ ହୋଇଉଠିଛି ଜୀବନ୍ତ ଭାବେ। ସାମାଜିକ ଅବ୍ୟବସ୍ଥା, ସାମାଜିକ ମୂଲ୍ୟବୋଧର ଅବକ୍ଷୟ, ରୁଢ଼ିବାଦୀ ଚିନ୍ତାଧାରା, ନାରୀ ପ୍ରତି ଅଶାଳୀନ ଆଚରଣ ପ୍ରଦର୍ଶନ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି ଅନେକ କବିତାରେ। 'ବହ୍ନିକା'ର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ହରମାନ୍ ହେସ୍‌ଙ୍କ ସିଦ୍ଧାର୍ଥ

ଅନୁସୃଜନ: ପ୍ରଦୀପ୍ତ ଶ୍ରୀଚନ୍ଦନ




ଏଥେନା ବୁକ୍‌ସ
ଭୁବନେଶ୍ୱର
ତୃତୀୟ ସଂସ୍କରଣ: ୨୦୨୪
ମୂଲ୍ୟ: ୨୫୦ ଟଙ୍କା

ସମଗ୍ର ବିଶ୍ୱ ସାହିତ୍ୟରେ ଏକ କାଳଜୟୀ ଉପନ୍ୟାସ ହେଉଛି ହରମାନ୍ ହେସ୍‌ଙ୍କ 'ସିଦ୍ଧାର୍ଥ'। ଏହି ଲୋକପ୍ରିୟ ଉପନ୍ୟାସକୁ ଓଡ଼ିଆ ଭାଷାରେ ଅନୁସୃଜନ କରିଛନ୍ତି ପ୍ରଦୀପ୍ତ ଶ୍ରୀଚନ୍ଦନ। ବୌଦ୍ଧ ଯୁଗର ସମୟ ଓ ସମାଜ ଭିତ୍ତିଭୂମି ଉପରେ ଏହି ଉପନ୍ୟାସଟି ଆଧାରିତ। ଉପନ୍ୟାସର ମୁଖ୍ୟ ଚରିତ୍ର 'ସିଦ୍ଧାର୍ଥ'ଙ୍କ ଆତ୍ମଲିପିର ଏକ ସୃଜନାତ୍ମକ ପରିପ୍ରକାଶ ଏହି ଉପନ୍ୟାସ। ବୌଦ୍ଧ ଧର୍ମ ଓ ଦର୍ଶନର ପ୍ରତିଫଳନ 'ସିଦ୍ଧାର୍ଥ' ଉପନ୍ୟାସରେ ପାଠକମାନେ ଅନୁଭବ କରିପାରିବେ। ତତ୍କାଳୀନ ଜୀବନଧାରା, ସାମାଜିକ ପୃଷ୍ଠଭୂମି, ଆଧ୍ୟାତ୍ମିକ ଅବବୋଧ, ସତ୍ୟ ଓ ଶାନ୍ତିର ସନ୍ଧାନ, ଶାଶ୍ୱତ ମାନବୀୟ ପ୍ରେମର ବର୍ଣ୍ଣନା 'ସିଦ୍ଧାର୍ଥ' ଉପନ୍ୟାସକୁ ଅଧିକ ଲୋକପ୍ରିୟ କରିଛି। ନିର୍ବାଣ ନୁହେଁ ଜୀବନ ହିଁ ଲୋଡ଼ା- ଏହି ଦର୍ଶନ ପ୍ରତିଫଳିତ ହୋଇଛି ଉପନ୍ୟାସରେ। ସିଦ୍ଧାର୍ଥଙ୍କ ଜୀବନ, ଜିଜ୍ଞାସା, ଦର୍ଶନକୁ କେନ୍ଦ୍ର କରି ଉପନ୍ୟାସର କାହାଣୀ ଗତିଶୀଳ। ଉପନ୍ୟାସଟିକୁ ସୁଖପାଠ୍ୟ କରିବା ପାଇଁ 'ବ୍ରାହ୍ମଣ ପୁତ୍ର', 'ଶ୍ରମଣମାନଙ୍କ ସହିତ', 'ଗୌତମ', 'ଜାଗୃତି', 'କମଳା', 'ଜନସମାଜରେ', 'ସଂସାର', 'ନଦୀ ତଟରେ', 'ନୌବାହକ', 'ପୁତ୍ର' ଆଦି କେତୋଟି ଭାଗରେ ବିଭକ୍ତ କରାଯାଇଛି। ସିଦ୍ଧାର୍ଥଙ୍କ ଜନ୍ମ, ଜୀବନ ଓ ପୁନର୍ଜନ୍ମକୁ କେନ୍ଦ୍ର କରି ଏକ ମହିମ୍ନ ଉପଲବ୍ଧି ଓ ସୃଜନଶୀଳତାର କଳାତ୍ମକ ପରିପ୍ରକାଶ ହେଉଛି 'ସିଦ୍ଧାର୍ଥ' ଉପନ୍ୟାସ। 'ସିଦ୍ଧାର୍ଥ' ଉପନ୍ୟାସଟି ପାଠକଙ୍କ ହୃଦୟସ୍ପର୍ଶୀ ହେବ ବୋଲି ଆଶା କରାଯାଏ। ■

# ସୁଇସାଇଡ୍ ନୋଟ୍



ବିରଜା ବଳ

ନା, ମୁଁ ଚୋରି କରିନି ମା' ।
ପେଟରେ ଭୋକର କଳାବାଦଲ
ଖେଳି ବୁଲୁଥିବା ବେଳେ
ଦୋକାନରୁ ପବନରେ ଉଡ଼ି ଆସିଥିବା
ପାଞ୍ଚଟଙ୍କିଆ ତିନି ପ୍ୟାକେଟ୍ ଚିପ୍ସ
ଗୋଟେଇ ଆଣିଥିଲି ମା'।
ଏତିକି ମୋ'ର ଅପରାଧ ।

ମୁଁ ଚୋର, ମତେ କାନଧରି ଉଠ୍ ବସ୍ କରାଯାଏ ଓ
ଆଣ୍ଠେଇ ଦିଆଯାଏ ମଝି ରାସ୍ତାରେ
ତାସ୍ଲ୍ୟଭରା ହସରେ
ମୋ' ଗାଲରେ ବସୁଥାଏ
ଗୋଟିଏ ପରେ ଗୋଟିଏ ଚାପୁଡ଼ା
ଦିନ ମଝିର ଖରାର ତେଜରେ ମୋ' ବିକଳ ଅଭିମାନ
ମରିଯାଉଥାଏ ମା'।

ତୁମେ ଶିଖେଇଥିବା, ପ୍ରେମ, ଭଲପାଇବା ଓ
ମୋ'ର କୁନି କୁନି କଳ୍ପନା ନିରୀହ ଦୀର୍ଘଶ୍ୱାସରୁ ବାହାରି
କୁଆଡ଼େ ମିଳେଇ ଯାଉଥାଏ ମା'

ତୁମେ ଶିଖେଇଥିବା
ମଣିଷ ଓ ଭୂମିର କେତେ ଯେ କଥା
ମଣିଷ ଓ ଆକାଶର କେତେ ଯେ କଥା
ତୁମର ଗେହ୍ଲାପଣ ଓ ମୋ'ର ଚପଳପଣର
କେତେ ଯେ କଥା !!!
ମୋ'ର ଚୋରପଣକୁ ତମେ କ'ଣ ବିଶ୍ୱାସ କରିବ ମା'?

ତମଠୁ ଶିଖିଚି ଭୋକରେ ରହିବାର କଳା
ମୋ' ପାଟିରେ ଦୁଇଗୁଣ୍ଡା ଭାତ ଗୁଞ୍ଜିଦେଇ
ତମେ କେମିତି ଶୋଇପଡ଼ ଗଭୀର ନିଦ୍ରାରେ
ତୁମ ପେଟ ଉପରେ ମଥାରଖି
ଭୋକକୁ ମୁଁ ଶୁଣିପାରେ ତୁମ ପେଟର କଳକଳରେ ।

ମୁଁ ବୁଝିଯାଇଛି ଭୋକର ସ୍ୱାଦ ପରି
ଚୋରି ଜିନିଷର ସ୍ୱାଦ ନଥାଏ ମା'।


କାହିଁକି କେଜାଣି ଏ ସୁନ୍ଦର ପୃଥିବୀ ମୋ'ର
କ୍ଷଣକେ ନରକ ବୋଲି ପ୍ରତେ ହେଲା
ମଣିଷର ମାନବିକତା ମୋ' ପାଠ ବହିର
ଡାଇନୋସର ପରି ବିଲୁପ୍ତ ହୋଇଯାଉଥିଲା
ଜୀବନର ଆହତ ଫର୍ଦ୍ଦସବୁ ଫଡ଼ଫଡ଼ ହୋଇ
ଚିରିଗଲା ବେଳେ
ଜନ୍ମନେଲା ଏକ ସିଦ୍ଧାନ୍ତ
ମୋ' ଆଗରେ ପୁଣ୍ୟତୋୟା ଗଙ୍ଗାର
ଢେଉଢେଉକା ନୀଳ ଜଳରାଶି, ଉତ୍ତାଳ ତରଙ୍ଗ
ଛିଡ଼ିଗଲା ମୋ'ର ସବୁ ଆଶା,
ଆକାଂକ୍ଷାର ରଙ୍ଗିନ ଜାଲ ମା' ।

ନା, ମୁଁ ଚୋରି କରିନି ମା'
ନା, ମୁଁ ଚୋରି କରିନି ମା'

ଏ ପତ୍ର ପଢ଼ିସାରିଲା ପରେ
ତୁମ କୋଳ ଉପରେ ମତେ ଅନୁଭବ କରିବ ମା'
ଗୋଟେ ମଲା କୁନି ପୃଥିବୀକୁ
ଥରୁଟିଏ ଆଲିଙ୍ଗନ କରିବ ମା'
ମୋ' ନିରପରାଧ ଛାଇଟିକୁ କ୍ଷମା କରିଦବ ମା' । ■

(କବିତାର ବସ୍ତୁ ଆହରଣ : ପ୍ରିୟ ଅନୁସୃଜକ ପ୍ରଦୀପ କୁମାର ରାୟଙ୍କ ଫେସ୍‌ବୁକ ଆଲେଖରୁ । ପଶ୍ଚିମବଙ୍ଗର ପାଁଶକୁଡ଼ାର ତେର ବର୍ଷର ବାଳକ କୃଷ୍ଣେନ୍ଦୁର କରୁଣ ଆତ୍ମହତ୍ୟାର କାହାଣୀ)

ଚିତ୍ରକଳ୍ପ
ବାଲିଗଣ୍ଡ, କୁଆଁରପୁର
ରାମବାଗ, ଯାଜପୁର -୧୪
ମୋ : ୭୭୯୦୦୦୩୪୪୨



# ବାପା



ଅୟସ୍‌କାନ୍ତ

କି ହେବ ବାପା ହେ
ତମ ବନ୍ଦ ବାକ୍ସ ଭିତରର
ଆଣ୍ଠୁ ନ ନୁଚା ଖଦୀ
ଗୋଲ ଚଷମା
ଅଣ୍ଟା ବନ୍ଧା ଘଡ଼ି
ତମ ନୂଆନୂଆ ସତ୍ୟାଗ୍ରହରେ
ଆଗ୍ରହ ଥିଲେବି,
ଆଉ ଚାଲିପାରେ ନାହିଁ
ଏବେତ
ମୁଁ ଚାଲେନା
ତମେ ଚାଲନା
ତବେ ଚାଲେ
କା' ଛାଇ
କା' ଛାଇ
କା' ଛାଇ!
ତୁଚ୍ଛାଟାରେ ସିନା ସାବରମତୀରେ
ବଂଶୀ ବାହୁନଇ
ମୁଁ ଚାଲେନା
ତମେ ଚାଲନା
ଚାଲେ ଛାଇ
ଚାଲେ ଛାଇ
ଚାଲେ ଛାଇ! ■

ଗ୍ରାମ୍ୟ ନିର୍ମାଣ ଉପବିଭାଜନ
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା
ମୋ: ୮୭୬୩୩୯୩୧୧୬

# କବିତାରେ ଉତ୍ତର ଆଧୁନିକତା



ଡକ୍ଟର ଚନ୍ଦ୍ରକଳା ନାୟକ

ଅନେକ ସାହିତ୍ୟିକଙ୍କ ମତ ଉତ୍ତର ଆଧୁନିକ କବିତା କିଛି ବି ନାହିଁ। ଏହା କେବଳ ଏକ ଶାବ୍ଦିକ ଚାତୁରୀ। ଉତ୍ତର ଆଧୁନିକ ତତ୍ତ୍ୱ ପାଶ୍ଚାତ୍ୟ ସାହିତ୍ୟର ଏକ ଆଧାରିତ ଶବ୍ଦ। ବିଶେଷ ଭାବେ କବିତା ରଚନା କ୍ଷେତ୍ରରେ ଉତ୍ତର ଆଧୁନିକ ତତ୍ତ୍ୱଟି ଆଦୌ ଗ୍ରହଣୀୟ ନୁହେଁ। ଆଧୁନିକ ତ ବୁଝାପଡ଼େ। କିନ୍ତୁ ଉତ୍ତର ଆଧୁନିକ କ'ଣ ? ବୋଧହୁଏ ଏହା ଏକ ସମୟର କବିତା। ୧୯୮୦ ପରବର୍ତ୍ତୀ କବିତାର ଧାରା ଉତ୍ତର ଆଧୁନିକତା ବୋଲି ଗ୍ରହଣ କରାଯାଇଛି। ଏଭଳି ଦ୍ୱନ୍ଦ୍ୱ ତ ସଦାସର୍ବଦା ଲାଗିଛି। ଏହାର ନିଷ୍କର୍ଷ ମଧ୍ୟ କଠିନ।

ବାସ୍ତବ ସତ୍ୟ ଏହା ଯେ, ଏହା ପାଶ୍ଚାତ୍ୟ ସାହିତ୍ୟର ଏକ ତତ୍ତ୍ୱ। ଏମିତି ଦେଖିଲେ ଅନେକ ତତ୍ତ୍ୱ ଅଛି, ଯଥା – ବାମବାଦ, ରହସ୍ୟବାଦ, ମାକ୍ସବାଦ, ପ୍ରୟୋଗବାଦ, ଅସ୍ତିତ୍ୱବାଦ, ଅତି ବାସ୍ତବବାଦ। ଏସବୁ ପାଶ୍ଚାତ୍ୟ ସାହିତ୍ୟରୁ ଆଧାରିତ। ଏସବୁକୁ ଆମେ ଆମ ସାହିତ୍ୟରେ ପରୀକ୍ଷାଧର୍ମୀ ଭାବରେ ଗ୍ରହଣ କରିଛେ। ଯଥାସାଧ୍ୟ ପ୍ରୟୋଗ ବି କରିଛେ। ତେବେ ଏଥିରେ ଦ୍ୱନ୍ଦ୍ୱ ରହିବା ଅନାବଶ୍ୟକ। ଆଧୁନିକ ଶବ୍ଦକୁ ନେଇ ମଧ୍ୟ ଅନେକ ଦ୍ୱନ୍ଦ୍ୱ। ଆଧୁନିକ କବିତାଗୁଡ଼ିକ ମଧ୍ୟ ଅନେକ ସମାଲୋଚନାର ଶରବ୍ୟ ହୋଇଛି। ଏହାର କାରଣ ହେଉଛି, ଆଧୁନିକ କବିତାର ଦୁର୍ବୋଧତା, କ୍ଳିଷ୍ଟତା, ଅବୋଧତା ଏବଂ ପାଠକୀୟ ଗ୍ରହଣୀୟତାଠାରୁ ଦୂରରେ ରହିବା। କେବଳ ଆଧୁନିକ କବିତା ବୌଦ୍ଧିକତା ମଧ୍ୟରେ ସୀମାବଦ୍ଧ ହେବା। ଏହି ଆଧୁନିକ କବିତା ନିର୍ଦ୍ଦିଷ୍ଟ ଶ୍ରେଣୀର ପାଠକଙ୍କ ପାଇଁ ରଚିତ ହୋଇଥାଏ। ସାଧାରଣ ମଣିଷର ଚେତନ ଶକ୍ତିକୁ ଏହା ଛୁଇଁ ପାରିନାହିଁ। ତଥାପି ସାହିତ୍ୟରେ ଏହାର ପରୀକ୍ଷା ଅନବରତ ଚାଲିଛି। ଗଦ୍ୟମୟତା ଏହାର ମୁଖ୍ୟ ବିଷୟ। ସାଧାରଣ ଭାବେ ତାର ଅନ୍ତସତ୍ତାକୁ ବୁଝିବା କଷ୍ଟସାଧ୍ୟ। ବାସ୍ତବ ସତ୍ୟଟି ହେଉଛି, ଏହା ପାଶ୍ଚାତ୍ୟ ସାହିତ୍ୟର ଆତ୍ମିକ ସତ୍ତାର ଅନୁକରଣ। ଆମର ନିଜସ୍ୱ ପ୍ରାୟତଃ ଏଥିରେ କିଛି ନାହିଁ। ଇଲିୟାଟୀୟ କାବ୍ୟ ଦୃଷ୍ଟିରୁ ଏହା ମୋହାବିଷ୍ଟ ।

ପଦ୍ମଶ୍ରୀ ସଚ୍ଚି ରାଉତରାୟଙ୍କଠାରୁ ଅଦ୍ୟାବଧି ଅନେକ କବିତା ଏହି ଧାରାରେ ରଚନା କରାଯାଇଛି। ହୁଏତ ସବୁ କବିତା ଏହି ଧାରାର ଅନ୍ତର୍ଭୁକ୍ତ ନୁହନ୍ତି । କହିବାକୁ ଗଲେ ଉତ୍ତର ଆଧୁନିକ କବିତା ଦୁର୍ବୋଧତା ବିରୋଧରେ ଏକ ପ୍ରତିବାଦ। ପାଠକ ଓ ଲେଖକଙ୍କ ମଧ୍ୟରେ ଦୂରତା ହ୍ରାସ କରିବାର ଏକ ପ୍ରୟାସ। ପାଠକର ନିକଟତର ହେବାକୁ କବିଟିର ଏହା ପ୍ରଥମ ଅଭିଳାଷ। ଉତ୍ତର ଆଧୁନିକ କବିତା – ସମାଜର ପ୍ରତିନିଧିଟିଏ। ଏହା କୌଣସି ବ୍ୟକ୍ତିର ଜାଗିର ନୁହେଁ, ବରଂ ଏହା ସର୍ବଜନାଦୃତ ଶ୍ରୋତଟିଏ । ଗୋଟିଏ ଅର୍ଥରେ କହିଲେ ପାଠକର ଗ୍ରହଣୀୟତା ହିଁ ଉତ୍ତର ଆଧୁନିକତା। କବିଟିଏ କେବେ ବି ଅହଂକାରୀ ନହେଉ ଏହି ମୂଳତତ୍ତ୍ୱକୁ ଉତ୍ତର ଆଧୁନିକ କବିତା ବଖାଣିଥାଏ।

ରହସ୍ୟମୟତାକୁ ପରିତ୍ୟାଗ କରି ବାସ୍ତବତାରେ ସେ ବିଶ୍ୱାସ କରେ। ମାଟି ପ୍ରତି ଅହେତୁକ ମୋହ ଉତ୍ତର ଆଧୁନିକ କବିତାର ପ୍ରମୁଖ ବିଭବ। ଆଧ୍ୟାତ୍ମିକତା ଅପେକ୍ଷା ଜୀବନ ଜଗତ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଥାଏ। ଉତ୍ତର ଆଧୁନିକ କବିଟିଏ କେବଳ ଅନ୍ୟର ଇଚ୍ଛା ଅଭୀପ୍ସାକୁ କୋଳାଗ୍ରତ କରିଛି । ଆତ୍ମ ସଚେତନ ହୋଇ ଆତ୍ମ ଆବିଷ୍କାରକ ହେବା କବି ପାଇଁ ଏକ ସଂକେତ ଆଣିଛି। କାରଣ ଉତ୍ତର ଆଧୁନିକ କବିତାରେ କବିତା ନିଜସ୍ୱ ଚେତନାର ଅଭିବ୍ୟକ୍ତି ସାଜିଥାଏ । ସମାଜ ସହିତ ତା'ର ସଂପୃକ୍ତି, ପାରିପାର୍ଶ୍ୱିକ ପରିବେଶ ପ୍ରତି ଆସକ୍ତି, ନିଜ ଭିତରେ ଅନ୍ୟର ଅନ୍ୱେଷଣ, ଅନ୍ୟ ପ୍ରତି ନିଜର ଅନ୍ତରଙ୍ଗତା, ବିଶେଷ ଭାବରେ ହୃଦୟଶୀଳତା ହିଁ ଏହାର ପ୍ରକୃତ ଉତ୍ସ।

ଉତ୍ତର ଆଧୁନିକ କବି କେବେ ବି ପଳାୟନବାଦୀ ନୁହେଁ। ଜୀବନର ବିବିଧ କ୍ଷେତ୍ରକୁ ସାମ୍ନା ବି କରେ, ତା'ର ସମାଧାନର ବାଟ ବି ଫିଟାଏ। ପରମ୍ପରାକୁ ପୁନଃ ଭାବରେ ଗଢ଼ି ତୋଳେ। ଏହି ଧାରାର କବିଟିଏ ନୂତନ ସାଂସ୍କୃତିକ, ଐତିହାସିକ ଓ ନୈତିକ ଭିତ୍ତିଭୂମିକୁ ସୁଦୃଢ଼ କରେ। ବିଶ୍ୱାସ ରଖେ - ବ୍ୟକ୍ତିର ସ୍ୱତନ୍ତ୍ରତାରେ ଏବଂ ସାଧାରଣ ମଣିଷର ଅନ୍ତସତ୍ତାରେ। ଆତ୍ମିକ ଆବେଦନ ହିଁ କବିତାଟିକୁ ପୂର୍ଣ୍ଣ ରୂପ ପ୍ରଦାନ କରିଥାଏ। ଆଧୁନିକ କବିତାର ସମସ୍ତ ସଂଜ୍ଞାକୁ ଉତ୍ତର ଆଧୁନିକ କବିତା ବିଶ୍ୱାସ କରେନାହିଁ। ବ୍ୟକ୍ତି ସତ୍ତା ଜୀବନ ଜିଜ୍ଞାସା ସହ ସମାହିତ ହୋଇ ଏଥିରେ ଅଭିବ୍ୟକ୍ତ ହୁଏ । ଏହାର କାବ୍ୟିକ ସ୍ୱର କରୁଣା ବିଚଳିତ, କୋମଳତାରେ ସ୍ନିଗ୍ଧତା, ହୃଦୟବତ୍ତା, ଅନ୍ତରଙ୍ଗତା କାବ୍ୟିକ ଚେତନାର ଭୂମି ହୋଇ ଥିବାରୁ ପାଠକଙ୍କୁ ଖୁବ୍ ସ୍ପର୍ଶ କରିପାରେ। କବିତାରେ ଈଶ୍ୱର ଅପେକ୍ଷା ମଣିଷ, ଆଧ୍ୟାତ୍ମିକତା ଅପେକ୍ଷା ମାନବିକତା, ପଳାୟନ ଅପେକ୍ଷା ପରିଗ୍ରହଣତା ଅଧିକ ସଂଗଠିତ ହୋଇଛି। ଉତ୍ତର ଆଧୁନିକ କବିତା ନିଃସଙ୍ଗତା, ବୀତସ୍ପୃହତା, ସ୍ୱପ୍ନ ଭଙ୍ଗରେ ଆଦୌ ଭରସା କରେ ନାହିଁ। ଉତ୍ତର ଆଧୁନିକ କବିତା ଅନ୍ଧାର ଭିତରେ ଏକ ଆଲୋକର ଅନ୍ୱେଷଣ କରେ।

ଲଣ୍ଡନ ପୋଲ ଭାଙ୍ଗି ଯିବାର ଏକ ପୁରୋଦୃଷ୍ଟି ସମ୍ପନ୍ନ ପ୍ରତୀକାତ୍ମକ ବିବିଧତା ଉତ୍ତର ଆଧୁନିକ କବିକୁ କେବେ ବି ବ୍ୟତିବ୍ୟସ୍ତ କରିନାହିଁ। ବର୍ଣ୍ଣବୈଷମ୍ୟ, ମଦମୃତ୍ୟୁ, ବିସ୍ଥାପିତଙ୍କ ଅସହାୟତା, କନ୍ଧମାଳର ଦଙ୍ଗା, ଭଣ୍ଡବାବା, ମହିଳାଙ୍କୁ ହତ୍ୟା – ଏହିଭଳି ନିଷ୍ପେଷିତ ଓ ନିପୀଡ଼ିତ ମାନବାତ୍ମର ସ୍ୱରକୁ ଏହା ବାରମ୍ବାର ଅନୁରଣିତ କରିଛି। ଏଗୁଡ଼ିକ ଉତ୍ତର ଆଧୁନିକ କବିତାର କେତେକ ଉପଜୀବ୍ୟ କାବ୍ୟବସ୍ତୁ।

ଉତ୍ତର ଆଧୁନିକ କବିଟିର ସାମ୍ୟବାଦୀ ଦୃଷ୍ଟି ତୀକ୍ଷ୍ଣ, ସ୍ୱଚ୍ଛ, ସତ୍ୟନିଷ୍ଠ। ଏହା ହୃଦୟର ଏକ କାରୁଣିକ ଉପଲବ୍ଧ। ଅନ୍ୟର ଦୁଃଖ ଓ ଉତ୍ପୀଡ଼ନକୁ ନିଜ ଭିତରେ ଆତ୍ମସ୍ଥ କରିବାର ସମସ୍ତ ଭାବନା ତା ଭିତରେ ଉପଲବ୍ଧ କରିହୁଏ। ଉତ୍ତର ଆଧୁନିକ କବିତାର ସାମ୍ୟବାଦୀ ଦୃଷ୍ଟି ବିଶେଷ ଭାବେ ସହାନୁଭୂତି ସମ୍ପନ୍ନ, ଆନ୍ତରିକ, ବ୍ୟକ୍ତିପକ୍ଷ ଓ ଅଭିବ୍ୟକ୍ତି ପକ୍ଷ ଭିତରେ ସନ୍ତୁଳନଟିଏ ବେଶ ସ୍ପଷ୍ଟ। ସ୍ୱାଭାବିକ ଭାବେ ବ୍ୟକ୍ତିଗତ ସ୍ୱତନ୍ତ୍ର ଅନୁଭୂତି ଅନୁଭବର ସାଧାରଣୀକରଣ ମଧ୍ୟରେ ସମ୍ଭବ ହୋଇ ପାରିଛି। ଯଥାର୍ଥରେ ଏଗୁଡ଼ିକ ହିଁ ଉତ୍ତର ଆଧୁନିକ କବିତାର ଆତ୍ମିକ ଭାବବସ୍ତୁ। କିନ୍ତୁ ଏହାର ଆଙ୍ଗିକ ଶୈଷ୍ଠବ ଆତ୍ମା ସହିତ ସଂପୃକ୍ତ।

ଜଣେ ବିଶିଷ୍ଟ କବିଙ୍କ ଭାଷାରେ କବିର ଆଙ୍ଗିକ ହିଁ ଆତ୍ମିକ। ଯେଉଁଥିରେ ଭାବଟି ଗମ୍ଭୀର ଥିବ, କିନ୍ତୁ ଅଙ୍ଗ ଯଦି ଦୁର୍ବଳ ହେବ ତେବେ ତାହା ସଫଳ କବିତା ସୃଷ୍ଟି କରିବା ଅସମ୍ଭବ । ଶବ୍ଦଚିତ୍ର ପ୍ରୟୋଗ ଆଜିର ନୁହେଁ। ମାଟିର ମହାକବି ଶୁଦ୍ରମୁନି ଶାରଳା ଦାସଙ୍କଠାରୁ ଏପର୍ଯ୍ୟନ୍ତ ଏହା କବିତାର ପ୍ରମୁଖ ବିଭବ। ଶବ୍ଦଚିତ୍ର ହିଁ କାବ୍ୟିକ ଭାବାବେଗକୁ ସାନ୍ଦ୍ର କରିଥାଏ । ଶବ୍ଦର ଚୁମ୍ବକୀୟ ଶକ୍ତି ଦ୍ୱାରା ଚିତ୍ରଟି ଆମ ଅନ୍ତରର ଗଭୀରତାକୁ ସ୍ପର୍ଶ କରିଥାଏ। ଚିତ୍ରକଳ୍ପଟିଏ ତ ଆମର ମନନ ଶୀଳତାକୁ ଖୋରାକ ଯୋଗାଇ ଥାଏ। ମାତ୍ର ଅତ୍ୟଧିକ ବିମ୍ବ ପ୍ରୟୋଗ ଦ୍ୱାରା କବିତାକୁ ନିମ୍ନଗାମୀ କରି ଗଢ଼ି ତୋଳେ। ବିଶ୍ୱବ୍ୟାପୀ କାବ୍ୟାଦର୍ଶକୁ ଅନୁକରଣ ଗୁଡ଼ାଏ ଅଯୌକ୍ତିକ ଶବ୍ଦଚିତ୍ର ନିର୍ମାଣ କରିବାର ମାର୍ଗ ଦେଖାଉଛି। ଆତ୍ମଦର୍ଶୀ ସମାଲୋଚକଙ୍କ ଉତ୍ସାହ ପାଇଁ ସିଧାସଳଖ କଥା କହିବାର ଯେଉଁ ଶୈଳୀ ଆମେ ଗ୍ରହଣ କରିବା ଆରମ୍ଭ କରିଛେ, ସେଥିରେ ବିମ୍ବ ତ ରହିବ, ହେଲେ ତାହା କବିତାକୁ ଭାରାକ୍ରାନ୍ତ କରିବ ନାହିଁ । କବି ବିଶ୍ୱର ଆଶ୍ରୟ ନେଇ ବାସ୍ତବ ସତ୍ୟକୁ କେବେ ବି ପ୍ରତାରିତ କରି ପାରିବ ନାହିଁ। ଗୋଟିଏ ବାକ ବିମ୍ବରେ ଯାହା ସତ୍ୟ ତାହାକୁ ସ୍ପଷ୍ଟ ଭାବେ ପ୍ରକାଶ କରିବ। ଏହି ଧର୍ମରେ ଉତ୍ତର ଆଧୁନିକ କବିତା ଇନ୍ଦ୍ରିୟବୋଧ ଓ ଭାବର ସଂପ୍ରସାରଣ ହରାଇ ନାହିଁ। ଏହି କବିତା ଧୀରେ ଧୀରେ ଜଟିଳତାରୁ କିପରି ମୁକ୍ତ ହେବାକୁ ତା'ର ପ୍ରୟାସ ଆରମ୍ଭ କରିଛି। କବିତା ସର୍ବଦା ସ୍ୱୟଂ ସଂପୂର୍ଣ୍ଣ । ଶବ୍ଦଚିତ୍ର ଓ କଥାକଳ୍ପ ଯେ ଉତ୍ତର ଆଧୁନିକ କବିତାରେ ନାହିଁ, ତାହା କହିହେବ ନାହିଁ । କିନ୍ତୁ ତାହା ସାର୍ବଜନୀନତା ଓ ବୋଧଗମ୍ୟତାକୁ ବଜାଇ ରଖିଛି । ସାଧାରଣ ଜୀବନରୁ ତଥ୍ୟ ଆହରଣ କରି ଏହାର ସାର୍ବଜନୀନତା ସର୍ବୋତ୍କୃଷ୍ଟ ହୋଇ ପାରିଛି । ଭାଷା ଓ ଭାବର ସରଳତା , ସ୍ୱଚ୍ଛନ୍ଦତା ଉତ୍ତର ଆଧୁନିକ କବିତାର ଅନ୍ୟତମ ମୁଖ୍ୟ ବୈଶିଷ୍ଟ୍ୟ।

ଉତ୍ତର ଆଧୁନିକ କବିତାର କବି ଚେତନାରେ ଯେଉଁ ଶବ୍ଦଚିତ୍ର ନିର୍ମାଣ କରେ, ସେହି ବିମ୍ବ ଆମ ଭାବବିଶ୍ୱରେ ସହଜରେ ପ୍ରତିଫଳିତ କରେ। ଆମ କଳ୍ପନାର ପରିସରକୁ ପରିବ୍ୟାପ୍ତ କରେ। କବିର ଏକ ପୂର୍ଣ୍ଣାଙ୍ଗ ରୂପରେଖ ତିଆରି କରିବା ସହ ଅନୁଭବକୁ ଏକ ଶାବ୍ଦିକ ଗୁଣ ପ୍ରଦାନ କରେ। ଉତ୍ତର ଆଧୁନିକ କବିତା କବିର ମାନସିକ ଅନ୍ତଃସ୍ୱର ହୋଇ ଥିବାରୁ ରୂପ ବିନ୍ୟାସ ଅପେକ୍ଷା ଭାବ ବିନ୍ୟାସକୁ ଯଥେଷ୍ଟ ଗୁରୁତ୍ୱ ଦିଏ।

ଉତ୍ତର ଆଧୁନିକ କବିତା ବୁଦ୍ଧିର ବିପ୍ଳବ ନୁହେଁ। ଏହା ହୃଦୟର ବିପ୍ଳବ। ଉତ୍ତର ଆଧୁନିକ କବିତା ସିଧା ସଳଖ ହୃଦୟକୁ ଛୁଏଁ। ଭାଷାର ଆନୁଷ୍ଠାନିକତାରୁ ଏହା ଅନେକ ପରିମାଣରେ ବିମୁକ୍ତ। ଆଳଙ୍କାରିକ ଆଟୋପ ନାହିଁ ସତ, ଅଛି ଏଥିରେ ନିଷ୍କପଟ ସ୍ୱାଭାବିକତା। ସର୍ବଶେଷରେ ଉତ୍ତର ଆଧୁନିକ କବିତା ଏକ ଅନୁଶୀଳନାତ୍ମକ ଆଲେଖ୍ୟ। ବିବିଧତାରେ ବିଶ୍ୱାସ କରୁଥିବା ଏହି କବିତା, ଆଙ୍ଗିକର ବିବିଧତାକୁ ମଧ୍ୟ ସମ୍ମାନର ସହ ଗ୍ରହଣ କରିଥାଏ। ■

ଅଧ୍ୟାପିକା
ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର
ମୋ: ୯୪୩୭୯୫୭୬୧୭

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୪୯ ● ପାଉଣ୍ଡ ୧୧୯.୬୧
- ୟୁରୋ ୧୦୩.୮୭ ● ୟେନ୍ ୦.୬୨

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୦୨,୦୦୦ (ଭୁବନେଶ୍ୱର)
- ରୁପା : ୧,୪୨,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)



- ସେନ୍‌ସେକ୍ସ ୮୧,୯୦୪.୦୦
- ନିଫ୍ଟି ୨୫,୧୧୪.୦୦

## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତ ପାଇଁ କାହିଁକି ଜରୁରୀ ନେପାଳ

ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି): ଭାରତର ଗୋଟିଏ ପରେ ଗୋଟିଏ ପଡ଼ୋଶୀ ରାଷ୍ଟ୍ରର ସରକାର ଭୁଶୁଡ଼ିବାରେ ଲାଗିଛି। ପ୍ରଥମେ ଶ୍ରୀଲଙ୍କା, ପରେ ପାକିସ୍ତାନ, ବାଂଲାଦେଶ ଏବଂ ଏବେ ନେପାଳରେ ସମାନ ସ୍ଥିତି ରହିଛି। ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କି କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇଛନ୍ତି। ଭାରତ ସରକାର ଏଠାକାର ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି। ଏହି ଦେଶ ସହ ଭାରତର 'ରୋଟି-ବେଟି' ସମ୍ପର୍କ ପରି। ଭାରତ ଏହି ଦେଶକୁ ପେଟ୍ରୋଲ ଏବଂ ଡିଜେଲ ଯୋଗାଣ କରୁଛି। ଉଭୟ ଦେଶ ମଧ୍ୟରେ ଖୋଲା ସୀମା ରହିଛି। ବିନା ଦ୍ୱିଧାରେ ଲୋକେ ପରସ୍ପରର ଅଞ୍ଚଳକୁ ଯାଉଛନ୍ତି। କିନ୍ତୁ ଜେନ୍-ଜେଡ୍ ଆନ୍ଦୋଳନ ଯୋଗୁଁ ଭାରତ ସୀମା ବନ୍ଦ କରିଦେଇଛି।

ରିପୋର୍ଟ ଅନୁଯାୟୀ ୩୫ ଲକ୍ଷ ନେପାଳୀ ଭାରତରେ କାମ କରୁଛନ୍ତି କିମ୍ବା ରହୁଛନ୍ତି। ନେପାଳର ୩୨ ହଜାର ଗୋରଖା ସୈନିକ ଭାରତୀୟ ସେନାରେ ମୁତୟନ ଅଛନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ଚୁକ୍ତି ହୋଇଛି। ଏହା ସହିତ ଭାରତ ଏବଂ ଚୀନ୍ ମଧ୍ୟରେ ନେପାଳ ବଫର ରାଷ୍ଟ୍ର ଭଳି କାମ କରୁଛି। ଏଥିରୁ ଭାରତ ପାଇଁ ନେପାଳର ଗୁରୁତ୍ୱ କିଭଳି ତାହା ବୁଝା ପଡୁଛି। ନେପାଳ ଏକ ହିନ୍ଦୁ ବହୁଳ ରାଷ୍ଟ୍ର। ସୀମାର ଉଭୟ ପାର୍ଶ୍ୱରେ ରହୁଥିବା ଲୋକଙ୍କ ମଧ୍ୟରେ ଗଭୀର ପାରିବାରିକ ସମ୍ବନ୍ଧ ରହିଛି। ଲୋକେ ବିନା ଭିସା ଏବଂ ପାସପୋର୍ଟରେ ଉଭୟ ଦେଶକୁ ଯାଇପାରୁଛନ୍ତି। ପ୍ରତି ବର୍ଷ ଲକ୍ଷାଧିକ ହିନ୍ଦୁ ଶ୍ରଦ୍ଧାଳୁ ଭାରତ ଯାଉଛନ୍ତି।



ନେପାଳ ଭାରତର ସବୁଠୁ ବଡ଼ ବ୍ୟାବସାୟିକ ସହଯୋଗୀ। କିନ୍ତୁ ଦୀର୍ଘ ଦିନ ପର୍ଯ୍ୟନ୍ତ ରାଜନୈତିକ ଅସ୍ଥିରତା ରହିଲେ ଯୋଗାଣ ଶୃଙ୍ଖଳ ପ୍ରଭାବିତ ହୋଇପାରେ। ରପ୍ତାନୀ ଉପରେ ଏହାର ପ୍ରଭାବ ପଡ଼ିପାରେ। ଗତ ବର୍ଷ ନେପାଳକୁ ଭାରତ ମଧ୍ୟରେ ୭.୩୨ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ କରିଥିଲା। ତେବେ ଭାରତକୁ ଏହି ଦେଶ ୧.୨ ବିଲିୟନ ଡଲାରର ସାମଗ୍ରୀ ପଠାଇ ଥିଲା। ଏଭଳି ସ୍ଥିତିରେ ଭାରତ ବାଣିଜ୍ୟ କ୍ଷେତ୍ରରେ ଲାଭରେ ରହିଛି। ୨୦୨୪ରେ ଭାରତର ରପ୍ତାନୀ ୭ ବିଲିୟନ ଡଲାର ଏବଂ ଆମଦାନୀ ୦.୮୩୧ ବିଲିୟନ ଡଲାର ଥିଲା। ଭାରତ ଗତ ବର୍ଷ ନେପାଳକୁ ୭୮୧.୭ ନିୟୁତ ଡଲାରର ଆଇରନ ଆଣ୍ଡ ଷ୍ଟିଲ, ୬୩୧.୩ ନିୟୁତ ଡଲାରର ମେସିନାରୀ ଆଣ୍ଡ ଇକ୍ୱିପମେଣ୍ଟସ, ୩୬୪.୫ ନିୟୁତ ଡଲାରର ଟ୍ରାନ୍ସପୋର୍ଟ ଇକ୍ୱିପମେଣ୍ଟ, ୩୦୮.୧ ନିୟୁତ ଡଲାରର ଫେରସ ଆଣ୍ଡ ନନ୍-ଫେରସ ମେଟାଲ ଏବଂ ୨୯୦.୭ ନିୟୁତ ଡଲାରର ଔଷଧ, ଫାର୍ମାସିଟ୍ୟିକାଲ୍ସ ଆଣ୍ଡ ଫାଇନ କେମିକାଲ୍ସ ପଠାଇ ଥିଲା।

# ମସ୍କ ପୁଣି ବିଶ୍ୱର ସବୁଠୁ ବଡ଼ ଧନୀ

- ୧୮ ତମ ସ୍ଥାନରେ ମୁକେଶ ଅମ୍ବାନୀ
- ଟପ୍-୨୦କୁ ଫେରିଲେ ଗୌତମ ଆଦାନୀ

ୱାସିଂଟନ, ୧୩।୯ (ଏଜେନ୍ସି): ଶିଳ୍ପପତି ପୁଣି ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ହୋଇଛନ୍ତି। ସେ ନିଜ ସ୍ଥିତିକୁ ପୂର୍ବାପେକ୍ଷା ଅଧିକ



ମଜବୁତ କରିଦେଇଛନ୍ତି। କିଛି ଦିନ ତଳେ ଓରାକଲ ଫାଉଣ୍ଡର ଲ୍ୟାରୀ ଏଲିସନ ତାଙ୍କୁ ପଛରେ ପକାଇ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହୋଇଥିଲେ। କିନ୍ତୁ ଗତ ଦୁଇ ଦିନ ହେଲା ମସ୍କଙ୍କ ସମ୍ପତ୍ତି ଅହେତୁକ ବୃଦ୍ଧି ପାଇଛି। ତାଙ୍କ ସମ୍ପତ୍ତି ୩୫ ବିଲିୟନ ଡଲାର ବୃଦ୍ଧି ପାଇଛି। ଏଥିସହିତ ମସ୍କଙ୍କ ମୋଟ ସମ୍ପତ୍ତି ୪୧୯ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ବିଶ୍ୱର ପ୍ରଥମ ବ୍ୟକ୍ତି ଭାବେ ତାଙ୍କ ସମ୍ପତ୍ତି ୪୦୦ ବିଲିୟନ ଡଲାର ପାର କରିଛି। ଚଳିତ ବର୍ଷ ତାଙ୍କ ସମ୍ପତ୍ତି ୧୩.୮ ବିଲିୟନ ଡଲାର ହ୍ରାସ ପାଇଥିଲା। ଏବେ ଏଲିସନଙ୍କ ମୋଟ ସମ୍ପତ୍ତି ୩୪୯ ବିଲିୟନ ଡଲାର ରହିଛି। ଶୁକ୍ରବାର ଏହା ୧୪.୫ ବିଲିୟନ ଡଲାର ହ୍ରାସ ପାଇଥିଲା। ତେବେ ଚଳିତ ବର୍ଷ ତାଙ୍କ ସମ୍ପତ୍ତି ୧୫୭ ବିଲିୟନ ଡଲାର ବୃଦ୍ଧି ପାଇଛି। ସେହିପରି ମେଟା ସିଇଓ ମାର୍କ ଜୁକରବର୍ଗଙ୍କ ସମ୍ପତ୍ତି ୨୬୫ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ଏବେ ସେ ବିଶ୍ୱ ଧନୀ ତାଲିକାର ତୃତୀୟ ସ୍ଥାନରେ ଅଛନ୍ତି। ଏହା ପଛକୁ ୨୫୦ ବିଲିୟନ ଡଲାରର ସମ୍ପତ୍ତି ସହ ଜେଫ୍ ବେଜୋସ ରହିଛନ୍ତି। ଭାରତ ତଥା ଏସିଆର ସବୁଠୁ ବଡ଼ ଧନୀ ମୁକେଶ ଅମ୍ବାନୀଙ୍କ ମୋଟ ସମ୍ପତ୍ତି ୯୮.୯ ବିଲିୟନ ଡଲାର ରହିଛି। ସେ ଏହି ତାଲିକାର ୧୮ ତମ ସ୍ଥାନରେ ଅଛନ୍ତି। ଚଳିତ ବର୍ଷ ତାଙ୍କ ସମ୍ପତ୍ତି ୮.୨୫ ବିଲିୟନ ଡଲାର ବଢ଼ିଛି। ସେହିପରି ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ ବିଶ୍ୱ ଧନୀ ତାଲିକାର ଟପ୍-୨୦କୁ ଫେରିଛନ୍ତି। ଏବେ ତାଙ୍କ ସମ୍ପତ୍ତି ୮୨.୧ ବିଲିୟନ ଡଲାର ରହିଛି। ଶୁକ୍ରବାର ଏହା ୩.୪୪ ବିଲିୟନ ଡଲାର ବୃଦ୍ଧି ପାଇଥିଲା। ତେବେ ବିଶ୍ୱର ପ୍ରମୁଖ ୨୦ ଧନୀଙ୍କ ମଧ୍ୟରେ ଆମେରିକାର ୧୪ ଜଣ ବ୍ୟବସାୟୀ ସାମିଲ ଅଛନ୍ତି।

# ଟିପିସିଓଡିଏଲ୍ ପକ୍ଷରୁ ନୟାଗଡ଼ରେ ୬୬ ଭାଗ୍ୟଶାଳୀ ଉପଭୋକ୍ତା ପୁରସ୍କୃତ



ଭୁବନେଶ୍ୱର, ୧୩।୯ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନୟାଗଡ଼ ଡିଭିଜନରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ସମାରୋହରେ 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍' ଅଧୀନରେ ୬୬ ଜଣ ଭାଗ୍ୟଶାଳୀ ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବକେୟା ନ ଥିବା ଯୋଗ୍ୟ ଗ୍ରାହକମାନଙ୍କୁ ଏକ ଲକି ଡ୍ର' ଜରିଆରେ ଚୟନ କରାଯାଇଥିଲା। ସେମାନଙ୍କୁ ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ଦିଆଯାଇଥିଲା। ଏହି ସ୍କିମ୍ ଠିକ୍ ସମୟରେ ବିଲ୍ ପୈଠକୁ ପ୍ରୋତ୍ସାହିତ କରୁଥିବା ବେଳେ ମୂଲ୍ୟବାନ ଗ୍ରାହକଙ୍କୁ ମାନ୍ୟତା ଦେବା ପାଇଁ ଏକ ମଞ୍ଚ ପ୍ରଦାନ କରିଥିଲା। ଏଭଳି ଅଭିଯାନରେ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣଠାରୁ ଆଗକୁ ବଢ଼ି ଟିପିସିଓଡିଏଲ୍ ଗ୍ରାହକମାନଙ୍କ ସହ ଦୃଢ଼ ସମ୍ପର୍କ ସ୍ଥାପନ କରୁଛି। 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍' ହେଉଛି ବିଭିନ୍ନ ଡିଭିଜନରେ କାର୍ଯ୍ୟକାରୀ କରାଯାଇଥିବା ଅନେକ କାର୍ଯ୍ୟକ୍ରମ ମଧ୍ୟରୁ ଅନ୍ୟତମ। ଏହା ଗ୍ରାହକ ସନ୍ତୁଷ୍ଟି ଓ ଗୋଷ୍ଠୀ ବିକାଶ ଉପରେ କମ୍ପାନୀର ପଦକ୍ଷେପକୁ ଦର୍ଶାଉଛି।

# କେନ୍‌ଷ୍ଟାର ଆଣିଲା ନେକ୍ସଟ-ଜେନ ୫ଷ୍ଟାର ୱାଟର ହିଟର

ମୁମ୍ବାଇ, ୧୩।୯ (ସମିସ): ଭାରତର ସବୁଠୁ ବିଶ୍ୱସନୀୟ ବ୍ରାଣ୍ଡ କେନ୍‌ଷ୍ଟାର ଶନିବାର ନିଜର ନେକ୍ସଟ-ଜେନ୍ ୫ ଷ୍ଟାର ୱାଟର ହିଟରର ବଜାର ପ୍ରବେଶ କରିଛି। ଏହି ଅବସରରେ କେନଷ୍ଟାର 'ବାଥ ବନ ଜାଏ' ଅଭିଯାନ ଆରମ୍ଭ କରାଯାଇଛି। ଏହା ବଜାରରେ ଥିବା ଅନ୍ୟ ୱାଟର ହିଟର ତୁଳନାରେ




୨୦ ପ୍ରତିଶତ ଅଧିକ ଗରଣ ପାଣି ପ୍ରଦାନ କରିଥାଏ। ଏଥିରେ ଲାଗିଥିବା ଉଚ୍ଚ-ସାନ୍ଦ୍ରତାଯୁକ୍ତ ପିୟୁଏଫ ଇନସୁ୍ୟଲେସନ ୧୦%ରୁ ଅଧିକ ଉତ୍ତାପ ଗ୍ରହଣକୁ ସୁନିଶ୍ଚିତ କରିଥାଏ। ଏଥିରେ ଜର୍ମାନ ବ୍ଲୁ ସାଫାୟାର ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଏହାର ସ୍ଥାୟୀତ୍ୱ ଅଧିକ ରହିବ। ଏହି ବର୍ଗରେ ୫-ଷ୍ଟାର ବିଇଇ ରେଟ୍ ରହିଛି। ଏହା ଅଧିକ ବିଦ୍ୟୁତ ବିଲ୍ ସଞ୍ଚୟକୁ ଦର୍ଶାଉଛି। ଏହାର ଟାଙ୍କି ଉପରେ ୭ ବର୍ଷର ୱାରେଣ୍ଟି ରହିଛି। ଏହା ସ୍ଥାୟୀତ୍ୱ, ଦକ୍ଷତା ଏବଂ ଗ୍ରାହକ ସନ୍ତୁଷ୍ଟିର ଗ୍ୟାରେଣ୍ଟି ମଧ୍ୟ ଦେଉଛି। କମ୍ପାନୀ ୩ରୁ ୧୦୦ ଲିଟର କ୍ଷମତା ପର୍ଯ୍ୟନ୍ତ ୱାଟର ହିଟର ଆଣିଛି। ଏଥିରେ ଷ୍ଟୋରେଜ ୱାଟର ହିଟର, ଇନଷ୍ଟାଣ୍ଟ ୱାଟର ହିଟର, ଟ୍ୟାଙ୍କଲେସ ୱାଟରହିଟର, ଗ୍ୟାସ ୱାଟର ହିଟର ତଥା ଇମର୍ସନ ରଡ଼ ରହିଛି।

# ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ 'ଇଣ୍ଡୋ-ଏରା'ର ନୂଆ ଷ୍ଟୋର



ଭୁବନେଶ୍ୱର, ୧୩।୯ (ସମିସ):ଏଠାକାର କଳ୍ପନା ଛକ ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ 'ଇଣ୍ଡୋ-ଏରା'ର ନୂଆ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ ଗୁଜୁରାଟରେ ୫ଟି, ପଶ୍ଚିମବଙ୍ଗରେ ଗୋଟାଏ ଷ୍ଟୋର ଥିବା ବେଳେ ଓଡିଶାର ଭୁବନେଶ୍ୱରରେ ଏହା ପ୍ରଥମ। ଆସନ୍ତା ୧୦ ତାରିଖରେ ଦିଲ୍ଲୀରେ ଆଉ ଏକ ଷ୍ଟୋର ଖୋଲାଯିବ। ଏହି ଷ୍ଟୋରରେ କେବଳ ମହିଳା ପୋଷାକ ଉପଲବ୍ଧ ହେବ। ଏଠାରେ କୁର୍ତ୍ତା, ଫ୍ୟାନ୍ସି କୁର୍ତ୍ତା, ସିଙ୍ଗଲ କୁର୍ତ୍ତା, ସାରାରା,କୋର୍ଟ ପରି ଅନେକ ଡିଜାଇନର ପୋଷାକ ରହିଛି। ୧୪୯୯ରୁ ନେଇ ୫୯୯୯ ଟଙ୍କା ପର୍ଯ୍ୟନ୍ତର ପୋଷାକ ଏଠାରେ ଉପଲବ୍ଧ। ସବୁ ପ୍ରକାରର ଫ୍ୟାଶନ, କଲର୍ଚର, ଲାଇଫଷ୍ଟାଇଲ ପୋଷାକ ଏଠାରେ ଉପଲବ୍ଧ ହେବ। ଆଗାମୀ ଦିନରେ ସାରା ଭାରତର ପ୍ରତ୍ୟେକ ସହରରେ ଇଣ୍ଡୋ-ଏରା'ର ଷ୍ଟୋର ଖୋଲିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

# ରାୟଗଡ଼ାରେ ଫିଟ୍‌ନେସ ପାର୍କ ଉଦ୍‌ଘାଟନ କଲା ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, ୧୩।୯ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ରାୟଗଡ଼ାର ହାତମୁନିଗୁଡ଼ାରେ ଥିବା ରାମକୃଷ୍ଣ ମିଶନ ଆଶ୍ରମ ସ୍କୁଲର ୭୦୦ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଫିଟନେସ୍-କମ୍-ଆମ୍ୟୁଜମେଣ୍ଟ ପାର୍କ ବିକଶିତ କରିଛି। ବିଭିନ୍ନ ପ୍ରକାରର ଖେଳ ଏବଂ ଫିଟନେସ୍ ସୁବିଧା ସହିତ ସଜ୍ଜିତ ଏହି ପାର୍କଟି ଶାରୀରିକ କାର୍ଯ୍ୟକଳାପ, ମନୋରଞ୍ଜନ ଏବଂ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ବେଦାନ୍ତ ସିଜିମାଲି ବକ୍ସାଇଟ୍ ମାଇନ୍ସର ଉପାଧ୍ୟକ୍ଷ ଏବଂ ମୁଖ୍ୟ ପ୍ରତୀକ କୁମାର ଏହି ପାର୍କର ଉଦ୍‌ଘାଟନ କରିଥିଲେ। ଏହା ପରେ ଛାତ୍ରଛାତ୍ରୀ ଉତ୍ସାହର ସହିତ ସେଠାରେ ଅନେକ ସମୟ ଖେଳକୁଦ କରିଥିଲେ। ସ୍କୁଲଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ସହିତ ସଜ୍ଜିତ କରି ବେଦାନ୍ତ ଆଲୁମିନିୟମ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ସଫଳତା ଏବଂ ସାମଗ୍ରିକ ବିକାଶକୁ ସମର୍ଥନ କରିବା ସହିତ ଏକ ଅନୁକୂଳ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ୧୦୦ ଏକର ଜମିରେ ୨୦୦୮ ମସିହାରେ ପ୍ରତିଷ୍ଠିତ ରାମକୃଷ୍ଣ ମିଶନ ଆଶ୍ରମ ସ୍କୁଲ ସିବିଏସଇ ପାଠ୍ୟକ୍ରମ ଅନୁଯାୟୀ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରଦାନ କରାଯାଉଛି। ଏହାର ସମସ୍ତ ଛାତ୍ରଛାତ୍ରୀ ରାୟଗଡା, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲା ସମେତ କୋରାପୁଟ ଅଞ୍ଚଳର ଆଦିବାସୀ ସମ୍ପ୍ରଦାୟରୁ ଆସିଥାନ୍ତି।



ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ପ୍ରକୃତ ସମ୍ପ୍ରଦାୟ ବିକାଶ ଭିତ୍ତିଭୂମିଠାରୁ ଅଧିକ ଏହାର ସାମଗ୍ରୀକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରିଥାଏ। ଏହି ଫିଟନେସ୍-କମ୍-ମନୋରଞ୍ଜନଭିତ୍ତିକ ପାର୍କ ପିଲାମାନଙ୍କୁ ଖେଳ ଏବଂ ଶାରୀରିକ କାର୍ଯ୍ୟକଳାପ ପାଇଁ ସୁଯୋଗ ପ୍ରଦାନ କରିବା ସହିତ ଏକ ଆନନ୍ଦଦାୟକ ପରିବେଶ ଯୋଗାଇଦେବ। ଏହା ପିଲାଙ୍କ ସାମଗ୍ରୀକ ବିକାଶକୁ ସମର୍ଥନ କରେ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା ପ୍ରତି ପ୍ରତିବଦ୍ଧତାକୁ ରେଖାଙ୍କିତ କରେ। ଓଡ଼ିଶାର ସାମଗ୍ରୀକ ଅଭିବୃଦ୍ଧି ଏବଂ ଉନ୍ନତି ପ୍ରତି ସମ୍ପ୍ରଦାୟ ଅବଦାନର ଭାବନାକୁ ପ୍ରୋତ୍ସାହିତ କରେ। ଗ୍ରାମବାସୀଙ୍କ ସହାୟତାରେ ସାମାଜିକ-ଆର୍ଥିକ ପ୍ରଗତିକୁ ବେଦାନ୍ତ ସୁନିଶ୍ଚିତ କରିଥାଏ।


**AFFIDAVIT**

By virtue of an Affidavit before Notary Public, Malkangiri, I, **Debe Kabasi**, aged about 27 years, W/o.: Irma Kabasi, D/o.: Laka Madkami resident of Village: Fulaguda, PO.: Sikhapali, P.S./Dist.: Malkangiri, Odisha, declare by this Affidavit No.: 1601/2025, Dated: 12.09.2025 that I have changed my name from Debe Madkami to **Debe Kabasi**. Henceforth I shall be known as **Debe Kabasi**, for all future purposes.

**VEHICLE FOR SALE**

MARUTI TOUR S, Model - 2023, Registration No-OD-34-R-0993, in as is where is condition. Contact: M/S Sundaram Finance Limited, JAJPUR ROAD BRANCH, Ph: 94371 02409 within 7 days

**AFFIDAVIT**

I, Smt. Urmila Behera, W/o- Sri Tapan Kumar Behera, resident of Vill./Po.- Mirganguda, Ps.- Nabarangpur, Dist.- Nabarangpur vide affidavit no. 997 dtd.12.9.2025 state that my actual and correct name is **URMILA BEHERA**. At the time of my daughter Sudhansubala Behera's admission in PM Kendriya Vidyalaya, Nabarangpur my name has been entered as Urmilla Behera. Hence **Urmila Behera** and **Urmilla Behera** is one and same person. Henceforth I shall be known as **Urmila Behera** for all official purposes.

**AFFIDAVIT**

By virtue of an affidavit sworn before the Executive Magistrate, Jajpur Road no 3474 dated 07/02/2025 I Amulya Kumar Nayak declare that My wife surname is wrongly printed as Swagatika Nayak in my daughter's birth certificate issued by CHC Korei (700) in place of Swagatika Jena. Hence she will be known as **Swagatika Jena alias Nayak** for all purposes.

Sd/- AMULYA KUMAR NAYAK

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, vide No. 776 dt. 10.09.2025 I Sri Puppala Srinivas, S/o- Late Puppala Jagannath Rao resident of Gill Petrol Pump back side, Chamuriaguda, Nabarangpur, Dist.- Nabarangpur, Odisha- 764059 state that I intend to rectify the names in the school admission records and enter our names as **PUPPALA SOHAN KUMAR**, S/O- **PUPPALA SRINIVAS** (Father) and **PUPPALA KALPANA** (Mother) in place of P. SOHAN KUMAR, S/o- P. SRINIVAS (father) and P. KALPANA (mother) in respective columns to avoid future litigations.

Sd/- Puppala Srinivas

**NOTICE**

By virtue of an affidavit sworn before the Notary Public, Cuttack, dated 02.09.2025 I, Basanti Sahoo, W/o – Avimanyu Moharana, D/o. Late Panchanan Sahoo, resident of At–Ramagarh, P.O.- Kotasahi, P.S-Tangi, Dist- Cuttack, Odisha, Pin-754022 have changed my name from Basanti Moharana to Basanti Sahoo. Henceforth, I shall be known as Basanti Sahoo for all purposes.

Basanti Sahoo

**NOTICE**

By virtue of an affidavit sworn before the Notary Public, Cuttack, dated 22.08.2025 I, Swami Anupamanand Saraswati, S/o- Subash Pradhan permanent resident of At-Tholanda, P.O.- Alladi, PS-Jagannath Prasad, Dist-Ganjam, Odisha, Pin- 761120 have changed my name and surname from Bikram Pradhan to Swami Anupamanand Saraswati. Henceforth, I shall be known as **Swami Anupamanand Saraswati** for all purposes.

Swami Anupamanand Saraswati

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated. 08.09.2025, I Bharat Hial, S/o- Madhu Hial, Vill.-Kamata, Po.- Kamata, Ps.-Tentulikhunti, Dist.-Nabarangpur, Odisha, Pin-764049, declare that, I have changed my minor Daughter 's name from **SECOND BABY OF LYDIA HIAL** to **ABIGAIL HIAL**. Henceforth she shall be known as **Abigail Hial** for all purposes.

Sd/- **Bharat Hial**

**AFFIDAVIT**

I, Smt. Padmini Kumari Mishra, W/o- Sri Debendra Mishra, resident of Gadia Street, Nabarangpur, Dist.- Nabarangpur state vide affidavit no. 1000 dtd.13.09.2025 that, my actual and correct name is **Padmini Kumari Mishra** but in my daughter **Eva Mishra**'s admission in PM Kendriya Vidyalaya, Nabarangpur my name has been entered as Padmini Mishra. Hence **Padmini Kumari Mishra** and **Padmini Mishra** is one and same same person. Henceforth, I shall be known as **Padmini Kumari Mishra** for all official purposes.

**VEHICLE FOR SALE**

ITL SONALIKA SOLISYAN DI 42 TRACTOR WITH TRAILER, Model - 2022, Registration No-OD-09-X-3898, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409 within 7 days

**AFFIDAVIT**

By virtue of an affidavit vide no.-.3455, dated 10/09/2025 sworn before Executive Magistrate, Banpur declare that, I, Sangram Keshari Palai, S/o- Basudev Palai, At- Nuagada, Po.- Badakul, Ps.- Balugaon, Dist.- Khordha, Odisha, Pin-752030 declare that, I **Sangram Keshari Palai** and **Sangram Keshri Palai** is one and same person. But I want to keep my name as **Sangram Keshari Palai** as per adhar for all purposes.

Sangram Keshari Palai

**AFFIDAVIT**

By virtue of an affidavit No. 5403 sworn before the Executive Magistrate, Champua on dated-08/09/2025. I **Alekh Kumar Sahoo**, Permanent resident of Vill- Dhaladihi, Po/Ps-Champua, Dist- Keonjhar, Odisha, Pin- 758041 declare that I have changed my minor daughter's name from **Sangita Sahoo** (old name) To **Aradhya Sahoo** (new name). Henceforth she shall be known as **ARADHYA SAHOO,** D/o- Alekh Kumar Sahoo for all future purposes.

**Sd/- Alekh Kumar Sahoo**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated. 03.09.2025, I Chandralal Durga, S/o- Late Sobha Harijan, Vill.-Tota Street, Nabarangpur, Po.-Nabarangpur, Ps.- Nabarangpur, Dist- Nabarangpur, Odisha, Pin - 764059, declare that, I have changed my minor Daughter's name from **RITWISHALAL HARIJAN** to **RITWISHALAL DURGA**. Henceforth she shall be known as **Ritwishalal Durga** for all purposes.

Sd/- **Chandralal Durga**

**AFFIDAVIT**

By virtue of an affidavit sworn before The Executive Magistrate Banpur, Dist.- Khordha vide no-3404, Dated- 6/9/2025, I Gangadhar Nayak, aged about 57yrs., S/O- Kaibalya Nayak, At- Balipadar, Po./Ps.-Banpur, Dist.- Khordha, Pin-752031, Odisha, declare that I have changed my minor Daughter's name from **Debasmita Debabarni Nayak** to **Debasmita Nayak**, which is mentioned in Certificate. Henceforth, he shall be known as **Debasmita Nayak** for all purpose.

Debasmita Nayak

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, Affidavit No.111, on dated, 12.09.2025, I Triloknath Mohapatra, resident of Plot No.1385/9, Sastri Nagar, Unit-4, Ps- Kharvel Nagar, Bhubaneswar, Dist-Khordha, Odisha, PIN-751001, declare that I have changed my name from Trilok Mohapatra to Triloknath Mohapatra. Henceforth, He shall be known as **TRILOKNATH MOHAPATRA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Angul dated 26/08/2025, I **Shraddha Tulsiyan**, Address: Old Daily Market, Laxmi Bazar, Angul, Pin-759122, Odisha, declare that I have changed my name from **Shraddha Kansal** to **Shraddha Tulsiyan.** Henceforth, I shall be known as **SHRADDHA TULSIYAN** (new name) for all purposes.

**Shraddha Tulsiyan**

**AFFIDAVIT**

By virtue of an Affidavit sworn before Executive Magistrate, Basudevpur, dated 24 April 2025.I, Sukanta Kishor Mohanty, age- 40 years, S/o- Gagan Mohanty, Address- Village- Mallikadeipur, P.O./ P.S. - Naikanidihi, Dist.: Bhadrak, Odisha, declare that I have changed my name from Sukanta Kishor Mohanty, to Sudarshan Mohanty, S/o- Gagan Mohanty. Henceforth, I shall be know as Sudarshan Mohanty, S/o- Gagan Mohanty for all purposes.

Sudarshan Mohanty

**AFFIDAVIT**

By virtue of an affidavit No 12/33 dated 11/09/2025 before the Notary Public, Puri, I, Dasarathi Satapathy, S/o- Late Ramachandra Satapathy, At/Po-Bhagabanpur, PS-Brahmagiri, Puri - 752011 declare that now onwards I shall be known as **DASHARATHI SATAPATHY** for all future purpose.

**AFFIDAVIT**

By virtue of an affidavit sworn before the Executive Magistrate,Cuttack , vide No.7920 dated 11.09.2025, I, Sajida Khatun, M/o Arsalan Raja Khan, Resident of At/Po-Rasulpur, PS-Tirtol, Dist-Jagatsinghpur, PIN-754104, Odisha declare that I have changed my Son's name from Aramlan Raja Khan to Arsalan Raja Khan. Henceforth, He will be known as **ARSALAN RAJA KHAN** for all future purposes.

**AFFIDAVIT**

By virtue of affidavit C.F. No. 2461, dtd. 18.08.2025 in the court of the Executive Magistrate, Sambalpur, I, Balkeshi Yadab, aged about 45 years have changed my name and address from Sawariya Devi, W/o- Bindeshwari Ray, resident of At- Shilauri, Po-Marhowrah, Dist.- Saran (Bihar) to Balkeshi Yadab, aged about 45 years, W/o- Bindheswari Yadab, resident of At- Dindayal Nagar (Dhipapada), Po/Ps-Burla, Dist.- Sambalpur (Vide my Aadhaar Card No. 698622954248) for all purposes.

Sd/- Balkeshi Yadab

**DOCUMENT LOST**

I, **Maheswar Panda,** S/o Dinabandhu Panda, resident of GN-4, Ganesh Nagar, Gandamunda, PS- Khandagiri, Bhubaneswar, Dist- Khorda, Odisha do hereby declare that, Original Sale Deed bearing No. 230, 1152, 130 & 1722 & ROR vide Khata No. 453/128, 1133/2436 & Land Passbook No. 07054178/35 has been lost somewhere in Jagamara Bazar while I travelling from Ganesh Nagar To Royal Garden, Aiginia on 08/09/2025. If any person finds the same, may please contact to my address or nearest police station & if anyone will misutilize it I will not be responsible for it.

**Maheswar Panda**

**AFFIDAVIT**

By virtue of an affidavit CF No.-34, dtd.04.09.2025 in the court of the Executive Magistrate, Bhubaneswar, I, Dipa Sethi, W/o- Santosh Kumar Sethi, resident of Plot No. 122, Balanaga, Maa Narayani Mandir, Sainsasan, Po-Dakhinaradasa, Dist.- Puri, Odisha, Pin-752114 have changed my name from Dwipa Sethy to Dipa Sethi. Hencefroth I shall be known as Dipa Sethi for all purposes.

Sd/- Dipa Sethi

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated. 01.09.2025, I REBATI HARIJAN, W/o- Sahul Bagh, Vill- Bhatisalguda, Nabarangpur, Po.-Nabarangpur, P/s.-Nabarangpur, Dist-Nabarangpur, Odisha, Pin - 764059 declare that, I have changed my name from **SAMA HARIJAN** to **REBATI HARIJAN**. Henceforth I shall be known as **REBATI HARIJAN** for all purposes.

Sd/- **REBATI HARIJAN**

**AFFIDAVIT**

By virtue of an affidavit CF No.-47, dtd.25.07.2025 in the court of the Executive Magistrate, Bhubaneswar, I, Raja Das, S/o- Babu Das, resident of Plot No. 1190, Raghunath nagar, Satya Nagar, Dumduma, Po-Dumduma, Ps- Khandagiri, Bhubaneswar, Dist.- Khordha, Odisha, Pin-751019 have changed my name from Sek Raja to Raja Das. Hencefroth I shall be known as Raja Das for all purposes.

Sd/- Raja Das

**AFFIDAVIT**

I, Raja Ramesh, S/o- R. P. Raja resident of Vill.- Balda, Po.- Balda, Ps.- Padwa Dist.- Koraput, Odisha state vide affidavit no.777 dtd.05.9.2025 that, I have changed my son's name from **Raja Yagesh** to **R. Yogesh** and his Date of Birth is **18/03/2009**. Henceforth he will be known as **R. Yogesh** for all future purposes.

**ODISHA HYDRO POWER CORPORATION LTD.,**

OHPC

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in CIN : U40101OR1995SGC003963

CAD-1739

No. HHEP/Tech-WK-104, Vol-IV/6161 Date : 10.09.2025

**NOTICE INVITING TENDER NO HHEP-53/2025**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Contractors having **valid HT License with supervision for EHT works** issued from ELBO, Govt of Odisha, valid IT PAN, GST registration certificate and past experience for carrying out such type of work as mentioned below.

| Sl. No. | Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|---|
| 1 | Annual Maintenance Contract for two years for maintenance of equipments of 132KV Switchyard, 11KV Switch house & LT Systems of HHEP,Burla | Rs. 11800/- (Rs. 10000 + GST @ 18%) | 57565/- |

- Sale of tender paper: **16.09.2025 (10.00AM) to 03.10.2025 upto 05.30PM**
- Receipt of tender paper: **04.10.2025 upto 03.30PM**
- Date & time of opening of tender: **04.10.2025 at 04.00PM**
- For details of tender documents / terms & conditions / corrigendum / errata / addendum if any please visit our website www.ohpcltd.com.

Sd/-
C&P Head. HHEP. Burla

OIPR-04007/11/0072/2526

# ପିପି କଲେଜ ଜାତୀୟ ସେବା ଶିବିର ଉଦ୍‌ଯାପିତ



ନିଶ୍ଚିନ୍ତକୋଇଲି, ୧୩।୯ (ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୧୦ଦିନ ଧରି ଚାଲିଥିବା ବର୍ଷାକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଛି। ଅଧିକାରୀ-ଅଧ୍ୟାପକ ଶିଶିର କୁମାର ସାହୁଙ୍କ ସଂଯୋଜନାରେ ଏହି ଶିବିରରେ ୫୦ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ପରିବେଶ ସୁରକ୍ଷା ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ। କଲେଜ ପରିସର ସମେତ ବିଭିନ୍ନ ସ୍ଥାନରେ ଚାରାରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷା ଡ. ତରୁଲତା ଦେବୀଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ଶାରଦା ପ୍ରସନ୍ନ ରଥ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଫକୀର ଚରଣ ନାୟକ, ସମ୍ମାନିତ ଅତିଥିଭାବେ ଅର୍ଥନୀତି ବିଭାଗର ମୁଖ୍ୟ ଡ. ପଦ୍ମଲୋଚନ ରାଉତ, ସମାଜବିଜ୍ଞାନର ମୁଖ୍ୟ ଅମରେଶ ସ୍ୱାଇଁ, ଶାରିରୀକ ଶିକ୍ଷା ଶିକ୍ଷକ ଯୁଗାନ୍ତର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ରକ୍ତହୀନତା ପରିଚାଳନା ପ୍ରଶିକ୍ଷଣ ଶିବିର

ନିଆଳି,୧୩।୯ (ସମିସ): ଓଡିଶା ସରକାରଙ୍କ ଗ୍ରାମ ବିକାଶ ଓ ପଞ୍ଚାୟତରାଜ ବିଭାଗ ତଥା କଟକ ଜିଲ୍ଲାପରିଷଦ ମିଳିତ ଆନୁକୂଲ୍ୟରେ ନିଆଳି ପଞ୍ଚାୟତ ସମିତି ସଭାଗୃହରେ ଏକଦିବସୀୟ ରକ୍ତହୀନତା ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତସମିତି ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଏବିଡିଓ ପଲ୍ଲବୀ ରାଉତଙ୍କ ସଂଯୋଜନାରେ ଗ୍ରାମବିକାଶ ପକ୍ଷରୁ ପ୍ରମୋଦ ଦାସ ଓ ନିର୍ମଳା ବେହେରା ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ବ୍ଲକ୍‌ସ୍ତରୀୟ ସଂଯୋଜିକା ସୁଲଗ୍ନା ମହାରଣା, ସିପି ରଶ୍ମିରଞ୍ଜନ ମିଶ୍ର ସହଯୋଗ କରିଥିବା ବେଳେ ଜିପିଡିଓ ସରିତା ବେହୁରା ପ୍ରଶିକ୍ଷଣ ପରିଚାଳନା କରିଥିଲେ। ବିଭିନ୍ନ ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ, ପିଇଓ, ଏଏନ୍‌ଏମ୍, ଆଶା, ଅଙ୍ଗନବାଡି ଓ ମହିଳା ସଂଘର ସଭାନେତ୍ରୀ ଓ ସଂପାଦିକା ଯୋଗଦେଇଥିଲେ।

# ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚ ଆବାହକ କମିଟିର ବୈଠକ



ଟାଙ୍ଗୀ,୧୩।୯ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ମହିମା ଆଶ୍ରମରେ ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚର ଆବାହକ କମିଟିର ଦ୍ୱିତୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ପ୍ରମୋଦ କୁମାର ଜଟଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ ଓ ହରମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ଫସଲ ନଷ୍ଟ କରୁଥିବା ହାତୀ, ମଇଁଷି ଓ ବାରାହା ଆଦି ବନ୍ୟଜନ୍ତୁଙ୍କୁ ରୋକିବା ନିମନ୍ତେ ଆଲୋଚନା ହେବା ସହ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବୈଠକରେ ରକ୍ଷ୍ୟାନନ୍ଦ ସ୍ୱାଇଁ, ସୁବାସଚନ୍ଦ୍ର ବେହେରା, ମନୋଜ ଖିଲାର ଓ ମଧୁସୂଦନ ସାହୁଙ୍କ ସମେତ ଛଅଟି ପଞ୍ଚାୟତର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଗଞ୍ଜେଇ ଜବତ; ଜଣେ ଗିରଫ

ଭଦ୍ରେଶ୍ୱର,୧୩।୯ (ସମିସ): ଭଦ୍ରେଶ୍ୱର ଥାନା ପୁଲିସ ଉମର ଗ୍ରାମରେ ଚଢଉ କରି ଜଣେ ଚୋରା ଗଞ୍ଜେଇ ବ୍ୟବସାୟୀକୁ ଗିରଫ କରିଥିଲା ବେଳେ ତା ନିକଟରୁ ଦେଢ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ହେଉଛି ଉମାକାନ୍ତ ବେହେରା। ସେ ଦୀର୍ଘ ଦିନ ହେଲା ଅବାଧ ଗଞ୍ଜେଇ ବେପାର କରି ଆସୁଥିଲା ବେଳେ ଅଭିଯୋଗକ୍ରମେ ଭଦ୍ରେଶ୍ୱର ଥାନା ଆଇଆଇସି ସନ୍ଧ୍ୟାରାଣୀ ସିଂଙ୍କ ନେତୃତ୍ୱରେ ଘର ଉପରେ ଅଚାନକ ଚଢଉ କରାଯାଇ ଗଞ୍ଜେଇ ଜବତ କରାଯାଇଥିଲା ବେଳେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# କୃତୀ ଶିକ୍ଷକଙ୍କୁ ମହେଶ୍ୱର ପ୍ରତିଭା ସମ୍ମାନ



ନିଶ୍ଚିନ୍ତକୋଇଲି,୧୩।୯ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଦୁଇ ଜଣ ଶିକ୍ଷୟିତ୍ରୀଙ୍କୁ ମହେଶ୍ୱର ପ୍ରତିଭା ସମ୍ମାନ ୨୦୨୫ ପ୍ରଦାନ କରାଯାଇଛି। ଓସ୍ତପୁରର ମହେଶ୍ୱର ପ୍ରତିଭା ପରିଷଦର ସଭାପତି ରବୀନ୍ଦ୍ରନାଥ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ରୋମାଲିନ୍ ନାୟକ, ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ତନୁଶ୍ରୀ ନାୟକ ଏବଂ ବ୍ଲକସ୍ତରରେ ଗୁରୁ ଗୌରବ ସମ୍ମାନ ପାଇଥିବା ପ୍ରଧାନଶିକ୍ଷକ ନିମାଇଁ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁଙ୍କ ପୌରହିତ୍ୟରେ ଏଥିରେ ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ସ୍ୱାଇଁ, ସୁବାସଚନ୍ଦ୍ର ଓଝା, ଉତ୍ତମ ଚରଣ ମଲିକ, ଶରତଚନ୍ଦ୍ର ନାୟକ, ଶିକ୍ଷାବିତ ଦେବପ୍ରସାଦ କର ପ୍ରମୁଖ ତିନି ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସହକାରୀ ଚିତ୍ତରଞ୍ଜନ ପ୍ରଧାନ, ଶିକ୍ଷକ ମନୋଜ ଓଝା, ଚିତ୍ତରଞ୍ଜନ ଦଳାଇ, କଳ୍ପନା ମହାନ୍ତି, ରଶ୍ମିରେଖା ଦାସ, ଶୁଭସ୍ମିତା ନାୟକ, ସୋନୁରାଣୀ ସାହୁ, ନିରଞ୍ଜନ ପୃଷ୍ଟି, ଗୋପୀନାଥ ରାଉତ ଯୋଗ ଦେଇଥିଲେ।

## ଗ୍ରାମ୍ୟ ଉନ୍ନୟନ ବିଭାଗର ପାରିବାପଣିଆ ପଦାରେ ପଡ଼ିଲା

# ଭଙ୍ଗା ରାସ୍ତାର ମରାମତି ହେଉନି; ତେଜୁଛି ଅସନ୍ତୋଷ

ଭଦ୍ରେଶ୍ୱର,୧୩।୯ (ସମିସ):



ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକୃତ ପାରିବାପଣିଆ ପୁଣି ଥରେ ପଦାରେ ପଡିଛି। ଦୀର୍ଘ ଦିନ ହେଲା ଏହି ଗ୍ରାମ୍ୟ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ପଡିରହିଛି। ଏହି ରାସ୍ତାକୁ ମରାମତି କରାଯିବା ଦିଗରେ ପ୍ରଶାସନିକ ସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ପାଉ ନ ଥିବା କାରଣରୁ ସାଧାରଣରେ ପୁଞ୍ଜିଭୂତ ଅସନ୍ତୋଷ ଗଣଆନ୍ଦୋଳନ ରୂପ ନେବାକୁ ବସିଛି। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଲୋକେ ଗମନାଗମନ ନିମନ୍ତେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ରାହାଣିଆ-ଚମ୍ପତିପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ରକ୍ଷଣାବେକ୍ଷଣା ଦାୟିତ୍ୱ ବ୍ଲକ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବା ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପୀଠ ଲଳିତଗିରିକୁ ଏହି ରାସ୍ତା ଦେଇ ଦୈନନ୍ଦିନ ରାଜ୍ୟ ଓ ରାଜ୍ୟ ବାହାରର ଶହ ଶହ ପର୍ଯ୍ୟଟକ ଗମନାଗମନ ନିମନ୍ତେ ନିର୍ଭର କରିଥାନ୍ତି। ସେହିପରି ଏହି ରାସ୍ତାଟି ଯାଜପୁର ଜିଲ୍ଲାକୁ ମଧ୍ୟ ସଂଯୋଗ କରିଥାଏ। ଏହି ରାସ୍ତା ଉପରେ ଗମନାଗମନ ନିମନ୍ତେ ସ୍ଥାନୀୟ ୧୫-୨୦ଟି ଗ୍ରାମପଞ୍ଚାୟତର ଶହ ଶହ ଲୋକ ସ୍କୁଲ କଲେଜ ଛାତ୍ରଛାତ୍ରୀ ନିର୍ଭର କରିଥାନ୍ତି। ପାଇକରାପୁରଠାରେ ଏହି ରାସ୍ତାଟି ପ୍ରାୟ ୬୦ଫୁଟ ଅଂଶ ଗୋବରୀ ନଦୀକୁ ଧସେଇ ପଶିଯାଇଛି। ଦୀର୍ଘ ଦିନ ହେଲା ରାସ୍ତାଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଗମନାଗମନ ନିମନ୍ତେ ସ୍ଥାନୀୟ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ଆନ୍ତରିକତା ପ୍ରକାଶ ପାଉ ନ ଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ରାସ୍ତାର ଶୋଚନୀୟ ଅବସ୍ଥା ହେତୁ ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଗ୍ରାମଗୁଡିକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇଆସି ପାରୁ ନାହିଁ। ଫଳରେ ବହୁ ସମୟରେ ଗର୍ଭବତୀ, ପ୍ରସୂତି ମହିଳା, କୋମଳମତି ଶିଶୁ ଓ ରୋଗାକ୍ରାନ୍ତ ଲୋକେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇ ନ ପାରି ଅକାଳରେ ମୃତ୍ୟୁମୁଖରେ ପଡୁଥିବାର ଅଭିଯୋଗ ହୋଇଛି।

ସୂଚନା ଥାଉକି ମାହାଙ୍ଗା ବ୍ଲକର ବହୁ ସ୍ଥାନରେ ଆବଶ୍ୟକତା ନଥାଇ ରାସ୍ତା ନିର୍ମାଣ କରାଯାଉଥିବାର ନଜିର ଥିଲା ବେଳେ ଏହି ରାସ୍ତା ନିର୍ମାଣ କରା ନ ଯିବା କାହା ସ୍ୱାର୍ଥରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କାରଣରୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତା ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

# ବ୍ଲକ୍ ପରିସରରେ ମହିଳାଙ୍କୁ ଦୁର୍ବ୍ୟବହାର

ଭଦ୍ରେଶ୍ୱର,୧୩।୯ (ସମିସ): ମାହାଙ୍ଗା ବ୍ଲକ କୁଆଁପାଳରେ ସ୍ୱଷ୍ଟ ଦିବାଲୋକରେ କେତେକ ରାଜନୈତିକ ବ୍ୟକ୍ତି ବିଶେଷ ମହିଳାଙ୍କୁ ଅଶାଳୀନ ଆଚରଣ ପ୍ରଦର୍ଶନ କରିଥିବା ଘଟଣାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି ନେଇ ମହିଳାମାନେ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତକାଲି ୩୭ଟି ଗ୍ରାମପଞ୍ଚାୟତର ଏସଏଚଜି ମହିଳାମାନେ ବିଭିନ୍ନ ଦାବି ନେଇ ମାହାଙ୍ଗା ବିଡିଓଙ୍କୁ ଦାବିପତ୍ର ଦେବାକୁ ଯାଉଥିଲେ। ଏହି ସମୟରେ ମାହାଙ୍ଗା ବ୍ଲକ କୁଆଁପାଳ ପରିସରରେ ସ୍ଥାନୀୟ ଜଣେ ଲୋକପ୍ରତିନିଧିଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ଅଖିଳ ପ୍ରଧାନ ଓ ତାଙ୍କର ଦୁଇଜଣ ସହଯୋଗୀ ମହିଳାଙ୍କୁ ଗାଳିଗୁଲଜ କରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିବାର ଅଭିଯୋଗ ହୋଇଛି। ଏହି ଘଟଣାର ପ୍ରତିବାଦ ମହିଳାମାନେ କରିଥିଲେ। ଏଥିରେ ପ୍ରତିହିଂସା ପରାୟଣ ହୋଇ ସମ୍ପୃକ୍ତ ବ୍ୟକ୍ତିମାନେ ମହିଳାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବାର ଅଭିଯୋଗ ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ମହିଳାଙ୍କୁ ଏପରି ଦୁର୍ବ୍ୟବହାର କରାଯିବା ଅତ୍ୟନ୍ତ ନିନ୍ଦନୀୟ ଅଟେ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ନିମନ୍ତେ ମହିଳାମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଇତିଶ୍ରୀ ମହାନ୍ତି ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣା ଉପରେ ମାହାଙ୍ଗା ଥାନା ପୁଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାର ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗାମୀ ଦିନରେ ମହିଳାମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଆଇନ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ହେଲେ ପିପି କଲେଜ ଅଧ୍ୟକ୍ଷା

ନିଶ୍ଚିନ୍ତକୋଇଲି,୧୩।୯ (ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରାଧ୍ୟାପିକା ଡ଼ଃ ତରୁଲତା ଦେବୀ କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ଆଇନ ୨୦୨୪ ଅନୁଯାୟୀ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଡ. ଶ୍ରୀମତୀ ଦେବୀଙ୍କୁ ଏହି ପଦବୀ ପାଇଁ ଚୟନ କରିଥିଲେ। ତାଙ୍କର ଏହି ଅନନ୍ୟ ସ୍ୱୀକୃତି ପାଇଁ ମହାବିଦ୍ୟାଳୟ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଛି। ଅଧ୍ୟାପକ ଡ଼ଃ ପଦ୍ମଲୋଚନ ରାଉତଙ୍କ ସଂଯୋଜନାରେ ଏଥିରେ ପ୍ରାଧ୍ୟାପକ ରଶ୍ମିରଞ୍ଜନ ପଟ୍ଟନାୟକ, ଡ. ଦେବଯାନୀ ସିହ୍ନା, ଡ. ଅଲେଖ ଚନ୍ଦ୍ର ସାମଲ, ଡ. ପ୍ରସନ୍ନ ଦାସ, ଅଧ୍ୟାପକ ନୀଳକଣ୍ଠ ସାହୁ, ଅମରେଶ ସ୍ୱାଇଁ, ଶିଶିର ସାହୁ, ଅଧ୍ୟାପକ ମାମାଲି ପ୍ରିୟଦର୍ଶିନୀ, ପ୍ରୀତିଶ୍ରୀ ଦାସ, ସୁମନରାଣୀ ବେହେରା, ପୁଷ୍ପଲତା ବେହେରା, ସୁମିତ୍ରା ମୁଦୁଲୀ, ମଧୁସ୍ମିତା ପାଲ, ଦେବସ୍ମିତା କରଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

# ଗାଡି ଧକ୍କାରେ ୧୦ ଗୋରୁ ମୃତ, ୫ ଆହତ

ଚୌଦ୍ୱାର,୧୩।୯ (ସମିସ): ଚୌଦ୍ୱାର କଜଳଖଣା ଗଡା ନିକଟରେ ଏକ ରାସ୍ତା ଦୁର୍ଘଟଣାରେ ୧୦ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଟି ଗୋରୁ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଶୁକ୍ରବାର ବିଳମ୍ବିତ ରାତିରେ ରାସ୍ତାକଡରେ ବିଶ୍ରାମ ନେଉଥିବା ବେଳେ କେଉଁ ଅଜଣା ଗାଡି ଗୋରୁଙ୍କ ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ୧୦ଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଆଉ କିଛି ଆହତ ହୋଇ ଛଟପଟ ହେଉଥିଲା ବେଳେ ରାସ୍ତା ରକ୍ତରଞ୍ଜିତ ହୋଇପଡିଥିଲା। ଖବରପାଇ ଚୌଦ୍ୱାର ପୁଲିସର ।ସ୍ତାରୁ ମୃତ ଗୋରୁଙ୍କୁ ହଠାଇବା ସହିତ ସ୍ଥାନୀୟ ଢିଅସାହିସ୍ଥିତ ମହାଦେବ ଗୋଶାଳାର କର୍ମକର୍ତ୍ତା ଆହତ ଗୋରୁଙ୍କ ଚିକିତ୍ସା ଲାଗି ଗୋରୁଗୁଡିକୁ ଗୋଶାଳାକୁ ନେଇଯାଇଥିଲେ। ଗୃହପାଳିତ ଗୋ-ମାତାଙ୍କୁ ରାସ୍ତା ଉପରକୁ ନ ଛାଡିବା ପାଇଁ ମହାଦେବ ଗୋଶାଳାର କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି।

# ବିଦ୍ୟାଳୟରେ ମଧୁ ବର୍ଣ୍ଣବୋଧ ବଣ୍ଟନ



ଚୌଦ୍ୱାର,୧୩।୯ (ସମିସ): ମଙ୍ଗରାଜପୁର ପଞ୍ଚାୟତ ବେରେଣରାସ୍ଥିତ ସେବାଶ୍ରମ ବିଦ୍ୟାଳୟରେ ପିଲାଙ୍କୁ ମଧୁବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି, ସଚେତନତା ବୃଦ୍ଧି ଓ ଶିକ୍ଷଣସ୍ତର ବୃଦ୍ଧି କରିବା ଲକ୍ଷ୍ୟରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କଠାରୁ ବର୍ଣ୍ଣବୋଧ ପୁସ୍ତକ ଯୋଗାଡ଼ କରି ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନଙ୍କୁ ବଣ୍ଟନ କରିଥିଲେ। କଟକ ଦିସୁମ୍ ହୋ ସମାଜର ଉପଦେଷ୍ଟା ତଥା ପଣ୍ଡୁଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସାଣ୍ଡିଲ ୫୦ଟି ବର୍ଣ୍ଣବୋଧ ବହି ଦାନ କରିଥିଲେ।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ମାହାଙ୍ଗା,୧୩।୯ (ସମିସ): କୋଠପଦା ରଘୁନାଥ ସରକାରୀ ବିଦ୍ୟାପୀଠରେ ଚାରାରୋପଣ କାର୍ଯ୍ୟକ୍ରମ "ଏକ ପେଡ ମାଆ କେ ନାମ' ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂଘର ପ୍ରାକ୍ତନ ସଭାପତି ଅଖିଳେଶ ମହାନ୍ତିଙ୍କ ନେତୃତ୍ୱରେ ପ୍ରଧାନଶିକ୍ଷକ ପ୍ରତାପ ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ରାମଚନ୍ଦ୍ର ମହାପାତ୍ର, ନିରଞ୍ଜନ ମୁଦୁଲି, ହେମନ୍ତ ପ୍ରଧାନ, ବିଷ୍ଣୁପ୍ରିୟା ସେଠୀ, ବିଦୁଲତା ସିଂ, ମାଗୁଣି ଚରଣ ସାମଲ, ପଣ୍ଡିତ ବ୍ରଜବନ୍ଧୁ ପଲେଇ, ଅଜୟ ସ୍ୱାଇଁ, ରବୀନ୍ଦ୍ର ପୃଷ୍ଟି, ଗଣେଶ ବିହାରୀ, ଜଗନ୍ନାଥ ପଣ୍ଡା, ସନାତନ ବିହାରୀ, ଶିକ୍ଷୟିତ୍ରୀ ରଞ୍ଜୁଲତା ରାଉତ, ବାସବ ବେହେରା, ଅଜୟ ନନ୍ଦ, ନକୁଳ ଘଡେଇ ଉପସ୍ଥିତ ଥିଲେ।

**ନିଶ୍ଚିନ୍ତକୋଇଲି:** ନତକାଇ ବଲ୍ଲଭୀଦେବୀ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବର୍ଷାକାଳୀନ ସ୍ୱତନ୍ତ୍ର ଶିବିର ଅବସରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ୍ରମେ ।'ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ କରାଯାଇଛି। କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଡଃ. ଜୟନ୍ତୀ ସାହୁଙ୍କ ସଂଯୋଜନାରେ ଏଥିରେ ସମ୍ମାନିତ ଅତିଥିଭାବେ ଯୁବ ରେଡ଼କ୍ରସର କାଉନସିଲର ଅଧ୍ୟାପିକା ଶୁଭଶ୍ରୀ ନାୟକ, ପ୍ରଭାବତୀ ରାଉତ, ଅଧ୍ୟାପକ ଉପେନ୍ଦ୍ର ସାହୁ, ସୂର୍ଯ୍ୟମଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।



## ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ

# ଦୁର୍ଗାପୂଜା ଓ ଭସାଣ ଉତ୍ସବ ଶୃଙ୍ଖଳିତ କରିବାକୁ ଗୁରୁତ୍ୱ

ଫୁଲନଖରା,୧୩।୯ (ସମିସ):




କଟକ ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ପ୍ରତାପନଗରୀସ୍ଥିତ ମା' ଧାକୁଲେଇ ପୀଠରେ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେଉଥିବା ଦୁର୍ଗାପୂଜା ଓ ଭସାଣ ଉତ୍ସବକୁ ପ୍ରଶାସନିକ ବ୍ୟବସ୍ଥା ଭିତରେ ଶାନ୍ତିଶୃଙ୍ଖଳା ସହିତ ସମାପନ ନିମନ୍ତେ ପୂର୍ବତନ ବିଧାୟକ ତଥା କଟକ ମହାନଗର ପୂଜା କମିଟି ସଂପାଦକ ପ୍ରଭାତ କୁମାର ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କମିଟିର କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି ଅତିଥିଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ନିମାଇଁ ଚରଣ ଲେଙ୍କା ଓ ସଂପାଦକ ସୁରେନ୍ଦ୍ର ମହାପାତ୍ର ସଦର ଥାନାଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସହରାଞ୍ଚଳ ଭଳି କଟକ ମହାନଗର ନିଗମ ଅନ୍ତର୍ଗତ ୪ଟି ୱାର୍ଡ ଓ ୧୧ଟି ପଞ୍ଚାୟତରେ ଭସାଣି ଶୋଭାଯାତ୍ରାକୁ ରାତି ୧୦ଟା ପରିବର୍ତ୍ତେ ରାତି ୧୨ଟା ପର୍ଯ୍ୟନ୍ତ କରାଯାଉ ବୋଲି ନିବେଦନ କରିଥିଲେ। ପୂଜା ମଣ୍ଡପଗୁଡିକୁ ରିଆତି ମୂଲ୍ୟରେ ବିଦ୍ୟୁତ୍ ଯୋଗାଣ, ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣ, ସାହି ରାସ୍ତାଗୁଡିକ ମରାମତି ଓ ଆଲୋକୀକରଣ କରିବା ପାଇଁ ମଧ୍ୟ ଅତିଥିଙ୍କର ଦୃଷ୍ଟି ଆକର୍ଷଣ କରିଥଲେ। ବୈଠକରେ ଦଳମତ ନିର୍ବିଶେଷରେ କଟକ ମେୟର ସୁବାସ ସିଂ, ନିଆଳୀ ବିଧାୟକ ଛବି ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ବିଜେପି ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମଲ୍ଲିକ, ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ସଂପାଦକ ଭିକାରୀ ଦାସ, କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ସଂପାଦକ ପ୍ରଫୁଲ୍ଲ କୁମାର ସାହୁ, ୪୮ ସଂକୀର୍ତ୍ତନ ମଣ୍ଡଳ ମହନ୍ତ ବନମାଳୀ ଦାସ, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ମୁରବୀ ପୀତବାସ ମହାପାତ୍ର, କର୍ପୋରେଟର ମମତା ମହାନ୍ତି, ଜନାର୍ଦ୍ଦନ ପରିଡା, ପୂର୍ଣ୍ଣିମା ସ୍ୱାଇଁ, ଲିପ୍‌ସା ନାୟକ, ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା, ଗୋପାଳପୁର ମଣ୍ଡଳ ବିଜେପି ସଭାପତି ନିହାର ରଞ୍ଜନ ପଣ୍ଡା, ଶାନ୍ତି କମିଟିର ଉପଦେଷ୍ଟା ଡ. ଶରତ କୁମାର ରଥ ଓ ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ ଓ କଟକ ସଦର ଥାନା ଅତିରିକ୍ତ ଆଇଆଇସି ରାମହରି ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଦର ଅଞ୍ଚଳରେ ଥିବା ସମସ୍ୟା ଗୁଡିକୁ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଦର ଥାନା ଅଞ୍ଚଳର ୧୧ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହିବା ସଙ୍ଗେ ସଙ୍ଗେ ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀ ପୂଜା କମିଟିର ସଭାପତି ଓ ସଂପାଦକମାନେ ଉପସ୍ଥିତ ରହି ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଗୁଡିକୁ ଉପସ୍ଥାପନ କରିଥିଲେ। ନଳିନୀ ସେନାପତି ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରମୋଦ କୁମାର ସ୍ୱାଇଁ, ବାଦଲ ଜେନା, ଦିଲ୍ଲୀପ ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଦିଲ୍ଲୀପ ମହାରଣା ପ୍ରମୁଖ ଆଞ୍ଚଳିକ ଶାନ୍ତି କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ସୁଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର କର୍ମକର୍ତ୍ତା ଚୟନ

ବଡମ୍ବା, ୧୩।୯ (ସମିସ): ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର କଟକ ଜିଲ୍ଲାର ବଡମ୍ବା ବ୍ଲକର ଏକ ବୈଠକ ବଡମ୍ବା ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମନ୍ୱୟ ପରିଷଦର କଟକ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଟିକନ ବେହେରାଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ବଡମ୍ବା ବ୍ଲକର ଶିକ୍ଷକ ନେତା ରମେଶ ଚନ୍ଦ୍ର ବେହେରା ସ୍ୱାଗତ ଅଭିଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସହ ସମ୍ପାଦକ କୃଷ୍ଣଚନ୍ଦ୍ର ସାଣ୍ଡିଲ ସଂଗଠନର ଆଧାର ଓ ଗଠନର ଆଧାର ଉପରେ ଆଲୋକପାତ କରିଥିଲେ। ସମନ୍ୱୟ ସମିତି ଆଠଗଡ଼ ବ୍ଲକ ସଭାପତି ଚାରୁଚନ୍ଦ୍ର ବେହେରା ଓ ସଂଗଠନ ସମ୍ପାଦକ ସ୍ୱପ୍ନାକର ନାଏକଙ୍କ ପ୍ରସ୍ତାବକ୍ରମେ ସର୍ବସମ୍ମତି ଭାବେ ମୁଖ୍ୟ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷକ ରଘୁନାଥ ସେଠୀ ଓ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷକ ବିଜୟ ମଲ୍ଲିକଙ୍କୁ ଚୟନ କରାଯାଇଥିଲା। ଅଧିକାଂଶ କର୍ମଚାରୀଙ୍କ ଆଗ୍ରହକ୍ରମେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ଭାବେ ଶିକ୍ଷକ ସୁଧାଂଶୁ ଭୂଷଣ ରାଉତ, ସମ୍ପାଦକ ଭାବେ ଗୌତମ ନାଏକ, କୃଷି ବିଭାଗ ସହ ସମ୍ପାଦକ ଭାବେ ସରୋଜ ସେଠୀ, ସଂଗଠନ ସମ୍ପାଦକ ଭାବେ ରାଜେଶ ମଲିକ, ଗଣଶିକ୍ଷା ବିଭାଗ କର୍ମଚାରୀ ସମ୍ପାଦକ ଭାବେ ସୁକାନ୍ତ ସେଠୀ, ସାଂସ୍କୃତିକ ସମ୍ପାଦକ ଭାବେ ସୁଧାଂଶୁ ଭୂଷଣ ସିଂହଗଣ, ଶିକ୍ଷା ବିଭାଗ ଅର୍ଥ ସମ୍ପାଦକ ଭାବେ ନିରଞ୍ଜନ ନାଏକ, ସାଂସ୍କୃତିକ ବିଭାଗ ସମ୍ପାଦକ ଭାବେ ଜିତେନ୍ଦ୍ର ଦେହୁରୀ, ଗୃହ ବିଭାଗ ଏବଂ ଅଡିଟର ଭାବେ ରାଜକିଶୋର ବେହେରା, ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ସୁଦର୍ଶନ ଖଟୁଆ, ଫକୀର ସେଠୀ, ବନପ୍ରିୟା ନାଏକ, ଉତ୍ସବ ନାଏକ, କୁଳମଣୀ ଦେହୁରୀ, ବିଦ୍ୟାଧର ଦେହୁରୀ, ଲକ୍ଷ୍ମୀକାନ୍ତ ପ୍ରଧାନ, ଚନ୍ଦ୍ରମଣି ଦଳେଇ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଶିକ୍ଷକ ସୁଧାଂଶୁ ଭୂଷଣ ସିଂହ ଧନ୍ୟବାଦ ଦେଇଥିଲେ।



## ଦଶହରା ପାଇଁ ଆଠଗଡ଼ ପ୍ରଶାସନର ପ୍ରସ୍ତୁତି ବୈଠକ

# ଶବ୍ଦ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ

ଆଠଗଡ଼, ୧୩।୯ (ସମିସ)



ଚଳିତ ବର୍ଷ ଆଠଗଡ଼ ସହରରେ ଦଶହରା ଯାତ୍ରାକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ଆଠଗଡ଼ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ପ୍ରେକ୍ଷାଗୃହ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଆଠଗଡ଼ ସହରର ପ୍ରମୁଖ ବଜାର ଦୁର୍ଗା ବଜାର, ଜଗନ୍ନାଥ ବଜାର, ରଘୁନାଥ ବଜାର, ଲକ୍ଷ୍ମୀ ବଜାର ଚାନ୍ଦବାଲି ଛକ ବଜାର, କଣ୍ଟ୍ରୋଲ ବଜାର ପୂଜା କମିଟିର କାର୍ଯ୍ୟକର୍ତ୍ତା ସମେତ ବିଭିନ୍ନ ସାହି ପୂଜା କମିଟିର କାର୍ଯ୍ୟକର୍ତ୍ତା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଆଠଗଡ଼ ଆରକ୍ଷୀ ଉପାଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ଅବକାରୀ ଉପାଧ୍ୟକ୍ଷ ସିଏଚ୍ ତିରୁପତି, ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ଡା. ମାନସ ରଞ୍ଜନ ପାଣି, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଥାନାଧିକାରୀ ସୁମତି କୁମାରୀ ମହାନ୍ତି ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଉକ୍ତ ବୈଠକରେ ସର୍ବ ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା ସମ୍ପର୍କରେ ଆଲୋଚନା କରାଯାଇ ଯାତ୍ରା ସମୟରେ ବିଭିନ୍ନ ପୂଜା କମିଟି ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରାତି ୧୦ ମଧ୍ୟରେ ଶେଷ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଭସାଣି ସମୟରେ ବ୍ୟବହୃତ ଡିଜେ, ସାଉଣ୍ଡକୁ ନିୟନ୍ତ୍ରଣ କରିବା ସହିତ ସଙ୍ଗୀତ ପରିବେଷଣ ସମୟରେ ଏହାର ବ୍ୟବହାର ଉପରେ ପ୍ରଶାସନ ତରଫରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଭସାଣୀ ପାଇଁ ସାପୁଆ ନଦୀ ଠାରେ ୨ଟି କୃତ୍ରିମ ପୋଖରୀ ଖୋଳାଯାଇ ବିସର୍ଜନ କରାଯିବ। ଏହା ସହିତ ଯାତ୍ରା ସମୟରେ ସହରରେ ନିରବଚ୍ଛିନ୍ନ ବିଦ୍ୟୁତ ଓ ପାନୀୟ ଜଳ ସେବା, ରାସ୍ତା ଘାଟ ମରାମତି, ସ୍ୱାସ୍ଥ୍ୟସେବା, ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଅଧିକ ସୁରକ୍ଷା ବଳ ନିୟୋଜିତ ନେଇ ଆଲୋଚନା କରାଯାଇଥିଲା। ଅକ୍ଟୋବର ମାସ ୧୦ ତାରିଖ ସୁଦ୍ଧା ସହରରେ ସମସ୍ତ ମୂର୍ତ୍ତିକୁ ବିସର୍ଜନ କରାଯିବ। ଏହାପରେ ଏହି ଶୋଭାଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯିବ ନାହିଁ। ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଚୋରା ଗଞ୍ଜେଇ ଜବତ; ଜଣେ ଗିରଫ

ସାଲେପୁର, ୧୩।୯ (ସମିସ): ଚୋରା ଗଞ୍ଜେଇ ବେପାର କରୁଥିବା ଅଭିଯୋଗରେ ସାଲେପୁର ପୁଲିସ ଜଣକୁ ଗିରଫ କରିବା ସହ ତା'ନିକଟରୁ ୧ କେଜି ୪ ଶହ ଗ୍ରାମରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିବା ଜଣାଯାଇଛି। ବାହାରପଡ଼ା ଗ୍ରାମର ମାଗୁଣି ସାହୁ ଜଳହରି ଗ୍ରାମ ଦେଇ ଏକ ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ବ୍ୟାରେଜ ଛକ ଆଡକୁ ଆସୁଥିବାବେଳେ ସାଲେପୁର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମାଗୁଣିକୁ ଧରିବା ସହ ତା'ନିକଟରୁ ୧ କେଜି ୪ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ସମ୍ପର୍କରେ ୪୪୦/୨୫ରେ ଏକ ମାମଲା ରୁଜୁ କରି ମାଗୁଣିକୁ କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ଦୁର୍ଘଟଣାରେ ବାପା ଆଗରେ ଝିଅର ମୃତ୍ୟୁ

ଆଠଗଡ଼, ୧୩।୯ (ସମିସ): ଶନିବାର ଅପରାହ୍ନରେ ପୁଣି ଗୋଟିଏ ମୁଣ୍ଡ ନେଇଛି ସଡ଼କ। ଦୁର୍ଘଟଣାରେ ବାପା ଆଗରେ ଝିଅର ମୃତ୍ୟୁ ଭଳି ଏକ ଅଭାବନୀୟ ଘଟଣା ଘଟିଛି ଆଠଗଡ଼ ଥାନା ଅନ୍ତର୍ଗତ ନଡୁଆପଡ଼ା ନିକଟସ୍ଥ ସାପୁଆ ବ୍ରିଜ ନିକଟରେ। ଅପରାହ୍ନରେ କାଳିମା ସାହୁଙ୍କ ପତ୍ନୀ ରଶ୍ମିତା ଓରଫ୍ ଲିପି ସାହୁ (୩୨) ତାଙ୍କର ବାପା ରବୀନ୍ଦ୍ରନାଥ ସାହୁଙ୍କ ସହିତ ଏକ ସ୍କୁଟିରେ ବାପଘର ଅରଖ ପାଟଣାରୁ ଫେରୁଥିବା ବେଳେ ନଡିଆପଡ଼ା ବ୍ରିଜ ନିକଟରେ ଥିବା ହମ୍ପସ ନିକଟରେ ଖସି ପଡ଼ିଥିଲେ। ଏହି ସମୟରେ ସାମ୍ନା ପଟୁ ଆସୁଥିବା ଏକ ହାଇୱା ନଂ ଓଡି -୦୫-ବିଏନ -୪୦୮୧ ତାଙ୍କ ଉପରେ ଚଢିଯାଇଥିଲା। ଫଳରେ ତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ଆଠଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ କରାଇବା ସହିତ ଟ୍ରକ ଡ୍ରାଇଭର ସମୀର କୁମାର ସିଂହକୁ ଅଟକ ରଖିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ୧୦ ଫୁଟ୍ ଲମ୍ବର ଅଜଗର ଉଦ୍ଧାର

ତ୍ରିଶୂଳିଆ, ୧୩।୯ (ସମିସ): ତ୍ରିଶୂଳିଆ ବାରଙ୍ଗ ମୁଖ୍ୟ ରାସ୍ତା ନିକଟରୁ ଶୁକ୍ରବାର ବିଳମ୍ବିତ ରାତିରେ ସ୍ନେକ ହେଲ୍ପ ଲାଇନ ସଦସ୍ୟଙ୍କ ସହାୟତାରେ ଏକ ୧୦ ଫୁଟ ଲମ୍ବର ବିରାଟ ଅଜଗର ସାପ ଉଦ୍ଧାର ହୋଇଛି। ଅଜଗରଟି ଚନ୍ଦକା ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣରେ ଆସି ମଧୁପୁର ଗାଁ ମୁଣ୍ଡରେ ରାସ୍ତା ପାର ହୋଇ ଯାଉଥିବା ବେଳେ ଲୋକମାନେ ଦେଖି ତୁରନ୍ତ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସ୍ନେକ ହେଲ୍ପ ଲାଇନ ସଦସ୍ୟ ସାପଟିକୁ ଉଦ୍ଧାର କରି ବନବିଭାଗ ସହାୟତାରେ ସୁରକ୍ଷିତ ଭାବେ ନିକଟସ୍ଥ ଚନ୍ଦକା ଡମପଡ଼ା ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ।



# ବୋର୍ଡ ସ୍କୁଲରେ ଚକ୍ଷୁ ଓ ଦନ୍ତ ପରୀକ୍ଷା ଶିବିର

କଟକ, ୧୩।୯ (ସମିସ): ଶନିବାର ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲରେ ୧୯୮୬ ବ୍ୟାଚ୍ ଛାତ୍ରଛାତ୍ରୀମାନେ ଜେପିଏମ୍ ରୋଟାରୀ ଚକ୍ଷୁ ହସ୍ପିଟାଲ, ବିଡ଼ାନାସୀ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ଦନ୍ତ ଚିକିତ୍ସାଳୟ ସହଭାଗୀତାରେ ବିଦ୍ୟାଳୟରେ ଏକ ଚକ୍ଷୁ ଓ ଦନ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଚକ୍ଷୁ ଓ ଦନ୍ତ ପରୀକ୍ଷା କରାଯିବା ସହ ଛାତ୍ରଛାତ୍ରୀଙ୍କୁ ବ୍ରସ୍, ଟୁଥପେଷ୍ଟ ଓ ଔଷଧ ବଣ୍ଟନ କରାଯାଇଥିଲା। ଶ୍ରୀରାମଚନ୍ଦ୍ର ଭଞ୍ଜ ଦନ୍ତ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ଅସୀମା ସାମଲଙ୍କ ସହ ଡାକ୍ତର ସ୍ୱସ୍ତିକ ଦାସ, ଅରୋକୃଷ୍ଣ ମହାନ୍ତି, ଶ୍ୱେତପଦ୍ମା ଦାସ ତଥା ସହଯୋଗୀ ଡାକ୍ତର ସତ୍ୟଜିତ୍ ସାହୁ ଓ ପ୍ରୀତିଶ କୁମାର ସାହୁ ଛାତ୍ରଛାତ୍ରୀଙ୍କ ଦନ୍ତ ପରୀକ୍ଷା କରିଥିଲେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କ ତରଫରୁ ପାୱାରପଏଣ୍ଟ ଜରିଆରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଦନ୍ତ ସୁରକ୍ଷା ସମ୍ବନ୍ଧରେ ସଚେତନ କରାଇଥିଲେ। ଜେପିଏମ୍ ରୋଟାରୀ ଚକ୍ଷୁ ହସ୍ପିଟାଲ୍, ବିଡ଼ାନାସୀର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ରୋଟାରୀଆନ୍ ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳଙ୍କ ମାର୍ଗଦର୍ଶନରେ ଡାକ୍ତର ସୌମ୍ୟା ସୁଚରିତା ଓଝାଙ୍କ ସହ ଶଶିକାନ୍ତ ଦାସ, ସାଇପ୍ରିୟା ସାହୁ, ଅମିତା ଦାସ, ରାଜଲକ୍ଷ୍ମୀ ମହାନ୍ତି ଓ ସାବିତ୍ରୀ ସାହୁ ପିଲାଙ୍କ ଚକ୍ଷୁ ପରୀକ୍ଷା ସମ୍ପାଦନ କରିଥିଲେ। ୧୯୮୬ ବ୍ୟାଚ୍‌ର ଛାତ୍ରଛାତ୍ରୀ ପାର୍ଥପ୍ରତିମ୍, ସୁକାନ୍ତ ଶତପଥୀ, କୈଳାସ ଚନ୍ଦ୍ର ଶତପଥୀ, ଅନିନ୍ଦ୍ୟ ସାମଲ, ମମତା ମହାନ୍ତି, ସରୋଜ ପଣ୍ଡା, ଶୁଭାଶିଷ ମହାପାତ୍ର, ଭାରତୀ କାନୁନ୍‌ଗୋ, ସ୍ନିଗ୍ଧା ଦାସ, ସୋନାଲି ପଟ୍ଟନାୟକ, ମନସ୍ୱିନୀ ମିଶ୍ର, ସଙ୍ଗୀତା ମହାନ୍ତି, ସୁଜନ ରାୟଚୌଧୁରୀ, ବି. କାନ୍ତାମା, ମାନସ ମହାପାତ୍ର, ସୁକାନ୍ତ ମହାଳିକ ପ୍ରମୁଖ ଉଭୟ ଶିବିରକୁ ପରିଚାଳନା କରିଥିଲେ। ଉକ୍ତ ବ୍ୟାଚ୍‌ର ଛାତ୍ରୀ ତଥା ଜିଲ୍ଲା ସମଗ୍ର ଶିକ୍ଷା ସଂଯୋଜିକା ମାନସୀ ଧଳ ବିଦ୍ୟାଳୟ ପରିଦର୍ଶନ ସହ ଶିବିରରେ ଉପସ୍ଥିତ ରହି ପ୍ରେରିତ କରିଥିଲେ। ଏହି ଅବସରରେ ୧୯୮୬ ବ୍ୟାଚ୍ ଛାତ୍ରଛାତ୍ରୀ ବିଦ୍ୟାଳୟର ୧୨ଟି ଶ୍ରେଣୀଗୃହ ନିମନ୍ତେ ଷାଠିଏ ହଜାର ଟଙ୍କା ମୂଲ୍ୟର ଷ୍ଟିଲ୍ ଆଲମିରା ସହ ପନ୍ଦର ହଜାର ଟଙ୍କା ମୂଲ୍ୟରେ ସମସ୍ତ ଥଣ୍ଡା ପାଣି ମେସିନ୍‌ର ସର୍ଭିସିଂ କରାଇଥିଲେ। ବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦ ସମ୍ପାଦକ ସୁବ୍ରତ ମହାନ୍ତି, ପଞ୍ଚସଖା ଶିକ୍ଷା ସେତୁ ସଭାପତି ପୁଣ୍ୟଶ୍ଲୋକ ଦାସ, ପୂର୍ବ ସଭାପତି ରଞ୍ଜିତା ମହାନ୍ତି, ମୋତିପ୍ରକାଶ ରଥ, ରଶ୍ମିରଞ୍ଜନ ସ୍ୱାଇଁ, ପ୍ରସନ୍ନ ରାଉତ, ଡା. ସରୋଜ ତ୍ରିପାଠୀ, ରାନୁ ଦାସ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଦେବଦୀପ୍ତା ସ୍ୱାଇଁ, ସୌଭାଗ୍ୟ ଖୁଣ୍ଟିଆ, ସନ୍ଦୀପ ମହାପାତ୍ର, ଅନୀଷା ପଣ୍ଡା, କାଜଲ ମହାପାତ୍ର ଓ କଲ୍ୟାଣ ଶତପଥୀ ପ୍ରମୁଖ ପ୍ରାକ୍ତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ବ୍ୟାଚ୍ ତରଫରୁ ସମସ୍ତ ଡାକ୍ତରଙ୍କୁ ସ୍ମୃତିଫଳକ ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।




## ବସ୍ତି ଉଚ୍ଛେଦ ନ କରିବା ପାଇଁ ଦାବିପତ୍ର ପ୍ରଦାନ

ଟିଗିରିଆ, ୧୩।୯ (ସମିସ): ଟିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ଅଧୀନ ମଙ୍ଗଳପୁର ଶବର ସାହିରେ ବାସ କରୁଥିବା ତଫସିଲଭୁକ୍ତ ଜନଜାତି ବର୍ଗର ୩୦୦ରୁ ଊର୍ଦ୍ଧ୍ୱ ଲୋକ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ସ୍ଥାନରୁ ଉଚ୍ଛେଦ ନ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଟିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡ଼ାଙ୍କୁ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ମୁତାବକ ମଙ୍ଗଳପୁର ଶବର ସାହିରେ ତଫସିଲ ଭୁକ୍ତ ଜନଜାତି ବର୍ଗର ୩୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରିଆସୁଛନ୍ତି। ବାପା ଜେଜେବାପା ଅମଳରୁ ଉକ୍ତ ଅଞ୍ଚଳରେ ଗ୍ରାମର ଲୋକମାନେ ବସବାସ କରୁଥିବା ବେଳେ ସେମାନଙ୍କ ପୂର୍ବ ପୁରୁଷମାନେ ସଚେତନତା ଅଭାବରୁ ଉକ୍ତ ସ୍ଥାନକୁ ସେମାନଙ୍କ ନାମରେ ରେକର୍ଡ ଭୁକ୍ତ ନ କରିଥିଲେ ମଧ୍ୟ ସରକାରୀ ଖାତାର ମନ୍ତବ୍ୟ ନୋଟରେ ସେମାନଙ୍କ ନାମ ରହିଛି। କିନ୍ତୁ ବର୍ତ୍ତମାନ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମର ଖାତା ନମ୍ବର ୧୦୮୧, ୧୦୩୦, ୧୦୩୩, ୧୦୩୪, ୧୦୩୫, ୧୦୩୭, ୧୦୩୮, ୧୦୩୯, ୧୦୪୦, ୧୦୪୧, ୧୦୪୨, ୧୦୪୩, ୧୦୪୪, ୧୦୪୫ ଓ ୧୦୪୬ ରେ ପ୍ରାଚେରୀ ନିର୍ମାଣ ପାଇଁ ଯୋଜନା କରାଯାଇଛି। ଉକ୍ତ ସ୍ଥାନରେ ଥିବା ଗ୍ରାମବାସୀଙ୍କ ଘର, ବାଡ଼ି, ପାଇଖାନା ରହିଛି। ସମ୍ପୃକ୍ତ ସ୍ଥାନରୁ ସେମାନଙ୍କୁ ଉଚ୍ଛେଦ କରି ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ତେଣୁ ପୁରୁଷ ପୁରୁଷ ଧରି ରହି ଆସୁଥିବା ଉକ୍ତ ସ୍ଥାନରୁ ସେମାନଙ୍କୁ ଉଚ୍ଛେଦ କରା ନ ଯିବା ପାଇଁ ଗ୍ରାମବାସୀ ତହସିଲଦାର ଶ୍ରୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।



## ରାସ୍ତା ଅବରୋଧ କରି ଗଣେଶ ଭସାଣି; ୫ ଗିରଫ




ସାଲେପୁର, ୧୩।୯ (ସମିସ): ବେଆଇନ୍ ଭାବେ ଗଣେଶ ପ୍ରସେସନ୍ କରିବା, ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଗଣ୍ଡଗୋଳ କରିବା ଅଭିଯୋଗରେ ସାଲେପୁର ପୁଲିସ ୫ ଜଣକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଓଡ଼ାସିଂହ ପଞ୍ଚାୟତରେ ଗଣେଶ ଭସାଣି ଅନୁଷ୍ଠିତ ହେଉଥିବାବେଳେ ମା'ବୁଢ଼ୀଆଣି ଶଙ୍ଖାରିସାହି ଗଣେଶ ପୂଜା କମିଟିର ସମ୍ପାଦକ ବୈଦ୍ୟଲୋଚନ ପଣ୍ଡା (ଗଣେଶ), ଉକ୍ତ ଗ୍ରାମର ସୁରେନ୍ଦ୍ର ପାତ୍ର ଓରଫ୍ ମୁନୁ, ଅଜୟ ଦାଶ, ପ୍ରଫୁଲ୍ଲ ସେଠୀ, ଗଗନ ବିହାରୀ ଦାସ ଓରଫ୍ ଗଗି ବେଆଇନ୍ ଭାବେ ସରକାରଙ୍କ ପ୍ରଶେସନ୍ ନିୟମକୁ ବେଖାତିର କରି ସର୍ବସାଧାରଣ ରାସ୍ତା ଅବରୋଧ କରିବା ଓ ଗଣ୍ଡଗୋଳ କରିବା ଅଭିଯୋଗରେ ସାଲେପୁର ପୁଲିସ ୪୧୭/୨୦୨୫ରେ ଏକ ମାମଲା ରୁଜୁ କରି ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସାଲେପୁର ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ ସରକାର ପାର୍ବଣ ଋତୁରେ ଶୋଭାଯାତ୍ରା ଉପରେ କଟକଣା ଜାରି କରିଥିବାବେଳେ ଏହି କଟକଣାକୁ ବେଖାତିର କରି ଓ ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଗଣ୍ଡଗୋଳ ସୃଷ୍ଟି କରୁଥିବାବେଳେ ସାଲେପୁର ପୁଲିସ ଏହି ୫ ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି।

## ମିନି ଷ୍ଟାଡିୟମ ଚତୁପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଦାବି

ଟିଗିରିଆ, ୧୩।୯ (ସମିସ): ଟିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତସ୍ଥିତ ମିନି ଷ୍ଟାଡିୟମର ଉନ୍ନତିରେ ବାଧକ ସାଜିଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରି କାର୍ଯ୍ୟକୁ ଅଧିକ ସାବଲୀଳ ଢଙ୍ଗରେ ସମ୍ପାଦନ କରିବା ପାଇଁ ପାଞ୍ଚଗାଁ ଓ ସୋମପଡ଼ା ପଞ୍ଚାୟତର ଜନସାଧାରଣ, କ୍ରୀଡ଼ାବିତ ଓ କ୍ରୀଡ଼ାବିତ ଜିଲ୍ଲାପାଳଙ୍କ ସମେତ, ସ୍ଥାନୀୟ ତହସିଲଦାର ଓ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗତବର୍ଷ ଜାନୁଆରୀ ୭ ତାରିଖରେ ଉକ୍ତ ଖେଳପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ଉକ୍ତ ଖେଳ ପଡ଼ିଆର ଉନ୍ନତିକରଣ ନିମନ୍ତେ ଏମପି ଲ୍ୟାଡ଼ ସ୍କିମରୁ ୫୦ ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଥିଲେ। କିନ୍ତୁ ଉକ୍ତ ମିନି ଷ୍ଟାଡିୟମର ଚତୁଃପାର୍ଶ୍ୱର ସରକାରୀ ଜାଗାକୁ କିଛି ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଫଳରେ ଉକ୍ତ ଷ୍ଟାଡିୟମର ଉନ୍ନତିକରଣରେ ବାଧା ସୃଷ୍ଟି ହୋଇଛି। ଉକ୍ତ ଜବରଦଖଲ ଉଚ୍ଛେଦ ପାଇଁ ପୂର୍ବରୁ ସ୍ଥାନୀୟ କ୍ରୀଡ଼ାପ୍ରେମୀ ଓ କ୍ରୀଡ଼ାବିତ ସ୍ଥାନୀୟ ବିଡ଼ିଓ ଓ ତହସିଲଦାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଜବରଦଖଲ ଉଚ୍ଛେଦ ବିନା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ନିମନ୍ତେ ସ୍ଥାନୀୟ ବିଡ଼ିଓ ଓପନ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରିଥିବା କ୍ରୀଡ଼ାପ୍ରେମୀମାନେ ଅଭିଯୋଗ କରିଛନ୍ତି। ତେଣୁ ଜିଲ୍ଲାପାଳ ଉକ୍ତ ସ୍ଥାନ ପରିଦର୍ଶନ କରି ପଡ଼ିଆର ଚତୁଃପାର୍ଶ୍ୱର ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ ସହ ଏହି ଖେଳ ପଡ଼ିଆକୁ ଅଞ୍ଚଳରେ ଏକ ଆଦର୍ଶ ଖେଳ ପଡ଼ିଆ ନିର୍ମାଣ କରାଯିବାର ବ୍ୟବସ୍ଥା କରିବା ପାଇଁ ନିବେଦନ କରିଛନ୍ତି। ଏହି ଦାବିପତ୍ର ପାଞ୍ଚଗାଁ ପଞ୍ଚାୟତର ଯୁବନେତା ଜଗଦୀଶ ମିଶ୍ରଙ୍କ ନେତୃତ୍ୱରେ ତ୍ରିନାଥ ସାହୁ, ଦିପୁ ମାଝୀ, ରଞ୍ଜନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଲୋକ ଅଦାଲତ





ଟିଗିରିଆ, ୧୩।୯ (ସମିସ)

ଟିଗିରିଆ କୋର୍ଟ ପରିସରରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଟିଗିରିଆ ତାଲୁକ ଆଇନସେବା କମିଟିର ଅଧ୍ୟକ୍ଷ ତଥା ଟିଗିରିଆ କୋର୍ଟର ବିଚାରପତି ଅନିମେଶ ସାମଲ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ୩୩ ଟି ଫୌଜଦାରୀ ମାମଲାର ଫଇସଲା ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟିଗିରିଆ ଓକିଲ ସଂଘର ସଭାପତି ମଙ୍ଗଳ କୃଷ୍ଣ ଦାସ, ସମ୍ପାଦକ ଶାନ୍ତନୁ ଦାଶ, ଆଇନଜୀବୀ ରମେଶ ଚନ୍ଦ୍ର ମାଝୀ, ଚନ୍ଦ୍ରମଣି ପଣ୍ଡା, ରଞ୍ଜନ ମହାରଣା, ସୁବାସଚନ୍ଦ୍ର ସାହୁ, ରଘୁନାଥ ଦାଶ, ଲିଗାଲ ରିଟେର୍ନରର ଶରତ ଚନ୍ଦ୍ର ମହାପାତ୍ର, ଇଭା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୋର୍ଟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଆଠଗଡ଼

ଆଠଗଡ଼ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା କେନ୍ଦ୍ର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ରାଜକୁମାର ଦାସ ଏହାର ଉଦଘାଟନ କରି ୨୯ ଟି ମୋଟରଯାନ ଜନିତ ମାମଲାର ବିଚାର କରି ହିତାଧିକାରୀଙ୍କୁ ୧ କୋଟି ୨୩ ଲକ୍ଷ ୪୯ ହଜାର ୩୩୨ ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ କରିଥିଲେ। ବରିଷ୍ଠ ଦେୱାନୀ ବିଚାରପତି ଅମିତାଭ ପଣ୍ଡା ଗୋଟିଏ ଦେୱାନୀ ଏବଂ ଦୁଇଟି ବୈବାହିକ ମାମଲା ଫଏସଲା କରିଥିଲେ। ସେହିପରି ଉପଖଣ୍ଡ ବିଚାରବିଭାଗୀୟ ଅଧିକାରୀ ନରୋଜ କୁମାର ସାହୁ ୬୮ ଟି ଫୌଜଦାରୀ ମାମଲା ସମେତ ୭୧ଟି ମାମଲାର ଫଏସଲା କରିଥିଲେ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସ୍ଥିତପ୍ରଜ୍ଞା ଅମୃତ ତନୟା ଦୁଇଟି ଫୌଜଦାରୀ ମାମଲା ଫଏସଲା କରିଥିଲେ। ଏତଦବ୍ୟତୀତ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଧୁରୁକୁଡିଆ ଏବଂ କଣ୍ଟ୍ରୋଲ ସ୍ଥିତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଅନାଦେୟ ଋଣ ରାଶି ଆଦାୟ କରିଥିବା ବେଳେ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ନିଜ ନିଜର ଅଦାଲତ ପରିଚାଳନା କରିଥିଲେ। ଅଦାଲତ ପରିଚାଳନାରେ ସମସ୍ତ କର୍ମଚାରୀଙ୍କ ସହିତ ଓକିଲମାନେ ସହଯୋଗ କରିଥିବା ବେଳେ ଆଇନ ସହାୟିକା ରାଜଶ୍ରୀ ମହଲା ଏବଂ ବୀଣାପାଣି ପଣ୍ଡା ସହାୟତା କରିଥିଲେ।

### ମାହାଙ୍ଗା

ଭଦ୍ରେଶ୍ୱର: ମାହାଙ୍ଗା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏକ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶର୍ମିଷ୍ଠା ଜେନା ଏହି ଲୋକ ଅଦାଲତରେ ଯୋଗଦାନ କରି ୨୦ରୁ ଊର୍ଦ୍ଧ୍ୱ ମାମଲାର ବିଚାର କରି ଫଇସଲା କରିଥିଲେ। ଏଥିରେ ସରକାରୀ ଓକିଲ ମାନସ ଦାସ, ପ୍ରମୋଦ ବାରିକଙ୍କ ସମେତ ଆଇନଜୀବୀ ଦୀପକ ମହାନ୍ତି, ଅକ୍ଷୟ ସ୍ୱାଇଁ, ସୁନାକର ମଲ୍ଲିକ ଏହି ଲୋକ ଅଦାଲତକୁ ପରିଚାଳନା କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ଅଦାଲତର ବରିଷ୍ଠ କିରାଣି ଅଭିରାମ ସେଠୀ, ନାଜିର ସରୋଜ ପଣ୍ଡା, ପେସକାର ଅଭୟ ବେହେରା, ଉଦୟନାଥ ସ୍ୱାଇଁ, ଷ୍ଟେନୋ ରଶ୍ମିରଞ୍ଜନ, ସେକ ସେକାୟତ ଅଲ୍ଲୀ, ସୁରେନ୍ଦ୍ର ତମସା, ଅନନ୍ତ ରାଉତ ଉପସ୍ଥିତ ଥିଲେ।

## ଚୌଦ୍ୱାର ଫଟୋଗ୍ରାଫର ଆସୋସିଏସନ୍‌ର ବାର୍ଷିକୋତ୍ସବ

ଚୌଦ୍ୱାର, ୧୩।୯ (ସମିସ): ଚୌଦ୍ୱାର ଫଟୋଗ୍ରାଫର ଆସୋସିଏସନର ବାର୍ଷିକୋତ୍ସବ ଗାନ୍ଧୀ ଛକସ୍ଥିତ ପୌର ଟାଉନହଲଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନ ସଭାପତି ସତ୍ୟବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଚୌଦ୍ୱାର ଫଟୋଗ୍ରାଫର ଆସୋସିଏସନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଞ୍ଜୀବ କୁମାର ତିୱାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୀବନେନ୍ଦୁ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ



କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀତମ ଦାସ ଯୋଗଦେଇ ଆସୋସିଏସନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟତମ ଅତିଥିଭାବେ କୁସୁମ ଗ୍ରୁପ୍ ଅଧ୍ୟକ୍ଷ ଅଭିନାଶ ପାତ୍ର, କଟକ ଫଟୋଗ୍ରାଫର ଆସୋସିଏସନ ସଭାପତି ସୁଜିତ ମିଶ୍ର, ପ୍ରାଚୀ ଡିଜିଟାଲ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସ୍ୱାଇଁ, ପୁପୁଲ ଫିଲ୍ମର ଅଧ୍ୟକ୍ଷ ପୁପୁଲ ମହାନ୍ତି, ନଳିନୀ ଭିଜନ ଅଧ୍ୟକ୍ଷ ଦେବେନ୍ଦ୍ର ନନ୍ଦ ପ୍ରମୁଖ ଯୋଗଦେଇ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀପକ ବେଉରା, ଚିନ୍ମୟ ବେହେରା, ପ୍ରଦୀପ ମହାପାତ୍ର, ରମେଶ ସାହୁ, ଅଜିତ ସ୍ୱାଇଁ, ରଞ୍ଜିତ ବେଉରା, ପ୍ରଦୀପ ବିହାରୀ, ଆଲୋକ ଦାସଙ୍କ ସମେତ କର୍ମକର୍ତ୍ତା ପରିଚାଳନା କରିଥିଲେ। ସମ୍ପାଦକ ପରୀକ୍ଷିତ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜସ୍ଥାନରୁ ୧୫ରେ...

ଜୁନ ୨୯ ରେ ଅର୍ଥାତ ୯ ଦିନ ପୂର୍ବରୁ ପୂରା ଦେଶକୁ ମୌସୁମୀ ପରିବ୍ୟାପ୍ତ ହୋଇଥିଲା । ସାଧରଣତଃ ଏହା ଜୁଲାଇ ୮ରେ ସାରା ଦେଶକୁ ସମ୍ପୂର୍ଣ୍ଣ ଭାବେ କଭର କରିଥାଏ । ମିଳିଥିବା ସୂଚନା ଅନୁଯାୟୀ ମୌସୁମୀ ଏଥର ସାରାଦେଶରେ ଆକଳନ ଠାରୁ ଅଧିକ ବର୍ଷିଛି । ସାରା ଦେଶରେ ଏପର୍ଯ୍ୟନ୍ତ ୮୩୫.୨ ମିମି ବର୍ଷା ହୋଇଛି ଯାହାକି ସ୍ୱାଭାବିକ ଠାରୁ ୭ ପ୍ରତିଶତ ଅଧିକ ।

ଇତିମଧ୍ୟରେ ହିମାଚଳ ପ୍ରଦେଶର ବିଳାଶପୁରର ନାମହୋଲରେ ଶୁକ୍ରବାର ବିଳମ୍ବିତ ରାତିରେ ବାଦଲ ଫଟା ବର୍ଷା ହୋଇଥିଲା । ଫଳରେ ଆବର୍ଜନା ତଳେ ୧୦ଟି ଗାଡି ଦବି ଯାଇଛି । ଅନେକ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ସେହିପରି ମଣ୍ଡି ଜିଲ୍ଲାର ଧର୍ମପୁରରେ ସପଡ଼ି ରୋହ ଗାଁରେ ଶନିବାର ସକାଳେ ଭୂସ୍ଖଳନ ହେବାରୁ ଅନେକ ଘର ପାଣି ମଧ୍ୟରେ ରହିଛି । ହିମାଚଳରେ ବର୍ଷା, ବନ୍ୟା ଓ ଭୂସ୍ଖଳନରେ ଏପର୍ଯ୍ୟନ୍ତ ମୋଟ ୩୮୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ରାଜ୍ୟରେ ଏଥର ସମାନ୍ୟଠାରୁ ଅଧିକ ୪୩ ପ୍ରତିଶତ ବର୍ଷା ହୋଇଛି । ଜୁନ୍ ୧ରୁ ସେପ୍ଟେମ୍ବର ୧୨ ପର୍ଯ୍ୟନ୍ତ ହାରାହାରି ୬୭୮.୪ ମିମି ବର୍ଷା ହୋଇଥାଏ । କିନ୍ତୁ ଏଥର ମୌସୁମୀ ଋତୁରେ ୯୬୭.୨ ମିମି ବର୍ଷା ହୋଇଛି । ଉତ୍ତରପ୍ରଦେଶର ଉନ୍ନାଓରେ ଗଙ୍ଗା ନଦୀର ଜଳସ୍ତର ବିପଦ ସଂକେତର ୨୩ ସେମି ଉଚ୍ଚରେ ରହିଛି । ଫଳରେ ୮୦ଟି ଗାଁ ବନ୍ୟା ଘେରରେ ରହିଛି । ୧୦୦ରୁ ଊର୍ଦ୍ଧ୍ୱ ପରିବାର ବାସହାର ହୋଇଛନ୍ତି । ହିମାଚଳରେ ଏପର୍ଯ୍ୟନ୍ତ ସାମାନ୍ୟଠାରୁ ୧୩୩ ପ୍ରତିଶତ ଅଧିକ ବର୍ଷା ହୋଇଛି ।

### ସହଯୋଗୀ ଖୋଜୁଛନ୍ତି...

ଟ୍ରମ୍ପ ଆଜି ନାଟୋ ଦେଶମାନଙ୍କୁ ମଧ୍ୟ ଭାରତ ଓ ଚୀନ ଉପରେ କଟକଣା ଲଗାଇବାକୁ ଅନୁରୋଧ କରିଛନ୍ତି । ନାଟୋ ସଂଗଠନର ସଭ୍ୟମାନଙ୍କୁ ପତ୍ର ଲେଖି ସେ କହିଛନ୍ତି ଯେ ସେମାନେ ମଧ୍ୟ ରୁଷ ଠାରୁ ତେଲ କିଣିବା ବନ୍ଦ କରନ୍ତୁ । ୟୁକ୍ରେନ ଉପରେ ରୁଷ ଆକ୍ରମଣ ବନ୍ଦ ନକରିବା ପର୍ଯ୍ୟନ୍ତ ଚୀନ ଓ ଭାରତ ଉପରେ ୫୦ରୁ ୧୦୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରିବାକୁ ସେ ଚାପ ପକାଇଛନ୍ତି । କାରଣ ଏହି ଦୁଇ ଦେଶ ରୁଷରୁ ସର୍ବାଧିକ ତେଲ କିଣୁଛନ୍ତି । ନାଟୋ ଏଥିରେ ସହଯୋଗ କଲେ ସେ ରୁଷ ଉପରେ ଅଧିକ କଠୋର କଟକଣା ଲଗାଇବାକୁ ପ୍ରସ୍ତୁତ ବୋଲି ଟ୍ରମ୍ପ କହିଛନ୍ତି । ତେବେ ନାଟୋ ଦେଶଙ୍କ ପ୍ରତିକ୍ରିୟା ମିଳିନାହିଁ ।

### ଭାରତ-ପାକ୍...

ଅପମାନସୂଚକ ଶବ୍ଦ ବ୍ୟବହାର କରୁଛନ୍ତି । ଏଭଳି ସ୍ଥିତିରେ ସେମାନଙ୍କ ସହିତ ଖେଳାଯିବା ଉଚିତ ନୁହେଁ । ପହଲଗାମ ଆକ୍ରମଣର ଶିକାର ପରିବାର ମଧ୍ୟ ଏହି ମ୍ୟାଚ୍‌କୁ ବିରୋଧ କରିଛନ୍ତି । ସେମାନେ କହିଛନ୍ତି ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଯେଉଁ ୨୬ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ପ୍ରତି ବିସିସିଆଇର ଟିକିଏ ହେଲେ ସମବେଦନା ନାହିଁ ।

ଅନ୍ୟପକ୍ଷରେ ବିଜେପି ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ଯେ ଆତଙ୍କବାଦକୁ ସମର୍ଥନ କରୁଥିବା ପର୍ଯ୍ୟନ୍ତ ପାକିସ୍ତାନ ସହିତ ଦ୍ୱିପାକ୍ଷିକ ମ୍ୟାଚ୍ ନ ଖେଳିବାକୁ ଭାରତ ନିଷ୍ପତ୍ତି ନେଇଛି । କିନ୍ତୁ ବହୁଦେଶୀୟ ଟୁର୍ଣ୍ଣାମେଣ୍ଟରେ ଏହା ସମ୍ଭବ ନୁହେଁ, କାରଣ ଭାରତୀୟ ଟିମ୍‌କୁ ଏହା କ୍ଷତି ପହଞ୍ଚାଇବ । ଦେଶ ଭିତରେ ଏହି ମ୍ୟାଚ୍‌କୁ ନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ବିସିସିଆଇ ମୁହଁ ଖୋଲୁ ନାହିଁ । ତେବେ ଯାହା ଖବର ମିଳିଛି ଯେ ଏହାର ଅଧିକାରୀ ଆସନ୍ତାକାଲିର ମ୍ୟାଚ୍‌ରେ ଉପସ୍ଥିତ ରହିବେ ନାହିଁ । କେବଳ ଜଣେ ଅଧିକାରୀ ଉପସ୍ଥିତ ରହିବେ । ସୂଚନାଯୋଗ୍ୟ ଯେ ଭାରତ ଓ ପାକିସ୍ତାନ ଏକଦିବସୀୟ ମ୍ୟାଚରେ ୧୩୬ ଥର ମୁହାଁମୁହିଁ ହୋଇଥିବା ବେଳେ ଭାରତ ୫୮ ଟିରେ ବିଜୟୀ ହୋଇଥିବା ବେଳେ ପାକିସ୍ତାନ ୭୩ଟି ମ୍ୟାଚ୍ ଜିତିଛି । ସେହିଭଳି ଟି-୨୦ରେ ଉଭୟ ଦେଶ ୧୩ ଥର ମୁହାଁମୁହିଁ ହୋଇଥିବା ବେଳେ ଭାରତ ୧୦ ଥର ଜିତିଥିବା ବେଳେ ପାକିସ୍ତାନ ତିନି ଥର ଜିତିଛି ।

### ନୂଆପଡ଼ାରେ ହେବ...

ଅନୁଯାୟୀ, ସେପ୍ଟେମ୍ବର ୧୪ ତାରିଖ ସୁଦ୍ଧା ମତଦାନ କେନ୍ଦ୍ରର ପୁନଃବ୍ୟବସ୍ଥାପନ ବା ପରିବର୍ତ୍ତନ ସହ ୧୫ତାରିଖରେ ସମନ୍ୱିତ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ସେହିଦିନଠାରୁ ସେପ୍ଟେମ୍ବର ୨୯ତାରିଖ ପର୍ଯ୍ୟନ୍ତ ଏହା ଉପରେ ଦାବି ଓ ଆପତ୍ତି ଦାଖଲ ଆହ୍ୱାନ, ଅକ୍ଟୋବର ୭ ସୁଦ୍ଧା ଦାବି ଓ ଆପତ୍ତିର ସମାଧାନ ଏବଂ ଅକ୍ଟୋବର ୯ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଁ ନିର୍ବାଚନ ଅଧିକାରୀ କାର୍ଯ୍ୟସୂଚୀ ଜାରି କରିଛନ୍ତି । ଏହାପରେ ମତଦାନ ପାଇଁ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି ।

### ମେଲୋଡି ଗାର୍ଲଙ୍କୁ...

ଥାନା ପୋଖରାନ୍ ଭିଲେଜ୍‌ସ୍ଥିତ ଶ୍ରୀମାର୍ଗ ଗେଷ୍ଟହାଉସ୍ (ଓୟୋ)କୁ ଡକାଇଥିଲା । ଲୋକେସନ୍ ପଠାଇବା ସହ ଯୁବତୀଙ୍କ ରୁମ୍ ପାଖରୁ ଗେଷ୍ଟହାଉସ୍ ଆସିବାକୁ ଏକ କ୍ୟାବ ବୁକ୍ କରିଦେଇଥିଲା । ବୁଧବାର ଦିନ ପ୍ରାୟ ୧୨ଟା ବେଳକୁ ଯୁବତୀଜଣଙ୍କ ଉକ୍ତ ଗେଷ୍ଟହାଉସ୍‌ରେ ପହଞ୍ଚିଥିଲେ । ଗେଷ୍ଟହାଉସ୍‌ଟି ସାଧାରଣ ଘର ଭଳି ହୋଇଥିବାରୁ ଯୁବତୀଜଣଙ୍କ କିଛି ସନ୍ଦେହ କରିନଥିଲେ । ପୂର୍ବ ଯୋଜନା ମୁତାବକ, ଚନ୍ଦନ ଓ ପ୍ରସନ୍ନ ଯୁବତୀଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ଅଚେତ କରିବା ପରେ ରୁମ ଭିତରେ ଜଣଙ୍କ ପରେ ଜଣେ ବାରମ୍ବାର ଦୁଷ୍କର୍ମ କରିଥିଲେ ।

ଅପରାହ୍ଣରେ ଯୁବତୀଙ୍କ ଚେତା ଫେରିବା ବେଳକୁ ରୁମକୁ ବାହାର ପଟରୁ ତାଲା ପଡ଼ିଥିଲା । କବାଟ ବାଡ଼େଇବା ପରେ କେୟାରଟେକର୍ ରାଜେଶ ତାଲା ଖୋଲି ରୁମକୁ ଆସିଥିଲା । ରାଜେଶ ମଧ୍ୟ ଦୁଷ୍କର୍ମ କରିବାକୁ ଚାହୁଁଛି ବୋଲି ଯୁବତୀଙ୍କୁ କହିଥିଲା । ତା' କଥା ଶୁଣି ଯୁବତୀଜଣଙ୍କ କାନ୍ଦିବାରୁ ଚନ୍ଦନ ଓ ପ୍ରସନ୍ନ ରୁମରେ ପହଞ୍ଚିଥିଲେ । ପରେ ଏକ କାର୍ ଭଡ଼ା କରି ଯୁବତୀଙ୍କୁ ପଠାଇ ଦେଇଥିଲେ । କାର୍ ଚାଳକଜଣଙ୍କ ପୀଡ଼ିତାଙ୍କୁ ରସୁଲଗଡ଼ ଛକରେ ଛାଡ଼ି ପଳାଇଥିଲା । ସେହି ସମୟରେ ପୀଡ଼ିତାଙ୍କ ସାଙ୍ଗ ଫୋନ୍ କରିବାରୁ ସେ କାନ୍ଦି କାନ୍ଦି ସବୁ କଥା କହିଥିଲେ । ପୀଡ଼ିତାଙ୍କ ସାଙ୍ଗ ତାଙ୍କୁ ରସୁଲଗଡ଼ ଛକରୁ ଉଦ୍ଧାର କରି ଘରକୁ ନେଇଥିଲେ । ଏହାର ପରଦିନ ପୀଡ଼ିତାଙ୍କ ବଡ଼ ଭଉଣୀ ମହିଳା ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା । ପୀଡ଼ିତାଙ୍କ ଡାକ୍ତରୀମାଇନା କରିବା ସହ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା ୧୮୩ ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିଲା । ଆଜି ମୁଖ୍ୟ ଅଭିଯୁକ୍ତ ଚନ୍ଦନ, ପ୍ରସନ୍ନ ଓ କେୟାରଟେକର୍ ରାଜେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

---

## ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

# ଆପଣଙ୍କ ପାଖେ ଭାରତର ଭାଗ୍ୟ ବଦଳାଇବା କ୍ଷମତା ଅଛି : ରାଜ୍ୟପାଳ




ସମ୍ବଲପୁର, ୧୩।୯ (ସମିସ): ଗାଁ ପାଇଁ ଜଳବାୟୁ ସମସ୍ୟାର ସମାଧାନଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର ଏବଂ ସହର ପାଇଁ ସ୍ମାର୍ଟ ଭିତ୍ତିଭୂମି ପର୍ଯ୍ୟନ୍ତ, ଆପଣମାନଙ୍କ ପାଖରେ ଭାରତର ଭାଗ୍ୟ ବଦଳାଇବାର ଶକ୍ତି ରହିଛି । ୭୦ ବର୍ଷରୁ ଅଧିକ ସୁଦୀର୍ଘ ଯାତ୍ରାରେ ଭିସୁଟ୍ ଦେଶରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ ରୂପେ ସ୍ଥାନ ହାସଲ କରିଛି ।

**ଓଡ଼ିଶାରେ 'ନ୍ୟୁ ଏଜ୍ ଅର୍ଥନୀତି'ର ନେତୃତ୍ୱ ନେବ ଭିସୁଟ୍:ଧର୍ମେନ୍ଦ୍ର**

ଏହି ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ଦେଶ-ବିଦେଶରେ କୀର୍ତ୍ତି ଅର୍ଜନ କରୁଛନ୍ତି । ବର୍ତ୍ତମାନ ଆମେ ଏପରି ଏକ ଦୁନିଆରେ ରହୁଛୁ, ଯେଉଁଠାରେ କେବଳ ଆପଣଙ୍କର ବୁଦ୍ଧି ସବୁଠାରୁ ବଡ଼ ଶକ୍ତି ନୁହେଁ, ବରଂ ଅଖଣ୍ଡତା ହେଉଛି ତମର ଶକ୍ତି । ଗର୍ବର ସହ କିନ୍ତୁ ଅହଙ୍କାର ବିନା, ନିଜର ଲକ୍ଷ୍ୟ ଉପରେ ଆଧାରିତ ମହତ୍ତ୍ୱାକାଂକ୍ଷା ଏବଂ ମୂଲ୍ୟବୋଧ ଉପରେ ଆଧାରିତ ସ୍ୱପ୍ନ ସହିତ ଆଗକୁ ବଢ଼ନ୍ତୁ । ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ୧୬ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ତଥା କୁଳାଧିପତି ଡଃ ହରିବାବୁ କୁମ୍ଭମପାଟି ଆଜି ଛାତ୍ରଛାତ୍ରୀମାନଙ୍କୁ ଏପରି ଆହ୍ୱାନ ଦେଇଛନ୍ତି ।

ସାର୍ ବିଶ୍ୱେଶରାୟ ପ୍ରେକ୍ଷାଳୟରେ ଆଜି ଅପରାହ୍ଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ଦେଶ ସ୍ୱାଧୀନତାର ପରବର୍ତ୍ତୀ କାଳରେ ଓଡ଼ିଶାରେ ଯେତେବେଳେ ଜଳସେଚନ ଓ କୃଷି ବିକାଶର ନୂଆ ଧାରା ଆରମ୍ଭ ହୋଇଥିଲା, ସେତେବେଳେ ଏହି ଶିକ୍ଷାନୁଷ୍ଠାନ ପରିବର୍ତ୍ତନର ମଙ୍ଗ ଧରିଥିଲା । ଆଜି ଯେତେବେଳେ ଓଡ଼ିଶାରେ 'ନ୍ୟୁ ଏଜ୍ ଅର୍ଥନୀତି'ର ଧାରା ଆରମ୍ଭ ହୋଇଛି, ଭିସୁଟ୍ ତାହାର ନେତୃତ୍ୱ ନେବ । ଭିସୁଟ୍‌କୁ ଭବିଷ୍ୟତ ଆଧାରିତ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି ।

ଏହି ଅବସରରେ ଶିକ୍ଷାରେ ଉତ୍କୃଷ୍ଟତା ଓ ସଫଳ ପ୍ରଦର୍ଶନ ପାଇଁ ୨୭ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୮ଜଣଙ୍କୁ ଡୋନର୍ସ ସ୍ୱର୍ଣ୍ଣପଦକ, ୩୦ଜଣଙ୍କୁ ସାର୍ଟିଫିକେଟ ଅଫ୍ ମେରିଟ୍ ପ୍ରଦାନ ସହ ୪ଜଣ ଶ୍ରେଷ୍ଠ ଆଲୁମିନିଙ୍କୁ ସମ୍ମାନିତ କରାଯାଇଥିଲା । ଏହାସହ ପିଏଚ୍‌ଡି ପାଠ୍ୟକ୍ରମରେ ୭୪ଜଣ, ଏମ୍.ଟେକ୍‌ରେ ୧୦୪ ଜଣ, ଏମ୍‌ବିଏରେ ୩୯ଜଣ, ଏମ୍‌ଏସ୍‌ସିରେ ୫୯ଜଣ, ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସିରେ ୪୭ଜଣ, ବି.ଟେକ୍‌ରେ ୮୭୬ ଜଣ, ୪ ଜଣଙ୍କୁ ବିଟେକ୍ ଓ ଏମ୍‌ଟେକ୍ ଦ୍ୱୈତ ଡିଗ୍ରୀ; ଏହିଭଳି ମୋଟ ୧୨୨୦ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ରବି ନାରାୟଣ ନାଏକ, ବିଧାୟକ ଜୟ ନାରାୟଣ ମିଶ୍ର, ବିଧାୟକ ତଥା ପରିଚାଳନା କମିଟି ସଭ୍ୟ ଇରାଶିଷ ଆଚାର୍ଯ୍ୟ ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଦୀପକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

---

## ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ

ମାଲକନାଗିରି, ୧୩।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାର ନ୍ୟାସନାଲ ପାର୍କ ଜଙ୍ଗଲରେ ପୁଲିସ୍ ଏନ୍‌କାଉଣ୍ଟର୍‌ରେ ଦୁଇ କୁଖ୍ୟାତ ମାଓବାଦୀ ନିହତ ହୋଇଛନ୍ତି । ମୃତ ଦୁଇ ମାଓବାଦୀଙ୍କ ମୁଣ୍ଡ ଉପରେ ୮ ଲକ୍ଷ ଟଙ୍କା ଲେଖାଏଁ ମୋଟ ୧୬ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା । ସୂଚନାନୁଯାୟୀ, ଗତକାଲି ସନ୍ଧ୍ୟାରେ ଏହି ଗୁଳିବିନିମୟ ହୋଇଥିଲା । ମାଓ ଦମନ ପାଇଁ ଡିଆରଜି, ଏସ୍‌ଟିଏଫ୍ ଓ ସିଆରପିଏଫ୍‌ର ଯବାନମାନେ ତଲାସି ଅଭିଯାନ କରୁଥିବା ବେଳେ ଏହି ଗୁଳି ବିନିମୟ ଘଟିଥିଲା । ମାଓବାଦୀମାନେ ଯବାନଙ୍କ ସାମ୍ନା କରି ନପାରି ଛତ୍ରଭଙ୍ଗ ଦେଇଥିଲେ । ରାତିତମାମ ସେଠାରେ ଯବାନମାନେ ତଲାସି ଅଭିଯାନ ଜାରି ରଖିଥିବା ବେଳେ ଘଟଣାସ୍ଥଳରୁ ୨ ମାଓବାଦୀଙ୍କ ମରଶରୀର ସହ ୨ଟି ବନ୍ଧୁକ ଓ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା । ପୁଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ କହିଛନ୍ତି ।

# ମାଓନେତ୍ରୀ ସୁଜାତାଙ୍କ ଆତ୍ମସମର୍ପଣ

ମାଲକନାଗରି, ୧୩।୯ (ସମିସ): ମାଓ ସଂଗଠନକୁ ପୁଣି ଏକ ବଡ଼ ଝଟ୍‌କା ଲାଗିଛି । କୁଖ୍ୟାତ ମାଓନେତ୍ରୀ ସୁଜାତା ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ସେ ମାଓବାଦୀ କେନ୍ଦ୍ରୀୟ କମିଟି ସଦସ୍ୟ ଥିଲେ । ତାଙ୍କ ମୁଣ୍ଡ ଉପରେ ୧ କୋଟି ଟଙ୍କାର ପୁରସ୍କାର ରାଶି ରହିଥିଲା ।

**ମୁଣ୍ଡ ଉପରେ ଥିଲା କୋଟିଏ ଟଙ୍କାର ପୁରସ୍କାର**



ସୂଚନାନୁଯାୟୀ, ସୁଜାତା ଦୀର୍ଘ ବର୍ଷ ଧରି ମାଓ ସଂଗଠନରେ ରହି ଅନେକ ହିଂସାକାଣ୍ଡର ନେତୃତ୍ୱ ନେଇଥିଲେ । ଗତ କିଛି ବର୍ଷ ଧରି ସଂଗଠନର ବିଭିନ୍ନ ଦାୟିତ୍ୱରେ ରହି କେନ୍ଦ୍ରୀୟ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ । ସେ ବିଭିନ୍ନ ହିଂସାକାଣ୍ଡ ଘଟାଇବା ପାଇଁ ସଠିକ୍ ରଣନୀତି ପ୍ରସ୍ତୁତ କରିବା ସହ ମାଷ୍ଟରମାଇଣ୍ଡ ଭାବେ କାର୍ଯ୍ୟ କରୁଥିଲେ । ତେଲେଙ୍ଗାନା, ଆନ୍ଧ୍ର, ଓଡ଼ିଶା ସହ ଛତିଶଗଡ଼ର ଅନେକ ହିଂସାକାଣ୍ଡର ମଧ୍ୟ ସେ ନେତୃତ୍ୱ ନେଇଥିଲେ । ସୁଜାତା ନକ୍ସଲ ସଂଗଠନର ଦକ୍ଷିଣ ଉପ-ଜୋନାଲ କମିଟିର ବ୍ୟୁରୋ ଇନ୍‌ଚାର୍ଜ ମଧ୍ୟ ରହିଥିଲେ । ବିଶେଷକରି, ସେ ଛତିଶଗଡ଼ ବସ୍ତର ଅଞ୍ଚଳରେ ସକ୍ରିୟ ରହିବା ସହ ମାଓ ସଙ୍ଗଠନକୁ ସକ୍ରିୟ ରଖିବାରେ ତାଙ୍କର ବଡ଼ ଭୂମିକା ଥିଲା । ସୁଜାତାଙ୍କ ସ୍ୱାମୀ ତଥା ନକ୍ସଲ କମାଣ୍ଡର କିଶାନଜୀ ମଧ୍ୟ ଟପ୍ ମାଓନେତା ଭାବେ ସଂଗଠନ ପାଇଁ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ବେଳେ ପଶ୍ଚିମବଙ୍ଗରେ ଯବାନଙ୍କ ଗୁଳିରେ ନିହତ ହୋଇଥିଲେ । ତେଲେଙ୍ଗାନା ଡିଜିପିଙ୍କ ନିକଟରେ ସେ ଆତ୍ମସମର୍ପଣ କରିଥିବା ବେଳେ ଏହା ମାଓ ସଂଗଠନ ପାଇଁ ଏକ ଶକ୍ତ ଧକ୍କା ବୋଲି କୁହାଯାଉଛି ।

**ଛାତ୍ରଙ୍କ ଆଖିରେ ସହପାଠୀ ଫେଭି-କୁଇକ୍ ଲଗାଇବା ଘଟଣା**

# ପ୍ରଧାନ ଶିକ୍ଷକ ନିଲମ୍ବିତ

ଫିରିଙ୍ଗିଆ, ୧୩।୯ (ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ସଲାଗୁଡ଼ା ପଞ୍ଚାୟତ ସଲାଗୁଡ଼ା ସେବାଶ୍ରମରେ ୮ ଜଣ ତୃତୀୟ ଓ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ଆଖିରେ ସହପାଠୀ ଫେଭିକୁଇକ ଲଗାଇବା ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଛି । ଜିଲ୍ଲାପାଳ ବେଦଭୂଷଣ ଏହି ଘଟଣାରେ ସ୍କୁଲର ପ୍ରଧାନଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ନିଲମ୍ବନ କରିଛନ୍ତି । କାର୍ଯ୍ୟରେ ଅବହେଳା, ବିଦ୍ୟାଳୟରେ ଅନୁପସ୍ଥିତ ରହିବା ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ, ଗୁରୁବାର ରାତିରେ ସେବାଶ୍ରମରେ ସମସ୍ତେ ଖାଇପିଇ ଶୋଇଥିବା ବେଳେ ୪ର୍ଥ ଓ ୫ମରେ ପଢୁଥିବା ୮ ଛାତ୍ରଙ୍କ ଆଖିରେ ସେମାନଙ୍କର କିଛି ସହପାଠୀ ଫେଭିକୁଇକ୍ ଲଗାଇ ଦେଇଥିଲେ । ସେମାନଙ୍କ ମଧ୍ୟରୁ ୭ଜଣଙ୍କୁ ଗୁରୁତର ଅବସ୍ଥାରେ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ଅଣାଯାଇଥିଲା । ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଭଲ ନ ଥିବା ଜଣାପଡ଼ିଛି । ବିଦ୍ୟାଳୟରେ ଶିକ୍ଷକଙ୍କ ଅବହେଳାରୁ ଏଭଳି ଘଟିଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

---

# ଭୁଶୁଡ଼ିଲା ମାର୍କେଟ୍ କମ୍ପ୍ଲେକ୍ସ; ଜଣେ ମୃତ



କୋରାପୁଟ, ୧୩।୯ (ସମିସ): ଜିଲ୍ଲା ପୁଲିସ ମୁଖ୍ୟାଳୟ ସମ୍ମୁଖ କୋରାପୁଟ ପୌରପରିଷଦର ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଛାତ ଭୁଶୁଡ଼ି ପଡିବାରୁ ଜଣଙ୍କର ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରୁ ଅନେକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ମୃତକ ହେଲେ, ଲୋକନାଥ ପାତ୍ର (୬୨) । ସୂଚନାନୁଯାୟୀ, ଉକ୍ତ କମ୍ପେଲକ୍ସର ହରି ପାତ୍ର ବେକେରୀରେ ମରାମତି କାର୍ଯ୍ୟ ଚାଲୁଥିଲା ବେଳେ ଅଚାନକ ଛାତ ଭୁଶୁଡ଼ି ପଡ଼ିଥିଲା । ଫଳରେ କମ୍ପ୍ଲେକ୍ସର ଉପର ମହଲା ମଧ୍ୟ ଧରାଶାୟୀ ହୋଇଥିଲା । ସୌଭାଗ୍ୟବଶତଃ ଷ୍ଟଲ୍ ଭିତରେ କାମ କରୁଥିବା ଶ୍ରମିକମାନେ ଦୌଡ଼ି ବାହାରକୁ ଚାଲି ଆସିଥିଲେ । କିନ୍ତୁ ବେକେରୀ ସମ୍ମୁଖରେ ପାନ ଦୋକାନ କରି ପରିବାର ଚଳାଉଥିବା ବେକେରୀ ମାଲିକଙ୍କ ଭାଇ ଲୋକନାଥ ପାତ୍ର ଛାତ ତଳେ ଚାପି ହୋଇ ରହି ଯାଇଥିଲେ । ଖବର ପ୍ରଚାର ହେବା ମାତ୍ରେ ୬ଟି ଜେସିବି ମେସିନ୍ ସହ ଓଡ୍ରାଫ ଟିମ୍ କୋରାପୁଟ, ଜୟପୁର, ସେମିଳିଗୁଡା ଏବଂ ଲକ୍ଷ୍ମୀପୁର ଅଗ୍ନିଶମ ବିଭାଗ କର୍ମଚାରୀ ତଲାସୀ କୁକୁର ନେଇ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ।

କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଏବଂ ଅନ୍ୟ ଅଧିକାରୀ ସେଠାରେ ପହଞ୍ଚିଥିଲେ । କଟର୍ ଦ୍ୱାରା ଛାତ କାଟି ଚାପି ହୋଇ ରହିଥିବା ଲୋକନାଥ ପାତ୍ରଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲକୁ ନିଆଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । କମ୍ପେଲକ୍ସ ପ୍ରାୟ ୪୦ବର୍ଷ ପୁରୁଣା ଓ ଅତ୍ୟନ୍ତ ବିପଜ୍ଜନକ ଅବସ୍ଥାରେ ଥିବାରୁ ଜିଲ୍ଲା ପ୍ରଶାସନ ଏହାକୁ ବିପଦସଂକୁଳ ବୋଲି ଘୋଷଣା କରିଛି । କୌଣସି ବ୍ୟବସାୟୀ ବିଶ୍ୱାସ ରାୟ ମାର୍କେଟ୍ କମ୍ପ୍ଲେକ୍ସରେ ଦୋକାନ ନ ଖୋଲିବା ଏବଂ ଜନସାଧାରଣ ସେଠାକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି । ଅନ୍ୟପକ୍ଷରେ, ମୃତକଙ୍କ ପରିବାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ୩୦ହଜାର ଟଙ୍କା ସହାୟତା ଦିଆଯାଇଛି ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ଅନୁରୋଧ କରାଯାଇଥିବା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

---

## ସହକାରୀ ଜିଲ୍ଲାପାଳ ସୁସ୍ମିତା ମିଞ୍ଜ ମୃତ୍ୟୁ ମାମଲା

# ସତ୍ୟପାଠ ଦାଖଲ କରିବେ ଗୃହ ସଚିବ ଓ ଡିଜିପି

କଟକ, ୧୩।୯ (ସମିସ): ରାଉରକେଲାର ତତ୍କାଳୀନ ସହକାରୀ ଜିଲ୍ଲାପାଳ ସୁସ୍ମିତା ମିଞ୍ଜ ମୃତ୍ୟୁ ମାମଲାରେ ପୁଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ବା ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗରେ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଏହି ମାମଲାରେ ସତ୍ୟପାଠ ଦେବାକୁ ରାଜ୍ୟ ଗୃହ ସଚିବ ଓ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ । ସୁସ୍ମିତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ସହ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରାର୍ଥନା କରି ସୁସ୍ମିତାଙ୍କ ଭାଇ ସନ୍ଦୀପ ମିଞ୍ଜଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଚିତ୍ତରଂଜନ ଦାଶ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆବେଦନକାରୀ ଆଣିଥିବା ଅଭିଯୋଗ ଉପରେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ପୁଲିସ ପ୍ରଶାସନ ଜବାବ ରଖିବ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୨୨ତାରିଖକୁ ଧାର୍ଯ୍ୟ କରାଯାଇଛି । ମାମଲାରୁ ପ୍ରକାଶ, ସୁସ୍ମିତାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାର କ୍ରାଇମବ୍ରାଞ୍ଚ ବା ଅନ୍ୟ ସ୍ୱାଧୀନ ଏଜେନ୍ସି ମାଧ୍ୟମରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଛି । ପୀଡ଼ିତ ପରିବାର ଦେଇଥିବା ଏତଲା ପୁଲିସ ପଞ୍ଜୀକରଣ କରୁନାହିଁ । ଏଥିସହ ଘଟଣାର ମଧ୍ୟ ଉପଯୁକ୍ତ ତଦନ୍ତ ମଧ୍ୟ ପୁଲିସ କରୁନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା । ଗତ ୨୦୨୩ ସେପ୍ଟେମ୍ବରରେ ସୁସ୍ମିତାଙ୍କ ମୃତଦେହ ଏକ ପୋଖରୀରୁ ମିଳିଥିଲା । ରାଉରକେଲା ପ୍ଲାଣ୍ଟସାଇଟ୍ ଥାନାରେ ଏ ସଂକ୍ରାନ୍ତରେ କେବଳ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା । ପୂର୍ବରୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆବେଦନକାରୀ ସାନି ଅଭିଯୋଗ କରିଥିଲେ । ହେଲେ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ନିଆଯାଇନଥିଲା । ମାମଲାରେ ଗୃହ ସଚିବ, ପୁଲିସ ଡିଜି, ରାଉରକେଲା ଏସପି, ଉଦିତନଗର ଥାନା, ପ୍ଲାଣ୍ଟ ସାଇଟ ଥାନା ଆଇଆଇସି, ଓ କ୍ରାଇମବ୍ରାଞ୍ଚ ଏଡିଜିଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି ।

---

## ଇନ୍‌ଷ୍ଟାଗ୍ରାମ୍‌ରୁ ପ୍ରେମ, ପ୍ରତାରଣା

# ବିବାହ ପ୍ରତିଶ୍ରୁତି ଦେଇ ଦିବ୍ୟାଙ୍ଗ ଯୁବକଙ୍କଠାରୁ ଟଙ୍କା ଲୁଟ୍

ରାଜନଗର, ୧୩।୯ (ସମିସ): ଇନ୍‌ଷ୍ଟାଗ୍ରାମ୍‌ରୁ ପ୍ରେମ, ପ୍ରେମରୁ ପ୍ରତାରଣା । ପ୍ରତାରଣାର ଶିକାର ହୋଇଛନ୍ତି ଜଣେ ଦିବ୍ୟାଙ୍ଗ ଯୁବକ । ପ୍ରେମ ଜାଲରେ ଫସାଇ, ବିବାହର ପ୍ରଲୋଭନ ଦେଖାଇ ଜଣେ ଯୁବତୀ ତାଙ୍କଠାରୁ ୧ ଲକ୍ଷ ୨୫ ହଜାର ଟଙ୍କା ଲୁଟି ନେଇଛି । ଠକେଇର ଶିକାର ଯୁବକଜଣଙ୍କ ହେଲେ, କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ପ୍ରହରାଜପୁର ଗ୍ରାମର ନବକିଶୋର ପ୍ରଧାନ ।

ନବ ଜଣେ ଦିବ୍ୟାଙ୍ଗ । ଦୁର୍ଘଟଣାରେ ସେ ଡାହାଣ ଗୋଡ଼ ହରାଇବା ପରେ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀଠାରେ ରହି ଟ୍ରେନରେ ଜିନିଷପତ୍ର ବିକ୍ରି କରି ପେଟ ପୋଷୁଥିଲେ । କିଛି ମାସ ତଳେ ରାଜନଗର ବ୍ଲକ୍ ବାଲିକଣା ଗ୍ରାମର ଜଣେ ଯୁବତୀଙ୍କ ସହ ଇନଷ୍ଟାଗ୍ରାମ୍‌ରେ ତାଙ୍କର ପରିଚୟ ହୋଇଥିଲା । ଚାଟିଂରୁ ଉଭୟଙ୍କ ଭିତରେ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା । କିଛି ମାସ ଏମିତି ଚାଲିବା ପରେ ଯୁବତୀଜଣଙ୍କ ନବଙ୍କୁ ବିବାହର ପ୍ରତିଶ୍ରୁତି ଦେଇଥିଲେ ଏବଂ ବିଭିନ୍ନ ଆଳ ଦେଖାଇ ବିଭିନ୍ନ ପର୍ଯ୍ୟାୟରେ ତାଙ୍କଠାରୁ ୧ଲକ୍ଷ ୨୫ହଜାର ଟଙ୍କା ନେଇଥିଲେ । ତେବେ ନବ ବିବାହ ପାଇଁ କହିବାରୁ ଯୁବତୀଜଣଙ୍କ ତାଙ୍କୁ ବ୍ଲାକମେଲ୍ କରିବା ଆରମ୍ଭ କରିଦେଇଥିଲେ । ଟ୍ରେନ୍‌ରେ ଜିନିଷପତ୍ର ବିକି ନବ ଯାହା ସଞ୍ଚୟ କରିଥିଲେ, ତାହା ଯିବା ପରେ ଏବେ ନବ ହତୋତ୍ସାହିତ ହୋଇପଡ଼ିଛନ୍ତି । ଏ ସଂପର୍କରେ ସେ ରାଜନଗର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି ।

---

## ୩୦ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ୩୦୬୬୯୫ ମାମଲାର ଫଏସଲା

କଟକ, ୧୩।୯ (ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାଜ୍ୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଜ୍ୟବ୍ୟାପୀ ୩୦ଗୋଟି ଜିଲ୍ଲା ଓ ବିଭିନ୍ନ ତାଲୁକ ସ୍ତରରେ ଆଜି ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୩,୦୬,୬୯୫ଟି ମାମଲା ଫଏସଲା ହୋଇଛି ଓ ମୋଟ ୨୬୫କୋଟି ୨୬ଲକ୍ଷ ୯୫ହଜାର ୭୩୯ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ ହୋଇଛି । ସମାଧାନ ହୋଇଥିବା ମାମଲା ଗୁଡିକ ମଧ୍ୟରେ ପ୍ରାକ ମକଦ୍ଦମା ସ୍ତରୀୟ ୭୬୪୪ଟି ମାମଲା ଓ ବିଚାରାଧିନ କୋର୍ଟ ମାମଲା ୨୨୯୩୬ଟି ଓ ୨,୭୬,୦୯୩ଟି ରାଜସ୍ୱ ମାମଲା ଏହିପରି ମୋଟ ୩,୦୬,୬୯୫ଟି ମାମଲା ଫଏସଲା କରାଯାଇଛି । ଫଏସଲା ହୋଇଥିବା ବିଚାରାଧୀନ ମାମଲା ଗୁଡିକ ମଧ୍ୟରେ ୩୭୦ଟି ଫୌଜଦାରୀ (କ୍ରିମିନାଲ କମ୍ପାଉଣ୍ଡେବଲ), ଏନଆଇ ଆକ୍ଟ ମାମଲା ୨୨୦୦ଟି, ଟଙ୍କା ଅସୁଲି ମାମଲା ୬୮୨ଟି ଓ ୧୩୦୯ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲା ଫଏସଲା କରାଯାଇପାରିଛି । ସେହିଭଳି ୬୬୦ଟି ପାରିବାରିକ ଓ ବୈବାହିକ ବିବାଦ(ବିବାହ ବିଚ୍ଛେଦ ବ୍ୟତୀତ), ୨ଟି ଜମି ଅଧିଗ୍ରହଣ ବିବାଦ, ୩୫ଟି ବିଦ୍ୟୁତ, ଜଳ ବିଲ୍ ସଂପର୍କିତ, ୩୯ଟି ଶ୍ରମ ଓ ନିୟୋଜନ ସଂପର୍କିତ ୨୭୬୦୯୩ଟି ରାଜସ୍ୱ ମାମଲା, ଅନ୍ୟାନ୍ୟ ଫୌ÷ଜଦାରୀ ମାମଲା ୧୫,୩୭୯ଟି ,ଖାଉଟି ଓ କ୍ୱାସି ଜୁଡିସିଆଲ ମାମଲା ୩୨ଟି, ୨୨୨୮ଟି ଅନ୍ୟାନ୍ୟ ଦେୱାନୀ ମାମଲା ,ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ୨ଟି, ଡିଆରଟି ମାମଲା ୮ଟି , ଶିକ୍ଷା ଟ୍ରିବୁନାଲ ମାମଲା ୮ଟି, ଶ୍ରମ ଅଦାଲତ ମାମଲା ୨ଟି, ଶିଳ୍ପ ଟ୍ରିବୁନାଲ ମାମଲା ୨ଟି ଅନ୍ତର୍ଭୁକ୍ତ ବୋଲି ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି । ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ହରିଶ ଟଣ୍ଡନ, ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଂଜନ ପାଠକଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ଲୋକ ଅଦାଲତ ରାଜ୍ୟର ବିଭିନ୍ନ ଜିଲ୍ଲା, ତାଲୁକ ଓ ଟ୍ରିବୁନାଲ ସ୍ତରରେ ଅନୁଷ୍ଠିତ ହୋଇଥିଲା ।

**୨୬୫କୋଟି ଟଙ୍କା କ୍ଷତିପୂରଣ ରାଶି ସ୍ଥିରୀକୃତ**

---

# ତୃତୀୟ ଶ୍ରେଣୀ ଛାତ୍ରକୁ ବାକ୍ସରେ ପୂରାଇଦେଲେ ସହପାଠୀ

ବଣାଇଁ, ୧୩।୯ (ସମିସ): ଜଣେ ତୃତୀୟ ଶ୍ରେଣୀ ଛାତ୍ରକୁ ସହପାଠୀ ଏକ ବାକ୍ସ ଭିତରେ ପୂରାଇଦେବା ଏବଂ ୪ ଘଣ୍ଟା ପରେ ଛାତ୍ରଜଣଙ୍କ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣା ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ବ୍ଲକ୍ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଜର୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଏହି ଅଘଟଣ ଘଟିଛି । ସୂଚନାନୁସାରେ, ଶୁକ୍ରବାର ସ୍କୁଲ ହଷ୍ଟେଲରେ ରହୁଥିବା ଦୁଇ ଛାତ୍ରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଫଳରେ, ତୃତୀୟ ଶ୍ରେଣୀର ସ୍ୱସ୍ତିକ କିସାନ ନାମକ ଜଣେ ଛାତ୍ରକୁ ଅନ୍ୟ ଜଣେ ଛାତ୍ର ଏକ ବାକ୍ସରେ ବନ୍ଦ କରିଦେଇଥିଲା । ସ୍ୱସ୍ତିକ କ୍ଲାସ୍‌କୁ ନ ଆସିବାରୁ ଶିକ୍ଷକ ଏବଂ ଅନ୍ୟ ଛାତ୍ରଛାତ୍ରୀମାନେ ତାକୁ ଖୋଜାଖୋଜି କରିଥିଲେ । କିନ୍ତୁ ଦୀର୍ଘ ସମୟ ପରେ ମଧ୍ୟ ନ ପାଇବାରୁ ପ୍ରଧାନ ଶିକ୍ଷକ ତା' ପରିବାରଲୋକଙ୍କୁ ଖବର ଦେଇଥିଲେ । ବାପା-ମାଆ ମଧ୍ୟ ସ୍କୁଲରେ ପହଞ୍ଚି ଖୋଜାଖୋଜି କରିଥିଲେ । ତେବେ ଦୀର୍ଘ ୪ ଘଣ୍ଟା ପରେ ସ୍ୱସ୍ତିକର ବାକ୍ସକୁ ଖୋଲିବାରୁ ତା' ଭିତରେ ସେ ମୁମୂର୍ଷୁ ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ । ଚେତା ଫେରିବା ପରେ ବାପା-ମାଆ ତାକୁ ସାଙ୍ଗରେ ଘରକୁ ନେଇଯାଇଥିଲେ । ଏ ସଂପର୍କରେ ପ୍ରଧାନ ଶିକ୍ଷକ ଗଙ୍ଗାଧର ସେଠଙ୍କ ପଚାରିବାରୁ ଛାତ୍ରଜଣଙ୍କ ବଡ଼ଛାତ୍ରଙ୍କ ମାଡ଼ ଭୟରେ ନିଜ ବାକ୍ସରେ ପଶି ଲୁଚି ରହିଥିବା କହିଥିଲେ ।

**ଅଚେତ ଅବସ୍ଥାରେ ଉଦ୍ଧାର**

# ୬୨୯ ଫୁଟ୍ ଛୁଇଁଲା ହୀରାକୁଦ ଜଳସ୍ତର


ସମ୍ବଲପୁର, ୧୩।୯ (ସମିସ): ଶନିବାର ଅପରାହ୍ଣ ୩ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୯୧ ଫୁଟ୍ ଛୁଇଁଛି । ନଦୀବନ୍ଧର ବାମ ପାର୍ଶ୍ୱ ଓ ଡାହାଣ ପାର୍ଶ୍ୱର ଗୋଟିଏ ଲେଖାଏଁ ଏହିଭଳି ମୋଟ ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି । ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୨,୪୯୪ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୪,୩୭୫ ଘନଫୁଟ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୩୨,୭୦୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚେନାଲ ଦେଇ ୨୭,୦୬୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୪୩ ଘନଫୁଟ, କେନାଲ ପାଇଁ ୪,୩୫୯ ଘନଫୁଟ ଜଳ ନିଷ୍କାସିତ ହେଉଛି । ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩.୨୦ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୩.୨୮ ମିମି ବର୍ଷା ହୋଇଥିବା ସୂଚନା ମିଳିଛି । ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୩୩ ଫୁଟ୍ ରହିଥିଲା ।





# ବଡ଼ ବଜେଟ୍‌ର 'ଚ୍ୟାଲେଞ୍ଜ'

ଚଳିତ ଦଶହରାରେ ମୁକ୍ତିଲାଭ କରିବ ବିଗ୍ ବଜେଟ ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଅର୍ଦ୍ଧେନ୍ଦୁ ସାହୁ, ଏଲିନା ସାମନ୍ତରାୟ, ପୁପିନ୍ଦର ସିଂହ, ଲିପି ମହାପାତ୍ର, ହରିହର ମହାପାତ୍ର ଏବଂ ପୁନିତ ଇଶାର୍‌ଙ୍କୁ ନେଇ ନିର୍ମାଣ ହୋଇଛି ଏହି ବଡ଼ ବଜେଟ୍‌ର ସିନେମା। ଏଥିରେ ଆକ୍ସନ ଷ୍ଟାର୍ ଅର୍ଦ୍ଧେନ୍ଦୁଙ୍କ ଜବରଦସ୍ତ ଆକ୍ସନ ଦେଖିବାକୁ ପାଇବେ ଦର୍ଶକେ। ଏହାସହ ପୁପିନ୍ଦର, ଲିପିଙ୍କ ପୁରୁଣା ଯୋଡ଼ିକୁ ପୁଣି ଥରେ ମନେ ପକାଇବେ। 'ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର୍'ରେ ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଜୀ ସାର୍ଥକର ସହଭାଗିତାରେ ପ୍ରସ୍ତୁତ ହୋଇଥିବା ଏହି ଚଳଚ୍ଚିତ୍ରକୁ ସାଇ କିରଣ ମଙ୍ଗରାଜ ନିର୍ଦ୍ଦେଶନା ଦେଇଛନ୍ତି। କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ମାନସ ପଡ଼ିଆରୀ। ସିନେମାର ଚିତ୍ରତ୍ତୋଳନ କରିଛନ୍ତି ପ୍ରତାପ ରାଉତ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରଭ ଆନନ୍ଦ। ତେବେ ଏହା ଦଶହରାରେ ଦର୍ଶକଙ୍କର ଯଥେଷ୍ଟ ମନୋରଞ୍ଜନର ଖୋରାକ ଯୋଗାଇବ ବୋଲି ପ୍ରଯୋଜନା ସଂସ୍ଥା ପ୍ରକାଶ କରିଛନ୍ତି। ■



# ଓଡ଼ିଆ ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା କହୁଛି ଲହରୀ

**କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ଓ ମେଲବୋର୍ଣ୍ଣ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିବା ପରେ 'ଲହରୀ' ବଡ଼ ପରଦାରେ ମୁକ୍ତିଲାଭ କରିଛି। ଏହି ସିନେମାରେ ରହିଛି ମାଟିର କଥା ଓ ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ପର୍ଯ୍ୟଟନ ବିକାଶର କଥା। ସାମାଜିକ ଜୀବନରେ ମୂଳ ତତ୍ତ୍ୱ ସହ ନିଜକୁ ଯୋଡ଼ି ରଖିବା ଓ ବାପ ପୁଅର ସମ୍ପର୍କ ଉପରେ ଆଧାରିତ ଏହାର କାହାଣୀ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବା ପ୍ରଥମ ଦିନରୁ ଜଣାପଡ଼ିଛି।**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଫିଲ୍ମର ନିର୍ଦ୍ଦେଶନା ଦେଇଥିବା ବେଳେ ପ୍ରଯୋଜନା କରିଛନ୍ତି ଓଡ଼ିଶାର ଲୋକପ୍ରିୟ ଅଭିନେତ୍ରୀ ତଥା ସ୍ୱନାମଧନ୍ୟ ଯୁବ ନିର୍ମାତ୍ରୀ ଝିଲିକ୍ ଭଟ୍ଟାଚାର୍ଯ୍ୟ। ଏଥିରେ ବିଭିନ୍ନ ଭୂମିକାରେ ଚୌଧୁରୀ ଜୟପ୍ରକାଶ ଦାସ, ଚୌଧୁରୀ ବିକାଶ ଦାସ, ସ୍ମୃତି ମହଲା, ଦୀପାନ୍ୱିତ ଦାସ ମହାପାତ୍ର, ସୁଶାନ୍ତ ମିଶ୍ର, ହର ରଥ, ପ୍ରସେନଜିତ୍, ସ୍ୱସ୍ତିକ ଚୌଧୁରୀ ପ୍ରମୁଖ ଅଭିନୟ କରିଥିବା ବେଳେ ଲୋକପ୍ରିୟ ତାରକା ଦେବାଶିଷ ପାତ୍ର ଅତିଥି କଳାକାର ଭୂମିକାରେ ଏବଂ ସୁପରଷ୍ଟାର ବାବୁଶାନ ମହାନ୍ତିଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଛି। ସିନେମାରେ ଥିବା 'ଝିଅର ସ୍କୁ ଟା ଢିଲା..' ଗୀତଟି ଏବେ ଟ୍ରେଣ୍ଡିଙ୍ଗରେ ରହିଥିବା ବେଳେ ଏଥିରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଓ ନବ୍ୟା ଜାଇତି। ସାରା ଓଡ଼ିଶାରେ ୩୧ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ଏହି ସିନେମାର ଗ୍ରାଣ୍ଡ ପ୍ରିମିୟର ରାଜଧାନୀର ଏସ୍‌ପ୍ଲାନେଡ୍ ସିନେପଲିସରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ରାଜନେତା ପ୍ରଫୁଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କେକ୍ କାଟିବା ସହ 'ଲହରୀ'ର ଟିମ୍ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବୁକ୍ ମାଇଁ ଶୋ' ପ୍ରଥମ ଦିନ ପ୍ରତ୍ୟେକ ଟିକଟ୍ ଉପରେ ୫୦ ପ୍ରତିଶତ ରିହାତି ଥିବା ବେଳେ ପ୍ରଥମ ଦିନର ପ୍ରଥମ ଶୋ ହାଉସଫୁଲ୍ ଦେଖିବାକୁ ମିଳିଥିଲା। ସିନେମାଟି ଉଭୟ କଳାତ୍ମକ ଏବଂ ବ୍ୟାବସାୟିକ ଦୃଷ୍ଟିକୋଣରୁ ବେଶ୍ ଭଲ ହୋଇଛି ବୋଲି ଦର୍ଶକ ମତବ୍ୟକ୍ତ କରିଛନ୍ତି। ■




ପରଦା ପଛର କାହାଣୀ

# ଅଭିନେତ୍ରୀଙ୍କୁ ବଞ୍ଚାଇବାକୁ ନିଆଁକୁ ଡେଇଁଥିଲେ ଅଭିନେତା

୧୯୫୭ ମସିହାରେ ମୁକ୍ତିଲାଭ କରିଥିଲା କଲ୍ଟ୍ କ୍ଲାସିକ୍ ଫିଲ୍ମ 'ମଦରଇଣ୍ଡିଆ'। ଏହି ଫିଲ୍ମରେ ଅଭିନେତ୍ରୀ ନର୍ଗିସ୍, ଅଭିନେତା ସୁନିଲ ଦତ୍ତ ଏବଂ ରାଜେନ୍ଦ୍ର କୁମାର ଚମତ୍କାର ଅଭିନୟ କରିଛନ୍ତି। ଏଥିରେ ନର୍ଗିସ୍ ଦୁଇଜଣ ଅଭିନେତାଙ୍କ ମାଆ ଚରିତ୍ରରେ ଅଭିନୟ କରିଥିଲେ। ନିକଟରେ ଏହି ଫିଲ୍ମ ସହ ଜଡ଼ିତ ଏକ ରୋଚକୀୟ ଫଟୋ ସାମ୍ନାକୁ ଆସିଛି। ଯେଉଁଥିରେ ଅଭିନେତା ନିଜ ଜୀବନକୁ ବାଜି ଲଗାଇ ଅଭିନେତ୍ରୀଙ୍କୁ ବଞ୍ଚାଇ ଥିଲେ। 'ମଦର ଇଣ୍ଡିଆ'ର ସୁଟିଂ ସମୟରେ ସେଟ୍‌ରେ ନିଆଁ ଲାଗିଯାଇଥିଲା। ଅଧିକାଂଶ କ୍ରିଉ ମେମ୍ବର ଓ ଅଭିନେତ୍ରୀ ସେହି ନିଆଁ ମଧ୍ୟରେ ଫସି ରହିଥିଲେ। ନର୍ଗିସଙ୍କୁ ନିଆଁରେ ଦେଖି ଅଭିନେତା ତାଙ୍କୁ ବଞ୍ଚାଇବାକୁ ଭୟଙ୍କର ନିଆଁ ମଧ୍ୟକୁ ଝାସ ଦେଇଥିଲେ। ଅଭିନେତ୍ରୀଙ୍କୁ ବଞ୍ଚାଇବା ପାଇଁ ସୁନୀଲ ଦତ୍ତ ସେହି ନିଆଁରେ ଫସି ଯାଇଥିଲେ। ଏଥିରେ ତାଙ୍କ ମୁହଁର କିଛି ଅଂଶ ଜଳି ଯାଇଥିଲା। ସୁନୀଲ ସୁସ୍ଥ ହେବା ଯାଏ ତାଙ୍କ ସହିତ ରହି ନର୍ଗିସ୍ ଦେଖାଶୁଣା କରିଥିଲେ। ଏହି ସମୟରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିଛି ଦିନ ପରେ ନର୍ଗିସଙ୍କୁ ବିବାହ ପାଇଁ ସୁନୀଲ ଦତ୍ତ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମନା କରିବା ପରେ ଦ୍ୱିତୀୟ ଥର ନର୍ଗିସ୍ ବିବାହ ପାଇଁ ରାଜି ହୋଇଥିଲେ। ଏହାପରେ ୧୯୫୮ ମସିହାରେ ଦୁହେଁ ବିବାହ କରିଥିଲେ।



ନିକଟରେ ସାମାଜିକ ଗଣମାଧ୍ୟମରେ ସୁନିଲ ଦତ୍ତ ଓ ନର୍ଗିସଙ୍କ ଏକ ଫଟୋ ଭାଇରାଲ୍ ହୋଇଥିବା ଦେଖିବାକୁ ମିଳିଛି। ଏହା 'ମଦର ଇଣ୍ଡିଆ' ଫିଲ୍ମର ନିଆଁ ଲାଗିବା ସମୟର ଦୃଶ୍ୟ ବୋଲି ଜଣାପଡ଼ିଛି। ■

# ୨୨ରୁ ଆଓ ନେକ୍ସଟ୍‌ରେ ଘମାଘୋଟ୍



ଓଡ଼ିଶାର ବିଭିନ୍ନ ଫିଲ୍ମ ହଲ୍‌ରେ ଦର୍ଶକଙ୍କ ଭଲ ପାଇବା ସାଉଁଟିବା ପରେ ଓଡ଼ିଆ ହାଇ-ଆକ୍ସନ ଫିଲ୍ମ 'ଘମାଘୋଟ୍' ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ଓଡ଼ିଶାର ଲୋକପ୍ରିୟ ଷ୍ଟ୍ରିମିଂ ପ୍ଲାଟଫର୍ମ 'ଆଓ ନେକ୍ସଟ୍'ରେ ଡିଜିଟାଲ ପ୍ରିମିୟର ହେବାକୁ ଯାଉଛି। କୌଶିକ ଦାସଙ୍କ ଦ୍ୱାରା ପ୍ରଯୋଜିତ ଓ ରାଜା.ଡି.ଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଘମାଘୋଟ୍' ଗତ ମାର୍ଚ୍ଚ ମାସରେ ହଲ୍‌ରେ ରିଲିଜ ହୋଇ ବକ୍ସ ଅଫିସ୍‌ରେ ହିଟ୍ ହୋଇଥିଲା। ଜବରଦସ୍ତ ଡ୍ରାମା ଏବଂ ଆକର୍ଷଣୀୟ କାହାଣୀ ସହିତ ଏହି ଫିଲ୍ମଟି ଗ୍ୟାଙ୍ଗ ୱାର୍‌ର ଅନ୍ଧାର ଦୁନିଆର ଗଭୀରତାକୁ ଅତି ସରଳ ଭାବରେ ଦର୍ଶକଙ୍କ ପାଖରେ ପହଞ୍ଚାଇ ଥିଲା। ନିର୍ଦ୍ଦେଶକ କହିଛନ୍ତି ଯେ, ଆକ୍ସନ୍ ସିକ୍ୱେନ୍ସ ଗୁଡ଼ିକ ରଶି ବିନା ପ୍ରଦର୍ଶନ କରାଯାଇଥିଲା। ଫଳରେ ଫାଇଟ୍ ଦୃଶ୍ୟଗୁଡ଼ିକ ଅତ୍ୟନ୍ତ ନିଚ୍ଛକ ଏବଂ ବାସ୍ତବବାଦୀ ହୋଇଛି। ଫିଲ୍ମରେ ଅଭିଷେକ ପଣ୍ଡା, ଦୀପକ ପରିଡ଼ା, ବିଶ୍ୱଜିତ ରାଉତ, ଜ୍ୟୋତି, ଆକାଶ ହୋତା, ଆକାଶ ରାଉତ, ସନ୍ଦୀପ ମିଶ୍ର, ସନୋଜ କୁମାର, ଗୋଲ୍ଡି ଦାସ, ଶକ୍ତି, ରାଜେଶ କୁମାର ସାହୁ, ତପି ମିଶ୍ର, ଆଇମନ୍ ପ୍ରଧାନ, ଶୈଳେନ୍ଦ୍ର ସାମନ୍ତରାୟ ଏବଂ କ୍ରୀଷ୍ଣା କରଙ୍କ ପରି ପ୍ରତିଭାଶାଳୀ କଳାକାରମାନେ ନିଜର ଅଭିନୟର ଯାଦୁ ଦେଖାଇଛନ୍ତି। ତେବେ ଯେଉଁ ଦର୍ଶକମାନେ ଫିଲ୍ମଟିକୁ ହଲରେ ଦେଖି ପାରି ନ ଥିଲେ ସେମାନେ ସେପ୍ଟେମ୍ବର ୨୨ରୁ ଆଓ ନେକ୍ସଟରେ ଏହି ଓଡ଼ିଆ ହାଇ-ଆକ୍ସନ ଫିଲ୍ମ ଦେଖିପାରିବେ। ■

# 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍'ରେ ରଞ୍ଜିତ ବେଦୀ



ଜୀ ସାର୍ଥକରେ ପ୍ରସାରିତ ହେଉଥିବା ଓଡ଼ିଶାର ବଡ଼ ରିୟାଲିଟି ଶୋ' "ଓଡ଼ିଶାର ବେଷ୍ଟ ସିନେ ଷ୍ଟାରର ଖୋଜ୍" ମଞ୍ଚରେ ମୁମ୍ବାଇ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିର ବରିଷ୍ଠ ଅଭିନେତା ତଥା ପ୍ରଖ୍ୟାତ ଖଳନାୟକ ରଞ୍ଜିତ ବେଦୀ ଅତିଥି ବିଚାରକ ଭାବେ ଯୋଗ ଦେଇଛନ୍ତି। ଓଡ଼ିଶାର ପ୍ରତିଟି କୋଣ ଅନୁକୋଣରେ ଥିବା ପ୍ରତିଭାବାନ କଳାକାର ସୃଷ୍ଟି କରିବା ପାଇଁ ଜୀ ସାର୍ଥକ ଯେଉଁ ପ୍ଲାଟଫର୍ମ ଯୋଗାଇଦେଉଛି ସେଥିପାଇଁ ଚ୍ୟାନେଲକୁ ସାଧୁବାଦ ଜଣାଇଛନ୍ତି ରଞ୍ଜିତ। ପରିଶ୍ରମ କଲେ ନିଶ୍ଚିତ ଭାବେ ଜଣେ ଜଣେ ସୁପ୍ରତିଷ୍ଠିତ କଳାକାର ହୋଇପାରିବେ ବୋଲି ସେ କହିଛନ୍ତି। ତେବେ ଏହି ଶୋ' ହେଉଛି ଏକ ଅନନ୍ୟ ପ୍ରତିଭା ଖୋଜିବାର ପ୍ରୟାସ। ଏହି ରିୟାଲିଟି ଶୋ'ରେ ବିଭିନ୍ନ ନାଟକୀୟ ଦୃଶ୍ୟଠାରୁ ଆରମ୍ଭ କରି କମେଡି ଡ୍ରାମା ସହ ଆକ୍ସନ ସିକ୍ୱେନ୍ସ ପର୍ଯ୍ୟନ୍ତ ନିଜର ପ୍ରତିଭା ଦ୍ୱାରା ଏହି ମଞ୍ଚକୁ ଜୀବନ୍ତ କରିବେ ପ୍ରତିଯୋଗୀ। ବିଭିନ୍ନ ପର୍ଯ୍ୟାୟରେ ପ୍ରତିଯୋଗୀମାନେ ନିଜର କଳା ପ୍ରଦର୍ଶନ କରିବେ ଓ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ବିଜୟୀ ମୁକୁଟ ପିନ୍ଧିବେ। ସେମାନଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ। ଏହି ରିୟାଲିଟି ଶୋ'ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପ୍ପା ରହିଛନ୍ତି। ଉପସ୍ଥାପନା ଦାୟିତ୍ୱ ତୁଲାଉଛନ୍ତି ଅଭିନେତ୍ରୀ ଅନନ୍ୟା ଏବଂ ଅଭିନେତା ରଞ୍ଜନ। ■

# "ସଫଳ କଳାକାର ହେବା ମୋର ଲକ୍ଷ୍ୟ"

## ରିତିକ୍ ପାଣିଗ୍ରାହୀ



ଭାଷା ଅପେକ୍ଷା ଭାବନାକୁ ନୃତ୍ୟ ଅଧିକ ଗଭୀର ଭାବରେ ପ୍ରସାର କରିବାରେ କ୍ଷମତା ପ୍ରଦାନ କରିଥାଏ। ଅଙ୍ଗଭଙ୍ଗୀ ମାଧ୍ୟମରେ ଜଣେ ନୃତ୍ୟଶିଳ୍ପୀ ନିଜର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିପାରନ୍ତି। ତେବେ ଖୁବ୍ କମ୍ ନୃତ୍ୟଶିଳ୍ପୀଙ୍କ ଭାଗ୍ୟ ତାଙ୍କୁ କଳାକାର ସଜାଇଦିଏ। ଏମିତି ଜଣେ ଉଦୀୟମାନ କଳାକାର ହେଉଛନ୍ତି ରାଉରକେଲାର ରିତିକ୍ ପାଣିଗ୍ରାହୀ। 'ଡିଓଡି' ଓ 'ବିଗ୍ ବ୍ରେକ୍-୨' ପରି ରିଆଲିଟି ଶୋ'ରେ ସେ ନିଜର ପ୍ରତିଭା ଦେଖାଇଥିଲେ। 'ଡିଓଡି' ପ୍ଲାଟ୍‌ଫର୍ମରେ ଫାଇନାଲିଷ୍ଟ ଟପ୍ ୧୮ ରେ ରହିଥିଲେ। ଅନେକ ଷ୍ଟେଜ୍ ପ୍ରୋଗ୍ରାମରେ ସେ ଦର୍ଶକଙ୍କ ମନ ଜିଣିଛନ୍ତି। ୪ରୁ ୫ଟି ମ୍ୟୁଜିକ୍ ଭିଡିଓରେ ସେ କାମ କରିସାରିଛନ୍ତି। 'ମଙ୍ଗୁଳା କନ୍ୟା' ତାଙ୍କର ପ୍ରଥମ ଧାରାବାହିକ। ତେବେ ଅଭିନୟ ଜଗତକୁ ସେ କେମିତି ଆସିଲେ, ଏଥିପାଇଁ ସେ କେତେ ସଂଘର୍ଷ କରିଛନ୍ତି ଜାଣିବା ତାଙ୍କଠାରୁ।

### ନୃତ୍ୟଶିଳ୍ପୀରୁ ଅଭିନେତା କେମିତି ହେଲେ?

● ପିଲାଟିଦିନରୁ ନୃତ୍ୟ ପ୍ରତି ମୋର ଦୁର୍ବଳତା ଥିଲା। ମୁଁ ସୁପରଷ୍ଟାର୍ ଶାହରୁଖ ଖାନ୍‌ଙ୍କ ବହୁତ ବଡ଼ ପ୍ରଶଂସକ। ବିଭିନ୍ନ ଷ୍ଟେଜ୍ ପ୍ରୋଗ୍ରାମରେ ନୃତ୍ୟ କରିଛି। ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ (ଡିଓଡି) ରେ ଭାଗ ନେଇ ଏଥିରେ ଟପ୍ ୧୮ ଯାଏଁ ରହିଛି। ବାପୀ ପଲେଇ ସାର୍ ଓ ରୋଜା ରଣା ମାଡାମ୍ ହେଉଛନ୍ତି ମୋ ନୃତ୍ୟ ଗୁରୁ/ ଗୁରୁମା। ଦଶମ ପରେ ମୁଁ 'ବିଗ୍ ବ୍ରେକ୍-୨' ରିଆଲିଟି ଶୋ'କୁ ଯାଇଥାଏ। ସେଠି ଟପ୍ ୧୬ ଯାଏଁ ଯାଇଥିଲି। 'ଏ ଜାଇଫୁଲ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ। ମୋର ବିପକ୍ଷରେ ଥିଲେ ଗାର୍ଗୀ। ଏହି ଭିଡିଓଟି ମୋର ୨୬ ଲକ୍ଷ ଭିଉ ଯାଇଥିଲା। ପରେ କିଛି ୟୁଟ୍ୟୁବ୍ ଚ୍ୟାନେଲର କାମ କରିଛି। 'ଲଭ୍ ଟ୍ୟୁନ୍' ସମେତ ୫ଟି ମ୍ୟୁଜିକ୍ ଆଲବମ୍ କରିବାକୁ ମୋତେ ସୁଯୋଗ ମିଳିଛି। ତାହାରି ଭିତରେ ମୋତେ ଅଭିନୟ କରିବାକୁ ବି ଇଚ୍ଛା ଥାଏ। ସ୍ନାତକ ପଢ଼ା ସମୟରେ ସିଦ୍ଧାର୍ଥ ଟିଭିର 'ମଙ୍ଗୁଳା କନ୍ୟା' ଧାରାବାହିକ ପାଇଁ ଅଡିସନ୍ ଦେବାକୁ ମୋତେ ସୁଯୋଗ ମିଳିଲା। ଏଥିରେ ମୁଖ୍ୟ ନାୟକ ଅନୁରାଗ ଚରିତ୍ରରେ କାମ କରିଥିଲି।

### ପ୍ରଥମ ପ୍ରୋଜେକ୍ଟରେ ଦର୍ଶକ ଗ୍ରହଣ କରିଥିଲେ କି?

● "ମଙ୍ଗୁଳା କନ୍ୟା' ଧାରାବାହିକରେ ଅନ୍ୟ ଜଣଙ୍କ ସ୍ଥାନରେ ଏହି ଚରିତ୍ର ମୋତେ ମିଳିଥିଲା। ପ୍ରଥମ ପ୍ରୋଜେକ୍ଟରେ ଦର୍ଶକଙ୍କଠାରୁ ଆଶାଠାରୁ ଅଧିକ ଭଲପାଇବା ପାଇଥିଲି। ଯେହେତୁ ପ୍ରଥମ ଧାରାବାହିକରେ ବରିଷ୍ଠ କଳାକାରଙ୍କ ସହ କାମ କରୁଥିଲି। ରାତି ରାତି ସୁଟ୍ କରିବା, ପାଠ ପାଇଁ ସମୟ ଦେବା, ସଂଳାପ କହିବା ଆଦି ସବୁ ପାଇଁ ସମୟ ଲାଗିଥିଲା। ବରିଷ୍ଠ କଳାକାରଙ୍କଠାରୁ ବହୁତ କିଛି ଶିଖିବାକୁ ମୋତେ ସୁଯୋଗ ମିଳିଥିଲା।

### ପଢ଼ା ଆଉ ଅଭିନୟ ପାଇଁ କେମିତି ସମୟ ଦିଅନ୍ତି?

● ଯେତେ କାମ କଲେ ବି ପାଠକୁ ଗୁରୁତ୍ୱ ଦେଇଆସିଛି। ଡ୍ୟାନ୍ସ, ମ୍ୟୁଜିକ୍ ଭିଡିଓ ଏବଂ ଧାରାବାହିକକୁ ବାଦ୍ ଦେଲେ, ଅନେକ ଗୁଡ଼ିଏ ବିଜ୍ଞାପନ କରିଛି। ଯେହେତୁ ମୁଁ ମାସ୍ କମ୍ୟୁନିକେସନ ଆଣ୍ଡ ଜର୍ଣ୍ଣାଲିଜିମ୍‌ରେ ସ୍ନାତକୋତ୍ତର କରିଥିଲି। ଏବେ ଏକ ଇଭେଣ୍ଟ କମ୍ପାନୀର ମିଡିଆ ପ୍ଲାନର ଭାବେ କାମ କରୁଛି। କାର୍ଯ୍ୟବ୍ୟସ୍ତତା ଯୋଗୁଁ ଅଭିନୟଠାରୁ ଦୂରେଇ ଯାଇଛି। ଭଲ କାହାଣୀ ମିଳିଲେ ମୁଁ ନିଶ୍ଚିତ କାମ କରିବି। ଏଥିପାଇଁ ପ୍ରସ୍ତୁତ ଜାରି ରଖିଛି। ଅଭିନୟ ମୋର ନିଶା, ଚାକିରି ମୋର ପେଶା।

### ଡ୍ରିମ୍ ରୋଲ୍?

● ଡ୍ରିମ୍ ରୋଲର ସ୍ୱପ୍ନ ମୁଁ ଦେଖିନି। କିନ୍ତୁ ହଁ ଜୀବନ ଥିବା ଯାଏଁ ମୁଁ ଅଭିନୟ ଆଉ ନୃତ୍ୟ ଜାରି ରଖିବି। ସଫଳ କଳାକାରଟିଏ ହେବା ମୋର ଲକ୍ଷ୍ୟ। ତେଣୁ ମୋତେ ଯେଉଁ ଚରିତ୍ର ମିଳିଲେ ମୁଁ କରିବି।

### ଅଭିନୟକୁ ମାର୍ଜିତ କରିବାକୁ କେମିତି ପ୍ରସ୍ତୁତ ହେବା ଦରକାର?

● ପ୍ରଥମେ ନିଜର ଗୋଲ୍ ସେଟ୍ କରନ୍ତୁ। ଫିଲ୍ମ ଲାଇନ୍‌ରେ ଯିବେ, କ'ଣ କରିପାରିବେ ତାହାକୁ ଗୁରୁତ୍ୱ ଦେଇ ଆଗକୁ ବଢ଼ନ୍ତୁ। ସବୁ ଲାଇନ୍‌ରେ କଷ୍ଟ ଆଉ ସଂଘର୍ଷ କରିବାକୁ ପଡ଼ିଥାଏ। ରାତିରାତି ସଫଳ ହେବାକୁ ଇଚ୍ଛା ନ ରଖି କଠିନ ପରିଶ୍ରମ କରନ୍ତୁ। ଚେଷ୍ଟା କରି ବିଫଳ ହେବାରେ ମଜା ଥାଏ। ସେହିପରି ସ୍କ୍ରିପ୍ଟ ଯାହା ମାଗୁଛି ତା' ଅନୁସାରେ ଅଭିନୟ କରିଲେ ଏହା ପ୍ରଶଂସନୀୟ ହୋଇଥାଏ। ■

# ଭାରତ-ପାକିସ୍ତାନ ହାଇଭୋଲ୍‌ଟେଜ୍ ମୁକାବିଲା ଆଜି




**ଦୁବାଇ, ୧୩।୯ (ଏଜେନ୍ସି):** ବିଶ୍ୱ କ୍ରିକେଟର ଦୁଇ ଶକ୍ତି ତଥା ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ଏସିଆ କପ୍ କ୍ରିକେଟର ଗ୍ରୁପ୍-ବି' ମୁକାବିଲା ଆସନ୍ତାକାଲି ବା ରବିବାର ଏଠାରେ ଖେଳାଯିବ। ଏହାକୁ ଏକ ହାଇଭୋଲ୍ଟେଜ ମ୍ୟାଚ୍ ବା ଆଉ କେତେକ ମହାମୁକାବିଲା ଭାବେ ବର୍ଣ୍ଣନା କରୁଥିଲେ ମଧ୍ୟ ଏଥର ସେଭଳି ଉତ୍ସାହ ନାହିଁ। ବିଶେଷ କରି ଭାରତ ଓ ପାକିସ୍ତାନ ଯେଉଁଠାରେ ଖେଳିଲେ ମଧ୍ୟ ଏମାନଙ୍କ ମୁକାବିଲା ପୂର୍ବରୁ ଟିକଟ ଅଧଘଣ୍ଟା ମଧ୍ୟରେ ବିକ୍ରି ହୋଇଯାଇଥାଏ। କିନ୍ତୁ ଏଠାରେ ତାହା ଦେଖିବାକୁ ମିଳିନାହିଁ। ୨୫,୦୦୦ କ୍ଷମତା ବିଶିଷ୍ଟ ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଏଯାଏ ଅନେକ ଟିକଟ ବିକ୍ରି ହୋଇପାରି ନାହିଁ। ଏହାର କାରଣ ଯାହା ହେଉନା କାହିଁକି ମ୍ୟାଚ୍‌ରେ ଷ୍ଟାଡିୟମ୍ ପୂରା କରିବାକୁ ଆୟୋଜକମାନେ କୌଣସି ଉଦ୍ୟମ ଛାଡୁନାହାନ୍ତି ଓ ସମସ୍ତ ଟିକଟ ବିକ୍ରି ହୋଇଯିବ ବୋଲି ଆଶା ରଖିଛନ୍ତି। ଏହା ମଧ୍ୟରେ ଉଭୟ ଦଳ ଗୋଟିଏ ଲେଖାଏଁ ଗ୍ରୁପ୍-ଲିଗ୍ ମ୍ୟାଚ୍ ଖେଳିସାରିଛନ୍ତି। ଉଭୟ ଦଳ ପ୍ରଥମ ମୁକାବିଲାକୁ ସହଜରେ ଜିତିଥିଲାବେଳେ ଆସନ୍ତାକାଲି ମ୍ୟାଚ୍‌ରେ ଯେଉଁ ଦଳ ଜିତିବ, ସେହି ଦଳ ଗ୍ରୁପ୍‌ରେ ପ୍ରଥମସ୍ଥାନ ଅଧିକାର କରିବ ଓ ପ୍ରଥମେ ସୁପର-୪'ରେ ପ୍ରବେଶ କରିବ। ଏଣୁ ଭାରତକୁ ହରାଇବା ଲାଗି ପାକିସ୍ତାନ ଦଳ କୌଣସି ସାମାନ୍ୟତମ ସୁଯୋଗକୁ ହାତଛଡ଼ା କରିବ ନାହିଁ ବୋଲି ଆଶାକରାଯାଉଛି।

## ● ନୂଆ ଖେଳାଳିଙ୍କ ଆକର୍ଷଣ କମ୍

ଏସିଆ କପ୍‌ରେ ଏଥର ଭାଗନେଇଥିବା ଅନେକ ଖେଳାଳି ନବାଗତ। ଘରୋଇ ତଥା ଫ୍ରାଞ୍ଚାଇଜ୍ କ୍ରିକେଟର ସଫଳତାକୁ ନେଇ ଉଭୟ ଦେଶର ଦଳ ଗଠନ କରାଯାଇଛି। ଯେହେତୁ ଏହା ଟି-୨୦ ଫର୍ମାଟରେ ଖେଳାଯାଉଛି, ସେଥିଲାଗି ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଉଛି। ଉଭୟ ଅଧିନାୟକ ଭାରତର ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନର ସଲମାନ ଅଲି ଆଘା ପ୍ରଥମଥର ଏସିଆ କପ୍‌ରେ ଦଳର ନେତୃତ୍ୱ ନେଉଛନ୍ତି। ଏଣୁ ସମର୍ଥକଙ୍କ ନିକଟରେ ଏମାନେ ଏତେ ଅଧିକ ଲୋକପ୍ରିୟତା ହାସଲ କରିପାରିନାହାନ୍ତି। ଏହାର ଅର୍ଥ ନୁହେଁ ଯେ ସେମାନଙ୍କ ନିକଟରେ ଦକ୍ଷତା ନାହିଁ। ଭାରତୀୟ ଦଳ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ପାକିସ୍ତାନ ଟିକେ ପଛରେ ପଡ଼ିଛି। ଉଭୟ ଦେଶ ମୁକାବିଲା ବେଳେ ଏଭଳି ତଥ୍ୟର କିଛି ମୂଲ୍ୟ ନ ଥାଏ। ଏଣୁ ଏହି ମ୍ୟାଚ୍‌ର ଫଳାଫଳ ଏକତରଫା ହେଉ କି ପ୍ରତିଦ୍ୱନ୍ଦ୍ୱିତାମୂଳକ, ଷ୍ଟାଡିୟମ ନିଶ୍ଚିତ ଭରପୁର ରହିବ।

ଉଭୟଦେଶର ଖେଳାଳି ସେମାନଙ୍କ ପ୍ରିମିୟର ଲିଗ୍‌ରେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳର ୧ରୁ ୧୧ ନମ୍ବର ଖେଳାଳିଙ୍କ ନିକଟରେ ମ୍ୟାଚ୍ ଜିତାଇବାର ଦକ୍ଷତା ରହିଛି। ପାକିସ୍ତାନର ଖେଳାଳିମାନେ ମଧ୍ୟ କମ୍ ନୁହଁନ୍ତି। କିନ୍ତୁ ଏମାନଙ୍କ ମଧ୍ୟରେ ଯିଏ ଜିତୁ ନା କାହିଁକି, ମୁକାବିଲା ଅଧିକାଂଶ ସମୟ ଏକତରଫା ହୋଇଥାଏ। ପ୍ରଥମ ମ୍ୟାଚ୍‌ରେ ଭାରତ ଯେପରି ୪.୩ ଓଭରରେ ବା ପାୱାରପ୍ଲେ'ରେ ମ୍ୟାଚ୍ ଜିତିଲା ତାହା ଅନ୍ୟ ଦଳପ୍ରତି ଏକ ଚେତାବନୀ। ବୋଲର ହୁଅନ୍ତୁ କିମ୍ବା ବ୍ୟାଟର ଏମାନେ ଯେ କୌଣସି ପ୍ରତିଦ୍ୱନ୍ଦ୍ୱୀଙ୍କୁ ଏକତ୍ର ହୋଇ ପରାଜିତ କରିବାର ଅନେକ ନଜର ରହିଛି। ବିଶ୍ୱଚାମ୍ପିଅନ ଭାରତୀୟଦଳ ଦମ୍ ଦେଖାଇବ ବୋଲି ଆଶା କରାଯାଉଛି।

DP WORLD ASIA CUP 2025

**ଆଜିର ମ୍ୟାଚ୍**

**ଭାରତ-ପାକିସ୍ତାନ**
ସ୍ଥାନ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

### ରେକର୍ଡରେ ଭାରତ ଆଗୁଆ

୧୩ ବର୍ଷ ହେଲା ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ସିରିଜ୍ ଖେଳାଯାଉନାହିଁ। ଉଭୟ ଦେଶ ରାଜନୈତିକ ବାତାବରଣ ଯୋଗୁଁ ଅନ୍ୟ ଦେଶକୁ ଲୋକପ୍ରିୟ କ୍ରିକେଟକୁ ପଠାଇବାକୁ ଚାହୁଁ ନାହାନ୍ତି। କିନ୍ତୁ କ୍ରିକେଟ ଖେଳର ସର୍ବୋଚ୍ଚ ସଂସ୍ଥା ଆଇସିସି ଦ୍ୱାରା ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ପରସ୍ପର ସହ ଖେଳୁଛନ୍ତି। ୨୦୦୭ରେ ପ୍ରଥମଥର ଆୟୋଜିତ ଟି-୨୦ ବିଶ୍ୱକପ୍‌ରେ ଉଭୟ ଦଳ ପରସ୍ପର ସହ ଭେଟାଭେଟି ହୋଇଥିଲେ। ବିଶ୍ୱ କ୍ରିକେଟରେ ୨୦୦୭ ସେପ୍ଟେମ୍ବର ୧୪ରେ ଉଭୟ ଦଳ ପରସ୍ପର ସହ ପ୍ରଥମ ମ୍ୟାଚ୍ ଖେଳିଥିଲେ। ଏବେ ଏସିଆ କପ୍‌ରେ ଦୀର୍ଘ ୧୮ ବର୍ଷ ପରେ ସେହି ସେପ୍ଟେମ୍ବର ୧୪ରେ ଉଭୟଙ୍କ ମଧ୍ୟରେ ୧୪ତମ ଟି-୨୦ ମୁକାବିଲା ଅନୁଷ୍ଠିତ ହେବ। ଏହା ପୂର୍ବରୁ ଖେଳାଯାଇଥିବା ୧୩ଟି ମଧ୍ୟରୁ ପ୍ରଥମ ମ୍ୟାଚ୍‌ଟି ଟାଇ ରହିଥିଲା। ତତ୍‌କାଳୀନ ନିୟମ ଅନୁଯାୟୀ ଭାରତ ବୋଲ ଆଉଟରେ ଏହି ମ୍ୟାଚ୍‌କୁ ଜିତିଥିଲା। ଭାରତ ମଧ୍ୟ ଫାଇନାଲରେ ପାକିସ୍ତାନକୁ ୫ ରନ୍‌ରେ ହରାଇ ପ୍ରଥମ ଟାଇଟଲ ଜିତିଥିଲା। ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ୧୨ଟି ପୂର୍ଣ୍ଣାଙ୍ଗ ମୁକାବିଲା ମଧ୍ୟରୁ ଭାରତ ୯ଟିରେ ଓ ପାକିସ୍ତାନ ମାତ୍ର ୩ଟିରେ ବିଜୟୀ ହୋଇଛି। ଏସିଆ କପ୍‌ରେ ୩ଟି ଟି-୨୦ ମୁକାବିଲାରୁ ଭାରତ ୨ଟିରେ ଜିତିଛି। କିନ୍ତୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଶେଷ ୫ଟି ମୁକାବିଲା ମଧ୍ୟରୁ ଭାରତ ୩ଟି ଓ ପାକିସ୍ତାନ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଏଣୁ ଗତ ୫ଟି ମୁକାବିଲାରେ ଭାରତ ସହ କଡା ଟକ୍କର ଦେଇଛି ପାକିସ୍ତାନ। ଏଠାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

### ଖେଳାଳି ତାଲିକା

**ଭାରତ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ଜିତେଶ ଶର୍ମା (ଉଭୟ ୱିକେଟରକ୍ଷକ), ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ରିଙ୍କୁ ସିଂ, ଅକ୍ଷର ପଟେଲ, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

**ପାକିସ୍ତାନ:** ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଅହମ୍ମଦ୍, ଫହୀମ ଅଶ୍ରଫ୍, ଫକର ଜମାନ, ହାରିସ୍ ରୌଫ୍, ହାସନ ଅଲି, ହାସନ ନୱାଜ, ହୁସେନ ତଲତ, ଖୁସ୍‌ଦିଲ ଶାହ, ମହମ୍ମଦ୍ ହାରିସ୍ (ୱିକେଟରକ୍ଷକ), ମହମ୍ମଦ୍ ନୱାଜ, ମହମ୍ମଦ୍ ୱାସିମ୍, ସାହିବଜାଦା ଫରହାନ, ସାଇମ ଆୟୁବ, ସଲମାନ ମିର୍ଜା, ସାହିନ ଆଫ୍ରିଦୀ ଓ ସୁଫିୟାନ ମୁକୀମ୍।

● ଏସିଆ କପ୍ କ୍ରିକେଟ୍

## ଶ୍ରୀଲଙ୍କାର ସହଜ ବିଜୟ

**ଆବୁଧାବି, ୧୩।୯ (ଏଜେନ୍ସି):** ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍‌ରେ ଶନିବାର ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ଶ୍ରୀଲଙ୍କା ସହଜରେ ୬ ୱିକେଟରେ ବାଂଲାଦେଶକୁ ହରାଇ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ଶେଖ୍ ଜାୟେଦ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୫୩ ରନରେ ୫ ୱିକେଟ୍ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଏହାପରେ ଜାକର ଅଲି (୪୧ ରନ) ଓ ସମିମ ହୋସେନ (୪୨ ରନ) ଶେଷ ପର୍ଯ୍ୟନ୍ତ ଅପରାଜିତ ଉପଯୋଗୀ ପାଳି ଖେଳିବାରୁ ଦଳ ୫ ୱିକେଟ୍‌ରେ ୧୩୯ ରନ କରିପାରିଥିଲା। ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗାଙ୍କୁ ସର୍ବାଧିକ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଶ୍ରୀଲଙ୍କା ଓପନର୍ ପାଥୁମ ନିଶାଙ୍କ'ଙ୍କ ଅର୍ଦ୍ଧଶତକ ବଳରେ ୧୪.୪ ଓଭରରେ ୪ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ନିଶାଙ୍କ ୫୦ ଓ କାମିଲ ମିଶାରା ଅପରାଜିତ ୪୬ ରନ କରିଥିଲେ। ବିଜୟ ସହ ଶ୍ରୀଲଙ୍କା ୨ ପଏଣ୍ଟ ପାଇ ଖାତା ଖୋଲିଛି। ଶ୍ରୀଲଙ୍କା ପରବର୍ତ୍ତୀ ମ୍ୟାଚରେ ସୋମବାର ହଂକଂକୁ ଭେଟିବ। ଅପରପକ୍ଷରେ ପ୍ରଥମ ମ୍ୟାଚରେ ହଂକଂକୁ ୭ ୱିକେଟରେ ହରାଇଥିବା ବାଂଲାଦେଶ ଏବେ ସୁପର୍-୪ ପର୍ଯ୍ୟାୟରେ ପ୍ରବେଶ କରିବା ନେଇ ଆଶଙ୍କାରେ ରହିଛି। ବାଂଲାଦେଶ ଏହାର ଶେଷ ଗ୍ରୁପ୍ ମ୍ୟାଚରେ ମଙ୍ଗଳବାର ଆଫଗାନିସ୍ତାନକୁ ଭେଟିବ।

## ସୁଟିଂ ବିଶ୍ୱକପ୍‌ରେ ସ୍ୱର୍ଣ୍ଣ ଜିତିଲେ ଇଶା



**ନିନବୋ, ୧୩।୯ (ଏଜେନ୍ସି):** ଚାଇନାରେ ଚାଲିଥିବା ଆଇଏସ୍ଏସ୍ଏଫ୍ ରାଇଫଲ/ପିସ୍ତଲ ସୁଟିଂ ବିଶ୍ୱକପ୍‌ରେ ଭାରତର ଇଶା ସିଂ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଇଶା ପୋଡିୟମର ପ୍ରଥମ ସ୍ଥାନରେ ରହି ଏହି ସଫଳତା ପାଇଥିଲେ। ଫାଇନାଲରେ ଇଶା ଓ ଘରୋଇ ଚାଇନା ସୁଟର୍ ୟାଓ ଜିଆନଜୁନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ଶେଷରେ ଇଶା ମାତ୍ର ୦.୧ ସ୍କୋରରେ ବାଜିମାତ୍ କରି ଚାମ୍ପିଅନ ହୋଇଥିଲେ। ଇଶା ୨୪୨.୬ ସ୍କୋର କରିଥିଲେ। ସେହିଭଳି ଜିଆନଜୁନ ୨୪୨.୫ ସ୍କୋର ସହ ଅଳ୍ପକେ ଶୀର୍ଷ ସ୍ଥାନ ହରାଇଥିଲେ। ଡିଫେଣ୍ଡିଂ ଅଲିମ୍ପିକ ଚାମ୍ପିଅନ ଦକ୍ଷିଣ କୋରିଆର ଓହ ୟେଜିନ ୩ୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ।

## ମହିଳା ଫୁଟ୍‌ବଲ୍ ଚୟନ କମିଟିରେ ଶ୍ରଦ୍ଧାଞ୍ଜଳି ଅଧ୍ୟକ୍ଷା

**ଭୁବନେଶ୍ୱର, ୧୩।୯ (ସମିସ):** ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଶନିବାର ରାଜ୍ୟ ମହିଳା ଫୁଟ୍‌ବଲର ନୂତନ ଚୟନ କମିଟି ଗଠନ କରାଯାଇଛି। ଜାତୀୟ ଦଳର ପୂର୍ବତନ ଅଧିନାୟିକା ତଥା ଫାଓ ଯୁଗ୍ମ ସମ୍ପାଦକ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଉଭୟ ସିନିଅର ଓ ଜୁନିଅର ଦଳ ଚୟନ କମିଟିର ଅଧ୍ୟକ୍ଷା ନିଯୁକ୍ତ ହୋଇଛନ୍ତି। ସିନିଅର ଚୟନ କମିଟିରେ ରଞ୍ଜିତା ମହାନ୍ତି, ଗୀତାଞ୍ଜଳି ଖୁଣ୍ଟିଆ, ଗାୟତ୍ରୀ ମଲ୍ଲିକ ଓ ସସ୍ମିତା ମଲ୍ଲିକ ସଦସ୍ୟ ରହିଛନ୍ତି। ସେହିଭଳି ସରିତା ଜୟନ୍ତୀ ବେହେରା, ମମତା କୁମାରୀ ସାମନ୍ତ, ଆଲୋଚନା ସେନାପତି, ସୁପ୍ରଭା ସାମଲ ଓ ସ୍ୱର୍ଣ୍ଣମୟୀ ସାମଲ ଜୁନିଅର ଚୟନ କମିଟିରେ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ବିଭିନ୍ନ ଜାତୀୟସ୍ତରୀୟ ସିନିଅର ଓ ଜୁନିଅର ଟୁର୍ଣ୍ଣାମେଣ୍ଟ ଲାଗି ଏହି କମିଟି ଦଳ ଚୟନ କରିବ। ଏହି ଅବସରରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଦୁଲୀପ ଟ୍ରଫି: ଡ୍ରାଇଭର ସିଟ୍‌ରେ କେନ୍ଦ୍ରାଞ୍ଚଳ

**ବେଙ୍ଗାଲୁରୁ, ୧୩।୯ (ଏଜେନ୍ସି):** ଏଠାରେ ଚାଲିଥିବା ଦୁଲୀପ୍ ଟ୍ରଫି ଫାଇନାଲ ମୁକାବିଲାରେ ଦକ୍ଷିଣାଞ୍ଚଳ ବିପକ୍ଷରେ କେନ୍ଦ୍ରାଞ୍ଚଳ ଦୃଢ଼ସ୍ଥିତିରେ ରହିଛି। ୩୬୨ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଦକ୍ଷିଣାଞ୍ଚଳ ଶନିବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୩୩ ଓଭରରେ ୨ ୱିକେଟ ହରାଇ ୧୨୯ ରନ ସଂଗ୍ରହ କରିଛି। ଆଠ ୱିକେଟ୍ ବଳକା ଥାଇ ପାଳି ପରାଜୟ ଏଡ଼ାଇବା ଲାଗି ଦକ୍ଷିଣାଞ୍ଚଳ ଆହୁରି ୨୩୩ ରନ ଆବଶ୍ୟକ କରୁଛି। ପୂର୍ବରୁ ଶନିବାର ସକାଳେ କେନ୍ଦ୍ରାଞ୍ଚଳ ଏହାର ଅସମାପ୍ତ ପ୍ରଥମ ପାଳି ସ୍କୋର ୩୮୪/୫ରୁ ବ୍ୟାଟିଂ ଆରମ୍ଭ କରି ୫୧୧ ରନରେ ସୀମିତ ରହିଥିଲା। ୧୩୭ ରନ କରି ଅପରାଜିତ ରହିଥିବା ଯଶ ରାଠୋଡ ଆଜି ୧୯୪ ରନରେ ଆଉଟ୍ ହୋଇ ଅଳ୍ପକେ ଦ୍ୱିଶତକରୁ ବଞ୍ଚିତ ହୋଇଥିଲେ। ଦକ୍ଷିଣାଞ୍ଚଳର ଦୁଇ ବୋଲର ଗୁରଜାପନୀତ୍ ସିଂହ ଓ ଅଙ୍କିତ ଶର୍ମା ୪ଟି ଲେଖାଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ୧୪୯ ରନରେ ଅଲ୍‌ଆଉଟ୍ ହୋଇଥିଲା। ଖେଳ ଆହୁରି ୨ ଦିନ ବାକି ଥିବାରୁ କେନ୍ଦ୍ରାଞ୍ଚଳ ମ୍ୟାଚକୁ ନିଜ ନିୟନ୍ତ୍ରଣରେ ରଖିଛି।

## ୩୦ ଲିଟର ମାତୃକ୍ଷୀର ଦାନ କଲେଣି ଜ୍ୱାଲା



**ହାଇଦରାବାଦ୍, ୧୩।୯ (ଏଜେନ୍ସି):** ପୂର୍ବତନ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଜ୍ୱାଲା ଗୁଟ୍ଟା ଏକ ଅନନ୍ୟ ପ୍ରୟାସ ଆରମ୍ଭ କରିଛନ୍ତି। ଯାହାକୁ ନେଇ ସେ ବର୍ତ୍ତମାନ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ଗତ ଏପ୍ରିଲରେ ମାତୃତ୍ୱ ଲାଭ କରିଥିବା ୪୨ ବର୍ଷୀୟା ଜ୍ୱାଲା ସମ୍ପ୍ରତି ହାଇଦରାବାଦର ଏକ ସରକାରୀ ହସ୍ପିଟାଲକୁ ପ୍ରତିଦିନ ନିଜର ୬୦୦ ଗ୍ରାମ ମାତୃକ୍ଷୀର ଦାନ କରୁଛନ୍ତି। ଯେଉଁ ନବଜାତ ଶିଶୁମାନଙ୍କର ମା ନାହାନ୍ତି ସେମାନଙ୍କୁ ସାହାଯ୍ୟ କରିବାକୁ ଜ୍ୱାଲା ନିଜର ଅତିରିକ୍ତ କ୍ଷୀରକୁ ଦାନ କରିବା ଭଳି ମହନୀୟ ନିଷ୍ପତ୍ତି ନେଇଛନ୍ତି। ଛୋଟ ଓ ନିଷ୍ପାପ ଶିଶୁଙ୍କ ଜୀବନ ବଞ୍ଚାଇବା ଲାଗି ସେ ଆରମ୍ଭ କରିଥିବା ଏହି ପ୍ରୟାସକୁ ନେଇ ତାଙ୍କୁ ଚାରିଆଡ଼ୁ ପ୍ରଶଂସା କରାଯାଉଛି। ତାଙ୍କର ଏହି କାର୍ଯ୍ୟକୁ ପ୍ରେରଣାଦାୟୀ ଭାବେ ଦେଖାଯାଉଛି। ରିପୋର୍ଟ ଅନୁସାରେ ଜ୍ୱାଲା ସେପ୍ଟେମ୍ବର ୧୨ ସୁଦ୍ଧା ମୋଟ୍ ୩୦ ଲିଟର କ୍ଷୀର ଦାନ କରିସାରିଲେଣି। ଉଲ୍ଲେଖଯୋଗ୍ୟ, ଜ୍ୱାଲା ୨୦୦୫ରେ ସାଥୀ ଖେଳାଳି ଚେତନ ଆନନ୍ଦଙ୍କୁ ବିବାହ କରିଥିଲେ। ୨୦୧୧ରେ ଉଭୟଙ୍କ ମଧ୍ୟରେ ବିଚ୍ଛେଦ ଘଟିଥିଲା। ଏହାପରେ ଜ୍ୱାଲା ୨୦୨୧ରେ ତାମିଲ ଅଭିନେତା ବିଷ୍ଣୁ ବିଶାଲଙ୍କୁ ଦ୍ୱିତୀୟ ବିବାହ କରିଥିଲେ।

## ଫାଇନାଲରେ ଲକ୍ଷ୍ୟ, ସାତ୍ତ୍ୱିକ-ଚିରାଗ

**ନୂଆଦିଲ୍ଲୀ, ୧୩।୯ (ଏଜେନ୍ସି):** ଚଳିତ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନର ଦୁଇଟି ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ଲକ୍ଷ୍ୟ ସେନ୍ ୨୩-୨୧, ୨୨-୨୦ ସିଧାସଳଖ ଗେମରେ ଚାଇନିଜ ତାଇପେଇର ଚୋଉ ତିଏନଙ୍କୁ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛନ୍ତି। ଅପରପକ୍ଷରେ ପୁରୁଷ ଡବଲ୍ସରେ ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ମଧ୍ୟ ଟାଇଟଲ୍ ଲଢ଼େଇରେ ଅବତୀର୍ଣ୍ଣ ହୋଇଛନ୍ତି। ସାତ୍ତ୍ୱିକ-ଚିରାଗ ଯୋଡ଼ି ସେମିରେ ୨୧-୧୭, ୨୧-୧୫ରେ ଚାଇନିଜ ତାଇପେଇ ଯୋଡ଼ିଙ୍କୁ ପରାସ୍ତ କରିଥିଲେ।


■ କଳିଙ୍ଗରେ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ

## ଭାଗନେବେ ୨୨ ଦେଶର ୪୫୦ ଖେଳାଳି

**ଭୁବନେଶ୍ୱର,୧୩।୯ (ସମିସ):** ଏସୀୟ ଟେବଲ ଟେନିସର ଟିମ୍ ଚାମ୍ପିଅନସିପ୍ ପ୍ରଥମଥର ଆଇକନିକ କଳିଙ୍ଗ ଷ୍ଟାଡିୟମ୍‌ରେ ଅକ୍ଟୋବର ୧୧ରୁ ଆରମ୍ଭ ହେବ। ଏହି ପ୍ରତିଯୋଗିତା ଲାଗି ରାଜ୍ୟ ଟିଟି ଖେଳାଳି ଓ ସମର୍ଥକ ତଥା କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ବିଶେଷକରି ଟିଟିରେ ଏସିଆ ମହାଦେଶର ବିକଳ୍ପ ଏଯାଏ ସୃଷ୍ଟି ହୋଇପାରିନାହିଁ। ବିଶ୍ୱରେ ଚୀନ୍ ଏକ ଅପରାଜେୟ ଦଳ ଭାବେ ପ୍ରତିଷ୍ଠା ଲାଭ କରିଛି। ଦକ୍ଷିଣ କୋରିଆ, ଜାପାନ, ମାଲେସିଆ ଓ ଇଣ୍ଡୋନେସିଆ ମଧ୍ୟ ବିଶ୍ୱରେ ପ୍ରତିଷ୍ଠା ଲାଭ କରିଛନ୍ତି। ଏଠାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିବାକୁ ଯାଉଛି। ଗୋଟିଏ ହେଉଛି ଲଣ୍ଡନରେ ହେବାକୁ ଥିବା ୨୦୨୬ ୱାର୍ଲ୍ଡ ଟିମ୍ ଚାମ୍ପିଅନସିପ୍ ଲାଗି ପ୍ରସ୍ତୁତି ଏବଂ ଦ୍ୱିତୀୟଟି ହେଉଛି ଏସୀୟ ଟେବଲ ଟେନିସ ୟୁନିଅନ୍‌ର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ। ଅକ୍ଟୋବର ୧୩ରେ ବୈଠକ ହେବାର କାର୍ଯ୍ୟକ୍ରମ ଥିଲାବେଳେ ୧୫ରେ ପ୍ରତିଯୋଗିତା ଶେଷ ହେବ।

### ଦ୍ୱିତୀୟ ଟି-୨୦ରେ ଦକ୍ଷିଣ ଆଫ୍ରିକା ଧରାଶାୟୀ

## ସଲ୍ଟଙ୍କ ଶତକରେ ଇଂଲଣ୍ଡର ରେକର୍ଡ ବିଜୟ




**ମାଞ୍ଚେଷ୍ଟର, ୧୩।୯ (ଏଜେନ୍ସି):** ଓପନର୍ ଫିଲ୍ଲ ସଲ୍ଟଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଘରୋଇ ଇଂଲଣ୍ଡ ରେକର୍ଡ ୧୪୬ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଟି-୨୦ରେ ରନ ବ୍ୟବଧାନରେ ଇଂଲଣ୍ଡର ଏହା ସର୍ବବୃହତ ବିଜୟ ହୋଇଛି। ପୂର୍ବରୁ ପ୍ରଥମ ଟି-୨୦କୁ ୧୪ ରନରେ ହାରିଥିବା ଇଂଲଣ୍ଡ ଏଥିସହ ସିରିଜକୁ ୧-୧'ର ସମାନସ୍ତରକୁ ଆଣିଛି। ରବିବାର ନିର୍ଣ୍ଣାୟକ ତଥା ୩ୟ ଟି-୨୦ ଖେଳାଯିବ।

ଏହି ମ୍ୟାଚରେ ଟସ୍ ହାରି ଇଂଲଣ୍ଡ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଇଂଲଣ୍ଡ ପାଇଁ ଦୁଇ ଓପନର୍ ଜୋଶ୍ ବଟଲର ଓ ଫିଲ୍ଲ ସଲ୍ଟ ବିଧ୍ୱଂସୀ ବ୍ୟାଟିଂ କରି ପ୍ରଥମ ୬ ଓଭରରେ ୧୦୦ ଓ ୮ ଓଭରରେ ରେକର୍ଡ ୧୨୬ ଉଠାଇଥିଲେ। ଅଭିଜ୍ଞ ବଟଲର ୩୦ ବଲରେ ୮୩ ରନ କରି ଆଉଟ୍ ହୋଇଥିଲେ। ଏହି ବିସ୍ଫୋରକ ପାଳିରେ ସେ ୮ ଚୌକା ଓ ୭ ଛକା ମାରିଥିଲେ। ଏହାପରେ ଅନ୍ୟତମ ଓପନର୍ ସଲ୍ଟ କିନ୍ତୁ ତାଙ୍କ ଦ୍ରୁତ ବ୍ୟାଟିଂ ଜାରି ରଖିଥିଲେ। ୩୯ ବଲରେ ଶତକ ହାସଲ କରିଥିବା ସଲ୍ଟ ୬୦ ବଲରୁ ୧୪୧ ରନ (୧୫ଟି ଚୌକା ଓ ୮ଟି ଛକା) କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଫଳରେ ଇଂଲଣ୍ଡ ୨ ୱିକେଟ୍‌ରେ ୩୦୪ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜାକବ ବେଥେଲ ୨୬ ଓ ଅଧିନାୟକ ହ୍ୟାରୀ ବ୍ରୁକ ଅପରାଜିତ ୪୨ ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୮ ରନରେ ଅଲ୍‌ଆଉଟ୍ ହୋଇଥିଲା। ଏହି ମ୍ୟାଚରେ ଇଂଲଣ୍ଡ ଏକାଧିକ ରେକର୍ଡ କରିଛି। ଟି-୨୦ରେ ୩ୟ ଦଳ ଭାବେ ଇଂଲଣ୍ଡ ୩୦୦ ରନ ଅତିକ୍ରମ କରିଛି। କିନ୍ତୁ ଟେଷ୍ଟ ମାନ୍ୟତାପ୍ରାପ୍ତ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଏକ ଟି-୨୦ରେ ପ୍ରଥମଥର ଦଳଗତ ସ୍କୋର ୩୦୦ ଡେଇଁଛି। ପୂର୍ବରୁ ୨୦୨୪ରେ ବାଂଲାଦେଶ ବିପକ୍ଷରେ ଭାରତ ୬ ୱିକେଟ୍‌ରେ ୨୯୭ ରନ କରିଥିଲା। ତେବେ ଟି-୨୦ରେ ସର୍ବାଧିକ ଦଳଗତ ସ୍କୋର ଜିମ୍ବାୱେ (୩୪୪/୪ ବନାମ ଗାମ୍ବିଆ) ନାମରେ ରହିଛି।

## ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଟେକ୍‌ନିକାଲ କମିଟିରେ ଗଗନେନ୍ଦୁ



**ଭୁବନେଶ୍ୱର, ୧୩।୯ (ସମିସ):** ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୫ମ ସଂସ୍କରଣ ଆସନ୍ତା ନଭେମ୍ବରରେ ରାଜସ୍ଥାନରେ ଖେଳାଯିବ। ଜୟପୁରର ପୂର୍ଣ୍ଣିମା ବିଶ୍ୱବିଦ୍ୟାଳୟ ଓ ରାଜସ୍ଥାନ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ଏହି ମେଗା ଇଭେଣ୍ଟକୁ ଆ।ୟୋଜିତ କରିବେ। ଏହି ପ୍ରତିଯୋଗିତାରେ ୨୦ଟି ଇଭେଣ୍ଟରେ ୮୦୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଏଥିଲାଗି ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟର ଡ. ଗଗନେନ୍ଦୁ ଦାଶଙ୍କୁ ଏକ ବଡ଼ ଦାୟିତ୍ୱ ପ୍ରଦାନ କରାଯାଇଛି। ଗେମ୍ସ ଟେକନିକାଲ କଣ୍ଡକ୍ଟ କମିଟି (ଜିଟିସିସି)ରେ ପୂର୍ବାଞ୍ଚଳରୁ ସଦସ୍ୟ ଭାବେ ଗଗନେନ୍ଦୁଙ୍କୁ ମନୋନୀତ କରାଯାଇଛି। ଏଥିଲାଗି କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।

ଏସିଆ କପ୍ ମହିଳା ହକି

## ଆଜି ଭାରତ-ଚୀନ୍ ଫାଇନାଲ ମୁକାବିଲା




**ହାଙ୍ଗଝୋଉ,୧୩।୯ (ଏଜେନ୍ସି):** ଭାରତ ଓ ଚୀନ୍ ମଧ୍ୟରେ ଚଳିତ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାର ଫାଇନାଲ ମୁକାବିଲା ହେବ। ଏହି ମ୍ୟାଚଟି ରବିବାର ଭାରତୀୟ ସମୟ ସନ୍ଧ୍ୟା ୫ଟା ୩୦ରୁ ଆରମ୍ଭ ହେବ। ଆଜି ତଥା ଶନିବାର ଖେଳାଯାଇଥିବା ସୁପର-୪'ର ଶେଷ ପର୍ଯ୍ୟାୟ ଶେଷ ଲିଗ୍ ମ୍ୟାଚ୍‌ରେ ଚୀନ୍ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିବା ପରେ ଭାରତ ଫାଇନାଲ ଖେଳିବା ରାସ୍ତା ପରିଷ୍କାର କରିନେଇଥିଲା।

କୋରିଆ ପରାଜିତ ହେବା ପରେ ଚୀନ୍ ୩ଟି ମ୍ୟାଚ୍‌ରୁ ୩ଟିରେ ବିଜୟୀ ହୋଇ ସୁପର-୪'ରେ ପ୍ରଥମ ସ୍ଥାନ ଅଧିକାର କରି ଫାଇନାଲରେ ସ୍ଥାନ ପକ୍କା କରିଥିଲା। ପୂର୍ବରୁ ଭାରତ ୧-୧ ଗୋଲ୍‌ରେ ଜାପାନ ସହ ମ୍ୟାଚ୍ ଡ୍ର ରଖିବା ଫଳରେ ଫାଇନାଲ ଖେଳିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ଦଳ ୩ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ, ଗୋଟିଏ ଡ୍ର ଓ ଗୋଟିଏ ପରାଜୟରୁ ୪ ପଏଣ୍ଟ ପାଇ ସୁପର-୪'ରେ ଦ୍ୱିତୀୟସ୍ଥାନରେ ରହିଥିଲା। ସୁପର-୪'ରେ ଚୀନ୍ ଓ ଭାରତ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଜାପାନ ବିପକ୍ଷରେ ଭାରତ ଆଜି ଖେଳିଥିବା ମ୍ୟାଚ୍‌ରେ ଭାରତ ଆରମ୍ଭରୁ ସୁଯୋଗ ପାଇ ଏହାର ସଦ୍‌ବ୍ୟବହାର କରିଥିଲା। ଖେଳର ପ୍ରଥମ କ୍ୱାର୍ଟରର ୭ମ ମିନିଟରେ ନେହାଙ୍କଠାରୁ ପାସ୍ ପାଇ ବିଉଟି ଡୁଙ୍ଗ ଡୁଙ୍ଗ୍ ଗୋଲ ଦେବାରେ ସମର୍ଥ ହୋଇଥିଲେ। ଏହି ଗୋଲ ପରେ ଭାରତୀୟ ଖେଳାଳି ଉତ୍ସାହିତ ହୋଇଥିଲାବେଳେ ଜାପାନ ଖେଳାଳିମାନେ ଆକ୍ରମଣାତ୍ମକ ହୋଇପଡ଼ିଥିଲେ। ଏହା ପରେ ଜାପାନ ଏକାଧିକ ଆକମଣ ରଚନା କରିଥିଲେ ମଧ୍ୟ ଗୋଲ ଦେଇ ପାରି ନ ଥିଲା। ଖେଳର ଶେଷ ସମୟରେ ଅର୍ଥାତ୍ ୫୮ତମ ମିନିଟ୍‌ରେ ସିହୋ କୋବାୟାକା ଗୋଲ ଶୁଝାଇ ଦେଇଥିଲେ। ଅବଶିଷ୍ଟ ସମୟରେ କେହି କାହାରିକୁ ଗୋଲ ଦେଇ ନପାରିବା ଫଳରେ ଖେଳ ୧-୧ ଗୋଲରେ ସମାନସ୍ତରରେ ରହିଥିଲା।

ଯୁବ ଏସିଆନ ହ୍ୟାଣ୍ଡବଲ୍

## ଭାରତୀୟ ଦଳରେ ସୁପ୍ରଜିତ ଓ ସ୍ୱସ୍ତିକ; ଗୌରୀ ପ୍ରଶିକ୍ଷକ

**ଭୁବନେଶ୍ୱର, ୧୩।୯ (ସମିସ):** ଜୋର୍ଡାନର ରାଜଧାନୀ ଅମାନ ସହରରେ ସେପ୍ଟେମ୍ବର ୧୫ ତାରିଖରୁ ଯୁବ ଏସିଆନ ହ୍ୟାଣ୍ଡବଲ ଚାମ୍ପିଅନସିପ (୧୭ ବର୍ଷରୁ କମ୍)ର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ସୁପ୍ରଜିତ ବେହେରା ଓ ସ୍ୱସ୍ତିକ ମହାପ୍ରସାଦ। ସେହିଭଳି ଯୁବ ଭାରତୀୟ ହ୍ୟାଣ୍ଡବଲ ଦଳର ପ୍ରଶିକ୍ଷକ ଭାବେ ଓଡ଼ିଶାର ଗୌରୀ ଶଙ୍କର ମିଶ୍ର ଜୋର୍ଡାନ ଯାତ୍ରା କରିଛନ୍ତି। ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଏହି ତିନିଜଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS